CMYK

* Vol.- 46, Issue No. 40
* Monday, 11 May 2026
* ସୋମବାର, ୧୧ ମଇ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ମଧ୍ୟପ୍ରାଚ୍ୟ ଯୁଦ୍ଧ ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

# ଦେଶ ପାଇଁ ମଧ ବଞ୍ଚିବା

ହାଇଦ୍ରାବାଦ,୧୦।୫: ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଉପୁଜିଥିବା ବିଶ୍ୱ ସଙ୍କଟର ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନାଗରିକମାନଙ୍କୁ ଏକତ୍ର ରହିବାକୁ ଆହ୍ୱାନ ଦେଇଛନ୍ତି। ଇନ୍ଧନ ସଂରକ୍ଷଣ କରିବାକୁ, ସାର୍ବଜନୀନ ପରିବହନ ବ୍ୟବସ୍ଥା ବ୍ୟବହାର କରିବାକୁ, ଘରୁ କାର୍ଯ୍ୟ କରିବା (ୱାର୍କ ଫ୍ରମ୍ ହୋମ୍) ପୁନରୁଦ୍ଧାର କରିବାକୁ, ଅଣ-ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ଏବଂ ବିଦେଶ ଗସ୍ତ(ଛୁଟି)କୁ ଏଡାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ସିକନ୍ଦରାବାଦର ପରେଡ ଗ୍ରାଉଣ୍ଡରେ ବିଜେପି ଦ୍ୱାରା ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱ ଅର୍ଥନୈତିକ ବାଧା, ଯୋଗାଣ ଶୃଙ୍ଖଳା ଚ୍ୟାଲେଞ୍ଜ ଏବଂ ଅନ୍ତର୍ଜାତୀୟ ସଂଘର୍ଷ ଯୋଗୁଁ ବୃଦ୍ଧି ପାଉଥିବା ମୂଲ୍ୟର ସମ୍ମୁଖୀନ ହେବାରେ ସାହାଯ୍ୟ କରିବା ପାଇଁ ଏକତ୍ର ଅଂଶଗ୍ରହଣ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଦେଶକୁ ଚ୍ୟାଲେଞ୍ଜ ଦୂର କରିବାରେ ସାହାଯ୍ୟ କରିବା ପାଇଁ ନାଗରିକମାନଙ୍କୁ ଅନେକ



★ ବର୍ଷେ ପର୍ଯ୍ୟନ୍ତ ସୁନା କିଣନ୍ତୁ ନାହିଁ କି ବିଦେଶ ଯାଆନ୍ତୁ ନାହିଁ
★ ସାଧାରଣ ପରିବହନ, ଇଭି ବ୍ୟବହାର କରନ୍ତୁ
★ ମହଙ୍ଗା ହେତୁ ଇନ୍ଧନ ସଞ୍ଚୟ କରନ୍ତୁ

ପଦକ୍ଷେପ ପରାମର୍ଶ ଦେଇ ସେ ଜୋର ଦେଇଛନ୍ତି ଯେ ଦେଶପ୍ରେମ କେବଳ ଦେଶ ପାଇଁ ନିଜ ଜୀବନ ବଳିଦାନ ଦେବା ନୁହେଁ, ବରଂ କଷ୍ଟକର ସମୟରେ ଦାୟିତ୍ୱପୂର୍ଣ୍ଣ ଭାବରେ ବଞ୍ଚିବା ଏବଂ ଦେଶ ପ୍ରତି ନିଜ କର୍ତ୍ତବ୍ୟ ପାଳନ କରିବା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ, ଦେଶକୁ ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଉପରେ ମଧ ଗୁରୁତ୍ୱ ଦେବାକୁ ପଡିବ। ଯେହେତୁ ପେଟ୍ରୋଲ ଏବଂ ଡିଜେଲ ସାରା ବିଶ୍ୱରେ ଅତ୍ୟନ୍ତ ମହଙ୍ଗା ହୋଇଯାଇଛି। ତେଣୁ ଇନ୍ଧନ ସଞ୍ଚୟ କରିବା ଏବଂ ଏହା ଦ୍ୱାରା ପେଟ୍ରୋଲ ଏବଂ ଡିଜେଲ କିଣିବାରେ ଖର୍ଚ୍ଚ ହେଉଥିବା ବିଦେଶୀ ମୁଦ୍ରା ସଞ୍ଚୟ କରିବା ଆମର ଦାୟିତ୍ୱ।ସେ ନାଗରିକମାନଙ୍କୁ ମେଟ୍ରୋ ରେଳ ଏବଂ ସାଧାରଣ ପରିବହନ ବ୍ୟବହାର କରିବ,ସମ୍ଭବ ହେଲେ ବୈଦ୍ୟୁତିକ ଯାନବାହନ(ଇଭି)ର ବ୍ୟବହାର ବୃଦ୍ଧି କରିବା ପାଇଁ ଅନୁରୋଧ କରିଛନ୍ତି। ସେ ବିଦେଶୀ ମୁଦ୍ରା ପ୍ରବାହ ଉପରେ ଚାପ ହ୍ରାସ କରିବା ପାଇଁ ଲୋକଙ୍କୁ ଗୋଟିଏ ବର୍ଷ ପାଇଁ ଅଣ-ଅତ୍ୟାବଶ୍ୟକ ସୁନା କ୍ରୟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦଗୁଡ଼ିକୁ ପ୍ରାଥମିକତା ଦେବାକୁ ଉତ୍ସାହିତ କରିଛନ୍ତି। ସେ ପରିବାରଗୁଡ଼ିକୁ ଖାଦ୍ୟ ତେଲ ବ୍ୟବହାର ହ୍ରାସ କରିବାକୁ ଅନୁରୋଧ କରିଛନ୍ତି। ଏହା ଜାତୀୟ ଅର୍ଥନୈତିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଉଭୟକୁ ଲାଭ ଦାୟକ ହେବ । ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ ରାସାୟନିକ ସାର ବ୍ୟବହାର ୫୦ ପ୍ରତିଶତ ହ୍ରାସ କରିବାକୁ, ପ୍ରାକୃତିକ କୃଷି ପଦ୍ଧତି ଆଡକୁ ଅଗ୍ରାଧିକାର ଦେବାକୁ ଗୁରୁତ୍ୱ ଦେଇଛନ୍ତି।

# ତାମିଲନାଡୁରେ ‘ବିଜୟ’ ଯୁଗ ଆରମ୍ଭ

* ଘୋଷଣା କଲେ ୨୦୦ ୟୁନିଟ୍ ମାଗଣା ବିଜୁଳି
* ସାତ ଦଶନ୍ଧିରେ ତାମିଲନାଡୁ ଇତିହାସରେ ପ୍ରଥମ ଥର ଅଣ-ଡିଏମକେ ଏବଂ ଅଣ-ଏଆଇଏଡିଏମକେ ସରକାର

ଚେନ୍ନାଇ,୧୦।୫: ଅଭିନେତାରୁ ରାଜନେତା ହୋଇଥିବା ‘ଥାଲାପତି’ ଚନ୍ଦ୍ରଶେଖର ଜୋସେଫ ବିଜୟ ରବିବାର ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଫଳରେ ସରକାର ଗଠନ ନେଇ କିଛିଦିନ ହେବ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଏହା ସତ୍ତ୍ୱେ ତାଙ୍କୁ ମେ ୧୩ କିମ୍ବା ତା ପୂର୍ବରୁ ବିଧାନସଭାରେ ତାଙ୍କର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାକୁ ପଡିବ। ବିଜୟ ନିଜ ରାଜନୈତିକ ଦଳ ତାମିଲଗା ଭେଟ୍ରି କାଝାଗମ(ଟିଭିକେ) ୧୦୮ ଆସନ ସହିତ ଏକକ ବୃହତ୍ ଦଳ ଭାବରେ ଉଭା ହୋଇଥିଲେ। ବିଦୁଥଲାଇ ଚିରୁଥାଇଗଲ କାଚି (ଭିସିକେ) ଏବଂ ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ୍ (ଆଇୟୁଏମଏଲ) ର ସମର୍ଥନ ପାଇ ୨୩୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟା ୧୨୦ କୁ ପହଞ୍ଚିଛି। ପ୍ରାୟ ସାତ ଦଶନ୍ଧି ମଧ୍ୟରେ ତାମିଲନାଡୁର ଇତିହାସରେ ପ୍ରଥମ ଥର ଏକ ଅଣ-ଡିଏମକେ ଏବଂ ଅଣ-ଏଆଇଏଡିଏମକେ ସରକାର କ୍ଷମତା ଦଖଲ କରିଛି।ଟିଭିକେ ମୁଖ୍ୟ ଥାଲାପତି ବିଜୟଙ୍କ ସହିତ ଆଉ ୯ ବିଧାୟକ ମନ୍ତ୍ରୀ ଭାବେ ରବିବାର ସକାଳ ୧୦ଟା ସମୟରେ ଚେନ୍ନାଇର ନେହରୁ ଷ୍ଟାଡିୟମରେ ଶପଥ ନେଇଛନ୍ତି । ସେମାନେ ହେଲେ ବୁସି ଏନ.ଆନନ୍ଦ, ଆଧବଅର୍ଜୁନ, କେଜିଅରୁଣରାଜ, କେଏ ସେଂଗୋଟ୍ଟେୟନପି.ଭେଙ୍କଟ ରମଣ, ସିଟିଆର ନିର୍ମଳ କୁମାର,ଏ. ରାଜମୋହନ,ଟି.କେ ପ୍ରଭୁ ଓ ଏସ .କୀର୍ତ୍ତନ। ମୁଖ୍ୟମନ୍ତ୍ରୀ ଭାବେ ବିଜୟ ଦାୟିତ୍ୱ ଗ୍ରହଣ କରିବା କିଛି ସମୟ ମଧ୍ୟରେ ୩ ବଡ଼ ଘୋଷଣା କରିଛନ୍ତି । ସେଗୁଡ଼ିକ ହେଉଛି ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ୍ ମାଗଣା ବିଜୁଳି,ମହିଳାଙ୍କ ସୁରକ୍ଷା ପାଇଁ ସ୍ପେଶାଲ ଫୋର୍ସ, ଓ ଡ୍ରଗ୍ସ ବିରୋଧରେ ସ୍ପେଶାଲ ଟାସ୍କ ଫୋର୍ସ ଗଠନ। ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନିଜେ ହିଁ କ୍ଷମତା କେନ୍ଦ୍ର: ବିଜୟ

### କାହାର ମନ୍ଦ ଉଦ୍ଦେଶ୍ୟ ଥିଲେ ତୁରନ୍ତ ଦଳ ଛାଡ଼ି ଚାଲିଯାଆନ୍ତୁ



ଚେନ୍ନାଇ,୧୦।୫: ଏକ ବ୍ଲକବଷ୍ଟର ଫିଲ୍ମ ଭଳି ରାଜନୈତିକ ଅସ୍ଥିରତା ପରେ କ୍ଷମତାକୁ ଆସି ବିଜୟ ତାଙ୍କର ପ୍ରଥମ ଭାଷଣରେ ସ୍ପଷ୍ଟ କରିଛନ୍ତି ଯେ, ତାମିଲନାଡୁରେ କେବଳ ଗୋଟିଏ କ୍ଷମତା କେନ୍ଦ୍ର ରହିବ ଏବଂ ଏହା ହେଉଛି ସେ ନିଜେ। ଏହି ବକ୍ତବ୍ୟକୁ ମେଣ୍ଟ ଅଂଶୀଦାର ଏବଂ ରାଜନୈତିକ ବିରୋଧୀ ଉଭୟଙ୍କ ପାଇଁ ଏକ ବଡ଼ ବାର୍ତ୍ତା ଭାବରେ ବିବେଚନା କରାଯାଇଛି। ବିଜୟ ନିଜ ଭାଷଣରେ ନିଜକୁ ‘ଥାମ୍ବି’ ଅର୍ଥାତ୍ ଛୋଟ ଭାଇ ଭାବେ ଉଲ୍ଲେଖ କରି କହିଛନ୍ତି ଯେ, ତାଙ୍କ ସରକାର କୌଣସି ମେଣ୍ଟ ସହଯୋଗୀଙ୍କ ଚାପରେ ପଡ଼ିବ ନାହିଁ। ସେ ତାଙ୍କ ବିରୋଧୀମାନଙ୍କୁ ଏକ ଚେତାବନୀ ମଧ ଦେଇ କହିଛନ୍ତି, ମୁଁ ନିଜେ କିଛି ଭୁଲ୍ କରିବି ନାହିଁ କିମ୍ବା କାହାକୁ ମୋ ସହିତ କିଛି ଖରାପ କରିବାକୁ ଦେବି ନାହିଁ। ଯଦି କାହାର ମନ୍ଦ ଉଦ୍ଦେଶ୍ୟ ଥାଏ, ତେବେ ସେମାନେ ତୁରନ୍ତ ଦଳ ଛାଡି ଚାଲିଯିବା ଉଚିତ। ମୁଖ୍ୟମନ୍ତ୍ରୀ ବିଜୟ ମଞ୍ଚରୁ ସରକାର ଗଠନକୁ ସମର୍ଥନ କରିଥିବା ସମସ୍ତ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ସେ କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତାଙ୍କର ‘ଭାଇ’ ବୋଲି କହିଛନ୍ତି।

## ୧୫ ହଜାର ଟଙ୍କାରେ ଝିଅ ବିକ୍ରି !

ଧାମନଗର ୧୦।୫(ନିପ୍ର): ଯିଏ ଜୀବନ କ’ଣ ଜାଣେ ନାହିଁ। ମାତ୍ର ବାପାମା’କୁ ଅବୋଧ ଆଖିରେ ଚାହିଁ ଜାଣେ ସେମାନେ ତାର ରକ୍ଷାକର୍ତ୍ତା ଓ ଯତ୍ନକର୍ତ୍ତା । ମାତ୍ର ୧୫ ହଜାର ଟଙ୍କାରେ ଏପରି ଏକ ୪ ବର୍ଷର ଝିଅ ବିକ୍ରି ହୋଇଯାଇଛି। ଆଉ କେହି ନୁହେଁ ତାର ସୁରକ୍ଷା କର୍ତ୍ତା ବାପାମା’ ତାକୁ ବିକ୍ରି କରିଦେଇଛନ୍ତି।ଏଭଳି ଏକ ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ ଛକ ନିକଟ ଡମ ଆଡ଼ି ଅଞ୍ଚଳରୁ। ଅଭାବ ଅନଟନରେ ପଡ଼ି ଜଣେ ଦମ୍ପତି ନିଜ ୪ ବର୍ଷର ଝିଅକୁ ୧୫ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ, ଡମ ଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ନିଜ ସାନ ଝିଅ ରାନୁ ମୁଣ୍ଡାକୁ ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ହାତକୁ ଦେଇଥିବା କଥା ସ୍ୱୀକାର କରିଥିବା ଜଣାପଡ଼ିଛି। ପରିବାରରେ ୩ଟି ସନ୍ତାନ ଥିବାବେଳେ ୨ ଝିଅ ଓ ଜଣେ ବଡ଼ ପୁଅ ଘରେ ରହିଛନ୍ତି। ସାନ ଝିଅକୁ ଟଙ୍କା ନେଇ ଅନ୍ୟ ହାତକୁ ଦେଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।ବନ୍ଧୁଆ ମୁଣ୍ଡାଙ୍କ ମୂଳ ଘର ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ଗ୍ରାମରେ ଥିବାବେଳେ ପ୍ରାୟ ଏକ ବର୍ଷ ହେବ ସେମାନେ ଡମ ଆଡ଼ିରେ ରହି ମାଗଣ କରି ପାରିବାର ଚଳାଉଥିବା ଜଣାଯାଇଛି।

## ପରମ୍ପରାର ଉଲ୍ଲଘଂନ: ଲଣ୍ଡନରେ ସ୍ନାନ ଯାତ୍ରା

### ଇସ୍କନର ମନମାନି ନେଇ ଅଭିଯୋଗ




ଭୁବନେଶ୍ୱର,୧୦।୫: ଲଣ୍ଡନ ନିକଟ ୱାଟଫୋର୍ଡରେ ଥିବା ଇସ୍କନ ଭକ୍ତି ବେଦାନ୍ତ ମନୋର ଅସମୟରେ ସ୍ନାନ ଯାତ୍ରା ଆୟୋଜନ କରିଥିବା ନେଇ ଏଠାରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀରେ ପାରମ୍ପରିକ ଭାବରେ ପାଳିତ ଏହି ନୀତିକୁ ଉଲ୍ଲଘଂନ କରାଯାଇଥିବା ନେଇ ଶ୍ରଦ୍ଧାଳୁମାନେ କ୍ଷୁବ୍ଧ ହୋଇଛନ୍ତି। ପୁରୀ ଗଜପତି ମହାରାଜାଙ୍କ ବାରମ୍ବାର ଆପତ୍ତି ସତ୍ତ୍ୱେ ବିଦେଶରେ ଏପରି ଅନୁଷ୍ଠିତ ହୋଇଛି। ଉତ୍ସବର ଭିଡିଓ ଏବଂ ଚିତ୍ର ବ୍ୟାପକ ଭାବରେ ପ୍ରସାରିତ ହୋଇଛି। ଖବର ଅନୁଯାୟୀ, ଇସ୍କନ ଭକ୍ତମାନେ ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କ ରୀତିନୀତି ବାହାରେ ଏପରି ପୂଜାର୍ଚ୍ଚନା କରିଛନ୍ତି। ମହାରାଜାଙ୍କ ବାରମ୍ବାର ଚେତାବନୀକୁ ଅଣଦେଖା କରି ସ୍ନାନ ଯାତ୍ରାକୁ ପାଳନ କରିଛନ୍ତି। ସ୍ନାନ ଯାତ୍ରାର ପବିତ୍ରତା ଏହାର ସମୟ ଏବଂ ସ୍ଥାନ ପରମ୍ପରା ଆଧାରିତ। ମାତ୍ର ଇସ୍କନର ମନମାନି ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ରାତିରେ ଅପହରଣ, ସକାଳେ ମୃତଦେହ ଠାବ

### ‘ଅନ୍ୟ ଏକ ଗ୍ୟାଙ୍ଗ୍‌ର ଅପରାଧୀ ହତ୍ୟା କରିଛନ୍ତି’

ରାୟଗଡା,୧୦।୫(ନିପ୍ର): ସହରର ଇନ୍ଦିରାନଗର ଅଞ୍ଚଳରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଗନ୍ ପଏଣ୍ଟରୁ ଜଣେ ଯୁବକକୁ ହତ୍ୟା କରାଯାଇଛି। ଯୁବକ ଜଣକ ହେଲେ ରାୟଗଡ଼ା ସହର ଆମ୍ବେଦକର ସାହିର ହାଡପା ନିଖିଲ୍ । ମୃତ ନିଖିଲ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ବେଳେ ଅନ୍ୟ ଏକ ଗ୍ୟାଙ୍ଗ୍‌ର ଅପରାଧୀମାନେ ତାକୁ ହତ୍ୟା କରିଛନ୍ତି ବୋଲି ନିଖିଲର ମା ଅଭିଯୋଗ କରିଛନ୍ତି । ଗତକାଲି ରାତିରେ ଅପହରଣ ଓ ଗୁଳିମାଡ଼ ପରେ ରବିବାର ସକାଳୁ ନାଗାବଳୀ ନଦୀ ପଠାରୁ ନିଖିଲ ମୃତଦେହ ଉଦ୍ଧାର କରିଛି ପୋଲିସ । ଘଟଣାକୁ ପୋଲିସ ଗୁରୁତର ଭାବେ ନେବା ସହ ସଂପୃକ୍ତ ଅପରାଧୀଙ୍କୁ କାବୁ କରିବା ପାଇଁ ଏକ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡ ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ରାୟଗଡା ଟାଉନ୍ ଥାନା ଓ ମେଡିକାଲରେ ପୋଲିସ ଛାଉଣୀ ହୋଇଛି । ଅନ୍ୟପକ୍ଷେ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଥାନା ଆଗରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି ସ୍ଥାନୀୟ ଲୋକେ। ରାୟଗଡା ସହରର ଇନ୍ଦିରାନଗର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିବା ସହ ଅତି ନିକଟରୁ ନିଖିଲକୁ ଦୁଇ ରାଉଣ୍ଡ ଗୁଳି ଲାଗିଥିବା ଜଣାପଡିଛି । ମୃତ ନିଖିଲ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ସହରର ଇନ୍ଦିରାନଗର ଅଞ୍ଚଳରେ ରହିଥିବା ବେଳେ ୪ଜଣ ଦୁର୍ବୃତ୍ତ ତାକୁ ପିଛା କରି ଦୁଇ ରାଉଣ୍ଡ୍ ଗୁଳି ମାରିଥିଲେ । ଭୟରେ ନିଖିଲ ଗୋଟିଏ ଘର ଭିତରେ ପଶିଯିବା ପରେ ତାକୁ ଘୋଷାଡି ଘୋଷାଡି ଏକ କାର୍‌ରେ ଅପହରଣ କରିଥିଲେ । ତେବେ ଆଜି ସକାଳେ କୋଣ୍ଡାତୁମ୍ବିଗୁଡା ନାଗାବଳୀ ନଦୀ ପଠାରୁ ନିଖିଲର ମୃତ ଦେହ ଉଦ୍ଧାର କରିଛି ଟାଉନ୍ ଥାନା ପୁଲିସ। ନିଖିଲର ଜଂଘ ଓ ପିଠିରେ ଗୁଳି ଲାଗିଥିଲା ବୋଲି କୁହାଯାଇଛି। ଇନ୍ଦିରାନଗର ଅଞ୍ଚଳର ସମସ୍ତ ସିସିଟିଭିକୁ ଯାଞ୍ଚ୍ କରୁଛି ପୁଲିସ।



## ସକାଳ ୯ଟା ପୂର୍ବରୁ ସମସ୍ତ ଥାନାରେ ପ୍ରତିଦିନ ‘ବ୍ରିଫିଂ ପରେଡ୍’

ଭୁବନେଶ୍ୱର,୧୦।୫(ନିପ୍ର)ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି ଡିଜିପି ୱାଇ ବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି ଯେ ଜରୁରୀକାଳୀନ ପ୍ରତିକ୍ରିୟା ଯାନ (ଇଆରଭି)ରେ ନିୟୋଜିତ ସମସ୍ତ କର୍ମଚାରୀ ଜରୁରୀକାଳୀନ ପରିସ୍ଥିତିରେ ସେମାନଙ୍କର ଦକ୍ଷତା ଏବଂ ପ୍ରତିକ୍ରିୟା ସମୟକୁ ଉନ୍ନତ କରିବା ପାଇଁ ବୃତ୍ତିଗତ ଏବଂ ବ୍ୟବହାରିକ ତାଲିମ ଗ୍ରହଣ କରନ୍ତୁ। ସେ ସକାଳ ୯ଟା ପୂର୍ବରୁ ସମସ୍ତ ପୋଲିସ ଥାନାରେ ପ୍ରତିଦିନ ’ବ୍ରିଫିଂ ପରେଡ୍’ ଆୟୋଜନ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଏହି ବ୍ରିଫିଂଗୁଡ଼ିକ ପରେ ଆଇନ ଏବଂ ଶୃଙ୍ଖଳା ଅପଡେଟ୍, ଅପରାଧିକ ଗତିବିଧି, ସମ୍ବେଦନଶୀଳ ଅଞ୍ଚଳ ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଉନ୍ନତ କରିବା ପାଇଁ ଚାଲୁଥିବା ତଦନ୍ତ ଉପରେ ସଂଗଠିତ ଆଲୋଚନା କରାଯିବା ଉଚିତ। ଅପରାଧ ନିୟନ୍ତ୍ରଣ ପଦକ୍ଷେପ ସମ୍ପର୍କରେ, ଡିଜିପି ଜାମିନ ବିହୀନ ୱାରେଣ୍ଟର ଶୀଘ୍ର କାର୍ଯ୍ୟକାରୀ କରିବା, ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ଅଭ୍ୟାସଗତ ଏବଂ କୁଖ୍ୟାତ ଅପରାଧୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ରାଜ୍ୟ ସାରା ନିଶା କାରବାର ନେଟୱାର୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସଥାନା ସୀମାରେ ବିଟ୍ ପାଟ୍ରୋଲିଂ ବୃଦ୍ଧି, ରାଜପଥ ଉପରେ ନଜର ରଖିବା ଏବଂ ସାଧାରଣ ଉପଦ୍ରବ ଏବଂ ଅପରାଧ-ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସକ୍ରିୟ ଘୂର୍ଣ୍ଣିବଳୟ: ୧୨ରେ ନେବ ଲଘୁଚାପର ରୂପ !

ଭୁବନେଶ୍ୱର,୧୦।୫: ସମ୍ଭାବ୍ୟ ବାତ୍ୟାକୁ ନେଇ ଆଶଙ୍କା ବଢୁଛି । ଆଉ ଏହାରି ଭିତରେ ବାତ୍ୟାକୁ ନେଇ ଆସିଥିବା ଖବର ହେଉଛି ଦକ୍ଷିଣ ଆଣ୍ଡାମାନ ସାଗରରେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆସନ୍ତା ୧୨ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେବ। ସମୁଦ୍ର ଭିତରେ ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। କିନ୍ତୁ ଓଡ଼ିଶା ଉପରେ ଏହାର କ’ଣ ପ୍ରଭାବ ରହିବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ୧୩ ତାରିଖ ପରେ ବାତ୍ୟା ନେଇ ଚିତ୍ର ସ୍ପଷ୍ଟ ହେବ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ ।



ଆଇଏମ୍‌ଡି କରିଥିବା ପୂର୍ବାନୁମାନ ଅନୁସାରେ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ତଥା ଦକ୍ଷିଣପୂର୍ବ ବଙ୍ଗୋପ ସାଗରରେ ଥିବା ଉପର ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ୧୩ରୁ ୧୬ ତାରିଖ ବେଳକୁ ଲଘୁଚାପରେ ପରିଣତ ହୋଇପାରେ । ଏହା ବାତ୍ୟା ରୂପ ନେବାର ସମ୍ଭାବନା କମ୍ ରହିଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ ଓଡିଶା ଉପରେ ଥିବା ଟ୍ରପଲାଇନ ପ୍ରଭାବରେ କାଳବୈଶାଖୀ ସମ୍ଭାବନା ରହିଛି । ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ନେଇ ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆସନ୍ତା ୧୨ ତାରିଖରୁ ପୁଣି ରାଜ୍ୟରେ ବଢିବ ଦିନ ତାପମାତ୍ରା । ୨ରୁ ୪ ଡିଗ୍ରୀ ଯାଏଁ ଦିନର ତାପମାତ୍ରା ବୃଦ୍ଧି ପାଇପାରେ ବୋଲି ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

# ଲୋକଙ୍କ ସୁରକ୍ଷା ପ୍ରାଥମିକତା: ଡିଜିପି

■ ବ୍ୟବସ୍ଥାରେ ହେବ ବଡ଼ ଧରଣର ପରିବର୍ତ୍ତନ ■ ପ୍ରତ୍ୟେକ ଥାନା ଆଇଆଇସିଙ୍କ ସହ ସୁରକ୍ଷା ଆଲୋଚନା

ଭୁବନେଶ୍ୱର, ୧୦।୫ : ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଭଲ ତଦନ୍ତ କରିବ। କମିଶନରେଟ ପୋଲିସ ଏବଂ ଓଡ଼ିଶା ପୋଲିସ ଉପରେ ଲୋକଙ୍କ ଭରସା ଅଛି । ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଭୁବନେଶ୍ୱର ୟୁପିଡିରେ ଆଇନ ଶୃଙ୍ଖଳା ନେଇ ସମୀକ୍ଷା ପରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଏହା କହିଛନ୍ତି। ଆକ୍ସନ୍ ମୋଡରେ କମିଶନରେଟ୍ ପୋଲିସ । ରାଜଧାନୀରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାରିବା ଏବଂ ଜନସାଧାରଣଙ୍କ ମନରୁ ଭୟ ଦୂର କରି ବିଶ୍ୱାସ ଜିତିବା ପାଇଁ ପୁଣି ଥରେ ଅଣ୍ଟା ଭିଡ଼ିଛି କମିଶନରେଟ୍ ପୋଲିସ। ଭୁବନେଶ୍ୱର ୟୁପିଡି ଅନ୍ତର୍ଗତ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଲିସ ସେବାରେ ଥିବା ତ୍ରୁଟିକୁ ସୁଧାରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସିଷ୍ଟମରେ ହେବ ବଡ଼ ଧରଣର ପରିବର୍ତ୍ତନ। ବୈଠକରେ ପ୍ରତ୍ୟେକ ଥାନାର ଆଇଆଇସିଙ୍କ ସହ ସେମାନଙ୍କ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପୋଲିସ ପ୍ରଶାସନରେ ଯଦି ବର୍ତ୍ତମାନର କାର୍ଯ୍ୟଶୈଳୀ ବା ସିଷ୍ଟମରେ କୌଣସି ପ୍ରକାରର ଅଭାବ ରହିଛି, ତେବେ ସେଥିରେ ତୁରନ୍ତ ସୁଧାର ଅଣାଯିବ। ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ଏବଂ ପୋଲିସ ଉପରେ ଥିବା ଆସ୍ଥାକୁ ଫେରାଇ ଆଣିବା ମୁଖ୍ୟ ଉଦ୍ଦେଶ୍ୟ।



## ଭିଡ଼ ହତ୍ୟା: ୪ ପୋଲିସ ନିଲମ୍ବିତ

### ଆଇଆଇସିଙ୍କ ବଦଳି,୨ ହୋମଗାର୍ଡ କାର୍ଯ୍ୟରୁ ଅନ୍ତର

ଭୁବନେଶ୍ୱର, ୧୦।୫: ବାଲିଅନ୍ତା ଭିଡ଼ହତ୍ୟା ଘଟଣା ପରେ ପୋଲିସ ପ୍ରଶାସନ ପକ୍ଷରୁ କଠୋର ଶାସନାତ୍ମକ ପଦକ୍ଷେପ ନିଆଯାଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବାଲିଅନ୍ତା ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ ଅନୀଲ ପରିଡ଼ାଙ୍କୁ ଭୁବନେଶ୍ୱର ଅର୍ବାନ ପୋଲିସ ଡିଷ୍ଟ୍ରିକ୍ଟ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି, ଜଣେ ସବ୍-ଇନ୍ସପେକ୍ଟର, ଜଣେ ଅସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର, ଜଣେ ଓଏପିଏଫ କର୍ମଚାରୀ ଏବଂ ଜଣେ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ଏହାସହ ଦୁଇଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣା ସମୟରେ କର୍ତ୍ତବ୍ୟରେ ଅବହେଳା ଏବଂ ଶାନ୍ତି-ଶୃଙ୍ଖଳା ରକ୍ଷାରେ ବିଫଳତାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ପୋଲିସ ପକ୍ଷରୁ ସତର୍କତା ବଢ଼ାଯାଇଛି। ମାମଲାର ତଦନ୍ତ ଚାଲୁ ରହିଛି ଏବଂ ଆଗାମୀ ଦିନରେ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସୂଚନା ମିଳିଛି।

CMYK



# ମାନଗୋବିନ୍ଦ ବାର୍ତ୍ତା ଏବେ ବି ବଞ୍ଚିଛି !

**ପ୍ରକୃତରେ ବ୍ୟକ୍ତିମାନେ ଜାଣନ୍ତି ନାହିଁ ଯେ, କର୍ମ ହେଉଛି ସ୍ୱତନ୍ତ୍ର। ନିଜେ କରିଥିବା ଶୁଭାଶୁଭ କର୍ମର ଫଳ ନିଜକୁ ହିଁ ଭୋଗିବାକୁ ପଡ଼ିବ। ତେଣୁ ଶାସ୍ତ୍ରରେ କୁହାଯାଇଛି: ‘ ଆବଶ୍ୟମେବ ଭୋକ୍ତବ୍ୟଂ ଶୁଭାଶୁଭଂ କର୍ମଫଳମ୍’। ଅର୍ଥାତ୍ ମନୁଷ୍ୟ ନିଜ ଜ୍ଞାତସାରରେ (ମୁଁ ଯୁକ୍ତ କରି) ଯେଉଁ ଭଲ ବା ମନ୍ଦ କର୍ମ କରିଥାଏ , ତାର ଫଳ ସେ ନିଶ୍ଚିତ ଭାବରେ ଭୋଗ କରେ। ଉକ୍ତ ପ୍ରସଙ୍ଗକୁ ନେ଼ଇ ଏକ ସୁନ୍ଦର ପୌରାଣିକ ଉପାଖ୍ୟାନ ରହିଛି, ଯାହା ଏପରି ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ।**

**କର୍ମର ଫଳ ନିଜକୁ ହିଁ ଭୋଗିବାକୁ ପଡ଼ିବ**

ସାଧାରଣତଃ ମଣିଷ କିଛି ତର୍କଶାସ୍ତ୍ର ଅଧ୍ୟୟନ କରି ନିଜକୁ ଜ୍ଞାନୀ-ଗୁଣୀର ପରିଚୟ ଦେଇଥାଏ ଏବଂ ସେ ନିଜକୁ ସୁହାଇବା ଭଳି ପ୍ରତ୍ୟେକ କାର୍ଯ୍ୟ କରିଚାଲେ। ସେହି କାର୍ଯ୍ୟଗୁଡିକ ଅନ୍ୟ ପାଇଁ କ୍ଷତି ହେଲେ ମଧ ତାର ଶୋଚନା ନ ଥାଏ। ସେ ନିଜେ କରିଥିବା କାର୍ଯ୍ୟାଦିରେ ଅନେକ ଖୁଣ ଥିଲେ ବି, ତାକୁ ଠିକ୍ ସାବ୍ୟସ୍ତ କରିବା ପାଇଁ ବିବିଧ ପ୍ରକାର ଯୁକ୍ତି ବାଢ଼ିଥାଏ ଏବଂ ଅନେକ ଉଦାହରଣ ଦେଇ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ଚେଷ୍ଟା ବି କରିଥାଏ। ଏହା ହେଉଛି ତା'ର ମୂଢ଼ ଅହଂକାରର ମାନସିକ ପ୍ରବୃତ୍ତି। ଯେତେ ପର୍ଯ୍ୟନ୍ତ ସେହି ବ୍ୟକ୍ତିର ସାମର୍ଥ୍ୟ ଥାଏ, ସେ ଈଶ୍ୱରଙ୍କ ନାମ ମୁହଁରେ ନେଇଥାଏ ସିନା, ଈଶ୍ୱରଙ୍କ ଅସ୍ତିତ୍ୱ ବା ତା'ଙ୍କ ଶକ୍ତି ଉପରେ ତା'ର ତିଳେ ବିଶ୍ୱାସ ନ ଥାଏ। କିନ୍ତୁ ଯେତେବେଳେ ନିଜଠାରୁ କୌଣସି ଏକ ଶକ୍ତିଶାଳୀ ଓ ପ୍ରଭୁତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସେ, ସେତେବେଳେ ନିଜେ କରିଥିବା କୃତକର୍ମ ପାଇଁ ଈଶ୍ୱରଙ୍କ ଇଚ୍ଛା କହି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାକୁ ପଛାଏ ନାହିଁ। ପ୍ରକୃତରେ ଏପରି ବ୍ୟକ୍ତିମାନେ ଜାଣନ୍ତି ନାହିଁ ଯେ, କର୍ମ ହେଉଛି ସ୍ୱତନ୍ତ୍ର। ନିଜେ କରିଥିବା ଶୁଭାଶୁଭ କର୍ମର ଫଳ ନିଜକୁ ହିଁ ଭୋଗିବାକୁ ପଡ଼ିବ। ତେଣୁ ଶାସ୍ତ୍ରରେ କୁହାଯାଇଛି: ‘ ଆବଶ୍ୟମେବ ଭୋକ୍ତବ୍ୟଂ ଶୁଭାଶୁଭଂ କର୍ମଫଳମ୍’। ଅର୍ଥାତ୍ ମନୁଷ୍ୟ ନିଜ ଜ୍ଞାତସାରରେ (ମୁଁ ଯୁକ୍ତ କରି) ଯେଉଁ ଭଲ ବା ମନ୍ଦ କର୍ମ କରିଥାଏ , ତାର ଫଳ ସେ ନିଶ୍ଚିତ ଭାବରେ ଭୋଗ କରେ। ଉକ୍ତ ପ୍ରସଙ୍ଗକୁ ନେ଼ଇ ଏକ ସୁନ୍ଦର ପୌରାଣିକ ଉପାଖ୍ୟାନ ରହିଛି, ଯାହା ଏପରି ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ।

**ଧର୍ମକୁ ଅନୁସରଣ କର**

ମହାଭାରତ ସମୟର କଥା। ଗୋବିନ୍ଦ (ଶ୍ରୀକୃଷ୍ଣ ) ହସ୍ତିନାପୁରକୁ ଯାଇଥାନ୍ତି। ସେଠାରେ ମହାପ୍ରଭୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଏ ଏବଂ ଆତିଥ୍ୟ ଗ୍ରହଣ କରିବା ପାଇଁ



ଅହଙ୍କାରୀ ମାନଗୋବିନ୍ଦ (ଦୁର୍ଯ୍ୟୋଧନ) ନିମନ୍ତ୍ରଣ ମଧ କରିଗଲେ; ପରନ୍ତୁ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନଙ୍କ ବାସ ଭବନକୁ ନ ଯାଇ ଭକ୍ତ ବିଦୁରଙ୍କ ଗୃହକୁ ଚାଲି ଯାଇଥିଲେ। ଏହା ଜାଣି ମାନଗୋବିନ୍ଦ ଅତ୍ୟନ୍ତ କ୍ରୋଧିତ ହୋଇଥିଲେ, କିନ୍ତୁ କ'ଣ ବା କରିପାରିବେ ! ନିଜକୁ ନିଜେ ସମ୍ଭାଳି ନେଲେ। କାରଣ ସେ ଜାଣନ୍ତି ଯଦୁପତି ଓ ତାଙ୍କରି ନାରାୟଣୀ ସେନା ବହୁତ ଶକ୍ତିଶାଳୀ ଅଟେ। ତେଣୁ ମୌନ ରହିବା ହିଁ ଶ୍ରେୟସ୍କର ଭାବି ନିଜ କକ୍ଷକୁ ଚାଲି ଯାଇଥିଲେ। ରାତ୍ର ସମୟଟି ଯେମିତି ସେମିତିରେ କଟିଗଲା। ତା' ପରଦିନ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଆସିଲେ। ମାନଗୋବିନ୍ଦଙ୍କୁ ଦେଖି ଗୋବିନ୍ଦ ଈଷତ୍ ହସି, କହିବାକୁ ଲାଗିଲେ - ହେ କୌରବ ଯୁବରାଜ ! ତୁମ ପରି ବ୍ୟକ୍ତିଙ୍କୁ ଏ ଅଧର୍ମର ପଥ ଶୋଭା ପାଏନା, ଉକ୍ତ ପଥ ପରିତ୍ୟାଗ କରି ଧର୍ମକୁ ଅନୁସରଣ କର, ଯାହା ଫଳରେ ଧର୍ମ ତୁମକୁ ରକ୍ଷା କରିବ।

**‘ଦେବ’ ଶକ୍ତି ହିଁ ବିବେକ**

ଶ୍ରୀକୃଷ୍ଣଙ୍କ ମୁଖରୁ ଏପରି ବାଣୀ ଶୁଣି ମାନଗୋବିନ୍ଦ କହିବାକୁ ଲାଗିଲେ :

*ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ*
*ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତିଃ ।*
*ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ*
*ଯଥା ନିଯୁକ୍ତୋଽସ୍ମି ତଥା କରୋମି ।।*

ଅର୍ଥାତ୍, ହେ ହୃଷୀକେଶ ! ଧର୍ମ କ'ଣ ? ମୁଁ (ଦୁର୍ଯ୍ୟୋଧନ) ଭଲଭାବେ ଜାଣେ, ତଥାପି ସେହି ମାର୍ଗରେ ମୋତେ ଯିବାକୁ ଭଲ ଲାଗେନାହିଁ ଏବଂ ଅଧର୍ମ ବି କ'ଣ ? ଜାଣେ ତଥାପି ତାହାକୁ ତ୍ୟାଗ କରି ପାରୁନାହିଁ। କାରଣ ଏହା ମୁଁ କରୁନାହିଁ। ମୋ' ଭିତରେ ଥିବା ଇନ୍ଦ୍ରିୟମାନଙ୍କ ସ୍ୱାମୀ ବା ଆପଣ, ଯେପରି କରାଉଛନ୍ତି, ମୁଁ ସେପରି କରୁଛି।

ପ୍ରକୃତରେ ଏହା ଥିଲା ମାନଗୋବିନ୍ଦଙ୍କ ଅଜ୍ଞାନତାର ପରିଚୟ। ସେ ନିଜର ପାପ କର୍ମ ପାଇଁ ଭଗବାନଙ୍କୁ ଦାୟୀ କରିଥିଲେ। ଏହା କେବଳ ଦୁର୍ଯ୍ୟୋଧନଙ୍କ କଥା ନୁହେଁ, ବରଂ ସଂସାରର ଅଧିକାଂଶ ସାଧାରଣ ମଣିଷର ଅନ୍ତରର କଥା। ମଣିଷ ଅନେକ ସମୟରେ ଜାଣିଥାଏ ଯେ ସେ କରୁଥିବା କାର୍ଯ୍ୟଟି ଠିକ୍ ନୁହେଁ। ତଥାପି, ନିଜର ଅହଂକାର, କ୍ରୋଧ, ଲୋଭ ଓ ପୂର୍ବ ସଂସ୍କାର ଯୋଗୁଁ ସେ ସେହି ଅଧର୍ମ ମାର୍ଗରୁ ନିଜକୁ ଦୂରେଇ ପାରେନାହିଁ । ଏହାକୁ ହିଁ ମନସ୍ତତ୍ତ୍ୱ ବିଜ୍ଞାନରେ ‘ଇଚ୍ଛାଶକ୍ତିର ଦୁର୍ବଳତା’ କୁହାଯାଏ । ଅର୍ଥାତ୍ , ଆମର ସମସ୍ତ ଇନ୍ଦ୍ରିୟ ଓ ମନର ନିୟନ୍ତ୍ରକ ହେଉଛନ୍ତି ସେହି ପରମାତ୍ମା ସ୍ୱରୂପ ବିବେକ। ଯେତେବେଳେ ମଣିଷ ନିଜେ ଚେଷ୍ଟା ନ କରି ନିଜକୁ ସୁଧାରି ପାରେନାହିଁ, ସେତେବେଳେ ସେ ସମସ୍ତ ଦାୟିତ୍ୱ ଈଶ୍ୱରଙ୍କ ଉପରେ ଛାଡ଼ିଦିଏ । ଏହା ଏକ ପକ୍ଷରେ ନିଜର ଦୋଷ ଲୁଚାଇବାର ଗୋଟିଏ ବାହାନା। ଉପରୋକ୍ତ ଶ୍ଳୋକଟି ଶିକ୍ଷା ଦିଏ ଯେ, କେବଳ ଜ୍ଞାନକୁ ଜାଣିବା ଯଥେଷ୍ଟ ନୁହେଁ, ସେହି ଜ୍ଞାନକୁ ଆଚରଣରେ ପରିଣତ କରିବା ପାଇଁ ଈଶ୍ୱରଙ୍କ କୃପା ଓ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକ ରହିଛି। ଏହି ମଣିଷର ଅନ୍ତରରେ ‘ଦେବ’ ଶକ୍ତି ବା ଯାହାକୁ ଆମେ ବିବେକ କହୁ ଓ ‘ଦାନବ’ ଶକ୍ତି ବା ଯାହାକୁ ଆମେ କୁମନ କହିଥାଉ। ଉକ୍ତ ଦୁଇଟି ଶକ୍ତି ହିଁ ମାନବକୁ ‘ଦେବ’ ଓ ‘ଦାନବ’ ରୂପେ ଗଢ଼ି ତୋଳିଥାଏ ।

-ହେମନ୍ତ କୁମାର ଗନ୍ତାୟତ
ଆସିକା, ଗଞ୍ଜାମ
ମୋ:୯୮୬୧୩୩୪୮୬୮



## କାହାକୁ ଗୁରୁ କରିବା ?

# କାହିଁକି ଗୁରୁ ଦୀକ୍ଷା ନେବା ଆବଶ୍ୟକ



ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ... ଗୁରୁ ଦେବ ମହେଶ୍ୱର... ଗୁରୁ ସାକ୍ଷାତ ପରଂବ୍ରହ୍ମ... ତସ୍ମୈଶ୍ରୀ ଗୁରବେ ନମଃ । ଶିକ୍ଷା ଦାନ କରି ଜୀବନରୁ ଅଶିକ୍ଷା ଅନ୍ଧକାର ଦୂର କରୁଥିବା ତଥା ସମାଜରେ ଜୀବନ ଧାରଣ ପାଇଁ ପଥ ପ୍ରଦର୍ଶନ କରୁଥିବା ଗୁରୁଙ୍କ ଠାରେ ତିନି ଦେବତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବିଦ୍ୟମାନ । ଇଏ ହେଉଛି ଆମ ଭାରତୀୟ ସମାଜରେ ଗୁରୁଙ୍କର ସ୍ଥାନ । ଯିଏ ଆମକୁ ସମାଜରେ ମଣିଷ ଭଳି ବଞ୍ଚିବାର ରାସ୍ତା ଦେଖାଏ, ଭୁଲ ଠିକ୍ କଣ ଶିକ୍ଷା ଦିଏ, ଭବିଷ୍ୟତ ଗଢ଼େ, ତାଙ୍କୁ କୁହନ୍ତି ଗୁରୁ । ସେଥିପାଇଁ ଗୁରୁଙ୍କ ସମ୍ମାନରେ ପାଳନ କରାଯାଏ ଗୁରୁ ପୂର୍ଣ୍ଣିମା । ପ୍ରତିବର୍ଷ ଆଷାଢ଼ ମାସର ପୂର୍ଣ୍ଣିମା ତିଥିରେ ପବିତ୍ର ଗୁରୁ ପୂର୍ଣ୍ଣିମା ପର୍ବ ପାଳନ କରାଯାଇଥାଏ । ଏହି ଦିନଟି ଗୁରୁଙ୍କ ମହତ୍ତ୍ୱକୁ ବୁଝିବା ଏବଂ ତାଙ୍କ ପ୍ରତି ସମ୍ମାନ ପ୍ରକାଶ କରିବାର ଏକ ବିଶେଷ ଅବସର । ବିଷ୍ଣୁଙ୍କ ଅବତାର ବ୍ୟାସଦେବଙ୍କ ଜନ୍ମଦିବସକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । କିନ୍ତୁ ବେଳେ ବେଳେ ମନରେ ପ୍ରଶ୍ନ ଉଠେ ଯେ ଜୀବନରେ କାହାକୁ ଗୁରୁ କରିବା ଉଚିତ ? ଗୁରୁ ଦୀକ୍ଷା ନେବା କ'ଣ ପ୍ରକୃତରେ ଆବଶ୍ୟକ ? ତେବେ ଆସନ୍ତୁ ଏହା ବିଷୟରେ ବିସ୍ତୃତ ଭାବରେ ଜାଣିବା । ଆଜିର ଆଧୁନିକ ଯୁଗରେ ଜଣେ ସଠିକ ଗୁରୁଙ୍କର ଚୟନ ଏକ କାଠିକର ପାଠ । କାରଣ ଜୀବନରେ ଗୁରୁ ଖୋଜୁ ଖୋଜୁ ଆମେ ଅନେକ ଭଣ୍ଡ ବ୍ୟକ୍ତିଙ୍କର କବଳରେ ମଧ ପଡିପାରୁ । ଗୁରୁ ଶବ୍ଦ କେବଳ ଜଣେ ଶିକ୍ଷକଙ୍କ ପାଇଁ ନୁହେଁ ବରଂ ଏହା ସେହି ବ୍ୟକ୍ତି କିମ୍ବା ଶକ୍ତି ପାଇଁ ଯିଏ ଆମର ଅଜ୍ଞନତାର ଅନ୍ଧକାରକୁ ଦୂର କରି ଆମକୁ ଜ୍ଞାନର ଆଲୋକ ପ୍ରଦାନ କରନ୍ତି । ଗୁ ଶବ୍ଦର ଅର୍ଥ ଅନ୍ଧାର, ରୁ ଅର୍ଥ ଆଲୋକ ଅର୍ଥାତ ଶିଷ୍ୟର ଅଜ୍ଞାନ ରୂପକ ଅନ୍ଧାକାରକୁ ଦୂରୀଭୁତ କରି ଜ୍ଞାନ ରୂପକ ଆଲୋକକୁ ଯେ ବିକଶିତ କରେ ସେ ହିଁ ସଦ୍‌ଗୁରୁ । ଭାରତୀୟ ସଂସ୍କୃତିରେ ଗୁରୁ ମାନଙ୍କ ସ୍ଥାନ ସର୍ବୋଚ୍ଚରେ । ସୁସ୍ଥ ସମାଜର ବିକାଶରେ ଯାହାର ମୁଖ୍ୟ ଭୂମିକା ଥାଏ ସେ ହିଁ ଗୁରୁ । ସୃଷ୍ଟିର ଆରମ୍ଭରୁ ଗୁରୁ ଶବ୍ଦର ମହତ୍ୱ ଆମ ସମାଜରେ ରହି ଆସିଛି । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଆଲୋକ ଭଳି ସଠିକ ରାସ୍ତା ଦେଖାନ୍ତି ଯିଏ ସେ ହେଉଛନ୍ତି ଗୁରୁ । ଆମକୁ ଅନେକ ଶିକ୍ଷା ଦିଅନ୍ତି ଆଉ ବେଳେବେଳେ ଶୃଙ୍ଖଳିତ କରିବା ପାଇଁ କଠୋର ଅନୁଶାସନରେ ଯିଏ ରଖନ୍ତି ସେ ହେଉଛନ୍ତି ଗୁରୁ । ତେଣୁ ନିଜ ଜୀବନରେ ଏଭଳି ଜଣେ ଗୁରୁ ବାଛନ୍ତୁ ଯେ ଆପଣଙ୍କୁ କେବଳ ପଥ ଦେଖାଇବେ ନାହିଁ ବରଂ ଆପଣଙ୍କ ସହ ଜୀବନର ପ୍ରତିଟି ପାଦ ଚାଲିବେ ମଧ । ଆଜିର ସୋସିଆଲ ମିଡିଆ ଏବଂ ଟେକ୍ନୋଲୋଜି ଯୁଗରେ ଜଣେ ସଠିକ୍ ଏବଂ ସ୍ଥାୟୀ ପଥ ଦେଖାଉଥିବା ଗୁରୁଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଗୁରୁ ଦୀକ୍ଷାର ଅର୍ଥ କେବଳ ମନ୍ତ୍ର ଜପ କରିବା ପାଇଁ ଅନୁମତି ନେବା ନୁହେଁ ବରଂ ଏହା ଏକ ଆଧାତ୍ମିକ ପ୍ରକ୍ରିୟା । ଯେଉଁଥିରେ ଗୁରୁ ଶିଷ୍ୟଙ୍କ ଭିତରେ ଜ୍ଞାନର ଅଗ୍ନି ପ୍ରଜ୍ୱଳିତ କରନ୍ତି । ଏହି ଦୀକ୍ଷା ଏକ ନୂତନ ଜୀବନ ଆରମ୍ଭ କରିବା ଭଳି । ଯେଉଁଠାରେ ଆପଣ ଅଜ୍ଞାନତା ପରିତ୍ୟାଗ କରି ପ୍ରକୃତ ଜ୍ଞାନ ଏବଂ ଚେତନାର ପଥରେ ଆଗେଇ ପାରିବେ । ଗୁରୁ ଦୀକ୍ଷା ଜୀବନରେ ମାନସିକ ଶାନ୍ତି, ସ୍ଥିରତା ଏବଂ ସ୍ୱଷ୍ଟତା ଆଣିଥାଏ । ଏହା ଆପଣଙ୍କ ଆତ୍ମବିଶ୍ୱାସ ଏବଂ ଆଧାତ୍ମିକ ଶକ୍ତି ବୃଦ୍ଧି କରିଥାଏ ଏବଂ ଜୀବନଶୈଳୀରେ ପବିତ୍ରତା ଆଣିଥାଏ । ଏହା ବ୍ୟତୀତ, ଗୁରୁଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଶିଷ୍ୟକୁ ଏପରି ଶକ୍ତି ଦେଇଥାଏ ଯାହା ତାଙ୍କୁ ଯେକୌଣସି କଷ୍ଟକର ପରିସ୍ଥିତିରେ ମଧ ଅତି ସହଜରେ ସେଥିରୁ ମୁକୁଳିବାର ପଥ ଦେଖାଇଥାଏ । ଶିଷ୍ୟର ଚରିତ୍ର ଗଠନ ହେଉ କିମ୍ବା ତାକୁ ଭଲ ମଣିଷ ରୂପେ ଗଢ଼ି ତୋଳିବାରେ ଗୁରୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତେକ ଲୋକଙ୍କ ଜୀବନରେ ଗୁରୁ ଦୀକ୍ଷା ନେବା ନିହାତି ଆବଶ୍ୟକ ।



# ଏବେବି ମର୍ତ୍ତ୍ୟରେ ରହିଛି ସ୍ୱର୍ଗକୁ ସିଡ଼ି !



ସ୍ୱର୍ଗକୁ ଯିବା କାହାକୁ ବା ନାପସନ୍ଦ । ଦୁନିଆରେ ସମସ୍ତ ବ୍ୟକ୍ତି ସ୍ୱର୍ଗକୁ ଯିବା ପାଇଁ ହିଁ ବିଭିନ୍ନ ପ୍ରକାରର ପୂଜା ଅର୍ଚ୍ଚନା କରିଥାନ୍ତି । ପୃଥିବୀରେ ରହିଥିବା ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସ୍ୱର୍ଗକୁ ଯିବା ପାଇଁ ରାସ୍ତା ଥିବା କୁହାଯାଉଛି। ଚିନର ତିଆନମେନ୍ ମାଉନଟେନରେ ରହିଛି ଏକ ଗୁମ୍ଫାକୁ ଯାହାକୁ ସ୍ୱର୍ଗକୁ ସିଡ଼ି ବୋଲି କୁହାଯାଇଥାଏ । ଏହି ସ୍ଥାନଟି ଭୂମିରୁ ୧୫୧୮ ମିଟର ଅର୍ଥାତ୍ ୫ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ। ଏହି ଉଚ୍ଚତାରେ ରହିଛି ସ୍ୱଗକୁ ପହଞ୍ଚିବାର ସିଡ଼ି । ଇତିହାସ ଅନୁଯାୟୀ , ୨୫୩ ଶତାବ୍ଦୀରେ ଏହି ପାହାଡ଼ର କିଛି ଅଂଶ ଭାଙ୍ଗିଯାଇଥିଲା, ଯାହା ବର୍ତ୍ତମାନ ଗୁମ୍ଫାର ରୂପ ନେଇଛି। ଏବେ ଏହାର ଉଚ୍ଚତା ୧୯୬ ଫୁଟ ରହିଥିବା ବେଳେ ପୂର୍ବେ ରହିଥିଲେ ୪୩୧ ଫୁଟ ଏବଂ ୧୮୭ ଫୁଟ୍ ଚଉଡ଼ା । ଏହି ସ୍ଥାନଟି ୫ହଜାର ଫୁଟ ଉଚ୍ଚତାରେ ରହିଥିବାରୁ ଏହାର ଶୀର୍ଷଟି ସବୁବେଳେ ବାଦଲରେ ଘେରି ହୋଇ ରହିଥାଏ । ଏହି ସ୍ଥାନକୁ ଯିବା ପାଇଁ ରୋପ୍ ୱେର ବ୍ୟବହାର କରାଯାଇଥାଏ । ୨୪୪୫୯ ଫୁଟ ଉଚ୍ଚତାରେ ରହିଥିବା ଏହା ଦୁନିଆର ପ୍ରଥମ ରୋପ୍ ୱେ , ଏହାର ନାମ ଗିନିଜ୍ ୱାର୍ଲ୍ଡ ବୁକରେ ମଧ ଲେଖା ହୋଇଛି । ଏହି ସ୍ଥାନକୁ ଯିବା ପାଇଁ ରୋପ୍ ୱେରୁ ଓହ୍ଲାଇବା ପରେ ୯୯୯ଟି ସିଡ଼ି ଚଢ଼ିଯିବାକୁ ପଡ଼ିଥାଏ । ଏତେ କଠିନ ରାସ୍ତା ଜାଣି ମଧ ବହୁମାତ୍ରାରେ ଲୋକ ଏଠାକୁ ବୁଲିବାକୁ ଆସିଥାନ୍ତି ।



## ରହସ୍ୟମୟ ମନ୍ଦିର

# ଯେଉଁଠି ମହାଦେବ କରିଥିଲେ ତପସ୍ୟା

ଭାରତରେ ଅନେକ ପ୍ରସିଦ୍ଧ ମନ୍ଦିର ରହିଛି । ଯେଉଁ ମନ୍ଦିରଗୁଡ଼ିକ ନିଜର ଚମତ୍କାରିତା ଏବଂ କାରୁକାର୍ଯ୍ୟ ପାଇଁ ବେଶ ଜଣା ଯାଏ । ଏହି ପରି ଏକ ଶିବ ମନ୍ଦିର ବିଷୟରେ ଜଣାଇବାକୁ ଯାଉଛୁ ଯେଉଁଠି ନିଜେ ଶିବ ତପସ୍ୟା କରିଥିଲେ । ଏହି ମନ୍ଦିର କର୍ଣ୍ଣାଟକର ଘଞ୍ଚ ଜଙ୍ଗଲରେ ଅବସ୍ଥିତ। ଏହା ଏପରି ଏକ ରହସ୍ୟମୟ ମନ୍ଦିର, ଯାହାକୁ ଦେଖିଲେ ଆପଣଙ୍କୁ ଅନୁଭବ ହେବ ଯେପରି ଭଗବାନ ଶିବ ସେଇଠାରେ ହିଁ ଅଛନ୍ତି । କର୍ଣ୍ଣାଟକର ମୁଦୁର ଗାଁରେ ଏକ ଗୁମ୍ଫା ମଧରେ ଅବସ୍ଥିତ ଶ୍ରୀ କେଶବନାଥେଶ୍ୱର ମନ୍ଦିର । ଏହି ଚମତ୍କାର ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । କର୍ଣ୍ଣାଟକରୁ ୫୦ କିଲୋମିଟର ଦୂରରେ କୁଣ୍ଡାପୁରାରେ ଅବସ୍ଥିତ ମୁଦୁର ଗାଁ । ଏହି ଗାଁ ନିକଟରେ ଥିବା ଜଙ୍ଗଲ ମଧରେ ଅବସ୍ଥିତ ଶ୍ରୀ କେଶବନାଥେଶ୍ୱର ମନ୍ଦିର । ଜଳପ୍ରପାତ ପାର ହୋଇ ଗଲେ ଏକ ଗୁମ୍ଫା ଭିତରେ ଭଗବାନ ଶିବଙ୍କ ଏହି ଶ୍ରୀ କେଶବନାଥେଶ୍ୱର ମନ୍ଦିର ରହିଛି । ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ ଭଗବାନ ଶିବ ସ୍ୱୟଂ ଏଠାରେ ଅବତାର ଗ୍ରହଣ କରିଥିଲେ ଏବଂ ଏହି ଗୁମ୍ଫାରେ ତପସ୍ୟା କରିଥିଲେ । ମନ୍ଦିରରେ ସର୍ବଦା ଜଣେ ପୁରୋହିତ ଉପସ୍ଥିତ ରହି ଭଗବାନ ଶିବଙ୍କ ପୂଜା କରନ୍ତି । ଏହାକୁ ଦକ୍ଷିଣ ଭାରତର ସବୁଠାରୁ ପୁରୁଣା ଶିବ ମନ୍ଦିର ମଧ୍ୟରୁ ଗୋଟିଏ ବୋଲି ବିଶ୍ୱାସ କରାଯାଏ ।



କିନ୍ତୁ ମନ୍ଦିରକୁ ଯିବା ପାଇଁ ଭଲ ରାସ୍ତା ନାହିଁ । ଭଗବାନ ଶିବଙ୍କ ଦର୍ଶନ ପାଇଁ ଲୋକେ ଘଞ୍ଚ ଜଙ୍ଗଲ ପାର ହୋଇ ଏହି ମନ୍ଦିରରେ ପହଞ୍ଚିଥାନ୍ତି । ଗୁମ୍ଫା ବାହାରେ କୌଣସି ମନ୍ଦିର ନାହିଁ, କିନ୍ତୁ ଗୁମ୍ଫା ଭିତରେ ରହିଛି ଗର୍ଭଗୃହ । ବର୍ଷର ଅଧିକାଂଶ ସମୟରେ ମନ୍ଦିରର ଗର୍ଭଗୃହ ଭିତରେ ପାଣି ପଶିଯାଏ । ବର୍ଷାଦିନେ ଅଧିକାଂଶ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଉଥିବା କଥା ତ ଅନେକ ଥର ଶୁଣିଥିବେ କିନ୍ତୁ ଏହି ମନ୍ଦିରରେ ଗ୍ରୀଷ୍ମ ଋତୁରେ ବି ପାଣି ଶୁଖେ ନାହିଁ । ତେଣୁ ଭକ୍ତମାନେ ପାଣିକୁ ଚମତ୍କାର ବୋଲି ବିଶ୍ୱାସ କରନ୍ତି । ବହୁ କଷ୍ଟରେ ଗୁମ୍ଫା ଭିତରେ ପ୍ରବେଶ କରି ମହାଦେବଙ୍କ ଦର୍ଶନ କରନ୍ତି ଭକ୍ତ । ଗୁମ୍ଫା ନିକଟରେ ଏକ ଛୋଟ ପୋଖରୀ ଅଛି, ଯାହା ରଙ୍ଗୀନ ମାଛରେ ପରିପୂର୍ଣ୍ଣ । ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଦର୍ଶନ କରିବା ପରେ ମାଛମାନଙ୍କୁ ଦାନା ଖାଇବାକୁ ଦିଅନ୍ତି । ମନ୍ଦିର ବାହାରେ ଥିବା ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର। ମନ୍ଦିରରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ବେଲକାଲ ତୀର୍ଥ ଜଳପ୍ରପାତ । ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସନ୍ତି । ମହାଦେବଙ୍କ ମହିମା ଅପାର । ଏହି ଶୈବ ପୀଠକୁ ଯିବାକୁ ଭଲ ରାସ୍ତା ନଥିଲେ ବି ଭକ୍ତମାନେ ଏଠାକୁ ଟାଣି ହୋଇଆସନ୍ତି। ମହାଦେବଙ୍କ ଆଶୀର୍ବାଦ ପାଇବା ପାଇଁ ଦୂର ଦୂରାନ୍ତରରୁ ଭକ୍ତମାନଙ୍କ ସୁଅ ଛୁଟେ ।

# ଆନ୍ଧ୍ର ସମର୍ଥକ-ବିରୋଧୀ ମୁହାଁମୁହିଁ, ବୁଝାସୁଝା କଲେ ଅଧିକାରୀ

## ନୂଆମୋଡ଼ ନେଲା ସୀମାନ୍ତ ଗଙ୍ଗାବାଡ଼ରେ ଜନଗଣନା ବିବାଦ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍‌ର ଆନ୍ଧ୍ର ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ମାଣିକପାଟଣା ଗାଁରେ ଜନଗଣନାକୁ ନେଇ ଦେଖା ଦେଇଥିବା ବିବାଦ ଗତ କାଲି ଏକ ନୂଆ ମୋଡ଼ ନେଇଛି। ଗାଁରେ ରହୁଥିବା ଆନ୍ଧ୍ର ସପକ୍ଷବାଦୀ ଓ ବିରୋଧୀ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ସର୍ଭେ ଦାୟିତ୍ୱରେ ରହିଥିବା ଓଡ଼ିଶାର ଅଧିକାରୀଙ୍କୁ ଆନ୍ଧ୍ରପ୍ରଦେଶର ସପକ୍ଷବାଦୀ ଗୋଷ୍ଠୀ ଗାଳିଗୁଲଜ କରିବାରୁ ପରିସ୍ଥିତି ଅଶାନ୍ତ ହୋଇଥିଲା। ପରେ ରାୟଗଡ଼ ଅତିରିକ୍ତ ତହସିଲଦାର ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସେହିପରି ଅତିରିକ୍ତ ନିର୍ଦ୍ଦେଶକ ତଥା ଜନଗଣନା କାର୍ଯ୍ୟକ୍ରମର ଗଜପତି ଜିଲ୍ଲା ନୋଡାଲ୍ ଅଧିକାରୀ ଓ ତାଙ୍କ ଟିମ୍ ମଧ ମାଣିକପାଟଣାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ଅଭିଯୋଗର ସତ୍ୟତା ଓ ମ୍ୟାପ୍ ସଂପର୍କରେ ନିରୀକ୍ଷଣ କରି ଫେରିବା ପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଗତ ମଙ୍ଗଳବାର ଆନ୍ଧ୍ର ଅଧିକାରୀ ଆସି ଓଡ଼ିଶା ପକ୍ଷରୁ ଉଲ୍ଲେଖ କରାଯାଇଥିବା ତଥ୍ୟକୁ ରଙ୍ଗ ବୋଲି ଲିଭାଇଥିଲେ । ଏହାପରେ ଗତ ୭ ତାରିଖରେ ଗଜପତି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆନ୍ଧ୍ର ତଥ୍ୟକୁ ଲିଭାଇ ଓଡ଼ିଶା ତଥ୍ୟ ଉଲ୍ଲେଖ କରିଥିଲେ। ପୁଣିଥରେ ଆନ୍ଧ୍ରର ଅଧିକାରୀମାନେ ଆସି ରଙ୍ଗ ବୋଳିବା ପାଇଁ ଉଦ୍ୟମ କରୁଥିବାବେଳେ କିଛି ଗ୍ରାମବାସୀ ବିରୋଧ କରିଥିଲେ।

ଗଜପତି ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମାଣିକପାଟଣାରେ ପହଞ୍ଚି ଅନୁଧ୍ୟାନ କରୁଥିବା ବେଳେ ଆନ୍ଧ୍ର ସପକ୍ଷରେ ଥିବା କିଛି ପରିବାର ପ୍ରତିବାଦ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ବୁଝାସୁଝା ପରେ ୧୫ ପରିବାର ଜନଗଣନାରେ ସହଯୋଗ କରିଥିବା ବେଳେ ବାକି ୭ ପରିବାର ସହଯୋଗ କରି ନଥିବା ଜଣାପଡ଼ିଛି। ଉପଜିଲ୍ଲାପାଳ କହିଛନ୍ତି ଯେ ଯେଉଁମାନେ ଏହି ଜାତୀୟ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ତାଗିଦ୍ କରାଯାଇଛି।

ଆଗାମୀ ଦିନରେ ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ । ଅନ୍ୟପକ୍ଷରେ ଗଜପତି ଜିଲ୍ଲାର ଗୋଷାଣୀ, କାଶୀନଗର ଏବଂ ରାୟଗଡ଼ ବ୍ଲକର ଅନେକ ଗ୍ରାମରେ ସୀମାକୁ ନେଇ ବିବାଦ ଲାଗି ରହିଛି। ଏଯାବତ୍ ସ୍ଥାୟୀ ସୀମା ନିର୍ଦ୍ଧାରଣ ହୋଇପାରିନାହିଁ। ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣାରେ ଉଭୟ ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ର ଓ ଉଭୟ ରାଜ୍ୟର ବିଦ୍ୟୁତ୍ ସଂଯୋଗ ରହିଛି।

ସେହିପରି ଏହି ପଞ୍ଚାୟତର ଏକ ଗ୍ରାମକୁ ଗଜପତି ଜିଲ୍ଲା 'ଗୁଡ଼ିଖୁଡ଼ି' ବୋଲି ଦର୍ଶାଇଥିବା ବେଳେ ଗଞ୍ଜାମ ଜିଲ୍ଲା ପ୍ରଶାସନ 'ଗୁଡ଼ିଖଳା' ବୋଲି ନାମିତ କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ପ୍ରଶାସନ ଏହାକୁ 'ଗୁଡ଼ିପଦର' ବୋଲି ଦର୍ଶାଉଛି।

# କେନ୍ଦୁଝରରେ ଭାରତୀୟ ନିର୍ମାଣ କଂଗ୍ରେସର କର୍ମଶାଳା

କେନ୍ଦୁଝର,(ନିପ୍ର): ଭାରତୀୟ ନିର୍ମାଣ କଂଗ୍ରେସ ଓଡିଶା ଶାଖା ଏବଂ ଆର ଆଣ୍ଡ ବି କେନ୍ଦୁଝରର ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟରଙ୍କ ମିଳିତ ଆୟୋଜନରେ ଅଷ୍ଟମ ଜୋନସ୍ତରୀୟ ବୈଷୟିକ କର୍ମଶାଳା କେନ୍ଦୁଝରରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ନିର୍ମାଣ କଂଗ୍ରେସ ଓଡିଶା ଶାଖା ଅଧକ୍ଷ ଇଂ ବିଜୟ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର,ସୋଆ ବିଶ୍ୱ ବିଦ୍ୟାଳୟର ବୈଷୟିକ ଉପଦେଷ୍ଟା ତଥା ପୂର୍ବତନ ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ଇଂ ହିମାଂଶୁ ଶେଖର ଷଡଙ୍ଗୀ,ପୂର୍ବତନ ଇସିଆଇ(ସିଭିଲ) ଇଂ ମନୋରଞ୍ଜନ ମିଶ୍ର,ଏଚ୍‌ଆଇଏଲ୍ଟିଆଇ ଇଣ୍ଡିଆର ମୁଖ୍ୟ (କୋଡ ଆଣ୍ଡ ଆପ୍ରୋଭାଲ) ଆଗୋମାନି ଦାଶ ଅତିଥି ଭାବେ ଯୋଗ ଦେଇ କର୍ମଶାଳାର ବିଷୟବସ୍ତୁ କ୍ୱାଲିଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଇନ ଡିଜାଇନ,କନଷ୍ଟ୍ରକ୍ସନ ଆଣ୍ଡ



ମେଣ୍ଟେନାନ୍ସ ଅଫ୍ ବିଲ୍ଡ ଏନ୍ଭର୍ଣ୍ଣମେଂଟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଓଡିଶା ଶାଖାର ସମ୍ପାଦକ ଇଂ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଅତିଥି ପରିଚୟ ଏବଂ ଚିଫ୍ କନ୍‌ଷ୍ଟ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁନ୍ଦରଗଡ ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରୀ ଇଂ ଅମିତ୍ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଚିଫ୍ କନ୍‌ଷ୍ଟ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝର ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ୍ ମହାନ୍ତି,ରାଉଲକେଲା ଅଧିକ୍ଷଣ ଯନ୍ତ୍ରୀ ଇଂ ଯଶସ୍ୱିନୀ ମିଶ୍ର ଏବଂ ସୁନ୍ଦରଗଡ ଅଧିକ୍ଷଣ ଯନ୍ତ୍ରୀ ଇଂ ଅମିତ୍ ଟୁଡୁଙ୍କ ସହଯୋଗରେ କର୍ମଶାଳା ସଫଳ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ଦିନିକିଆ କର୍ମଶାଳାରେ କେନ୍ଦୁଝର ଓ ରାଉଲକେଲା ଜିଲ୍ଲାରୁ ୧୦୦ ରୁ ଊର୍ଦ୍ଧ୍ୱ ଯନ୍ତ୍ରୀ ଅଂଶଗ୍ରହଣ କରିଥିଲେ ।

# ବିଶ୍ୱ ରେଡକ୍ରସ ଦିବସରେ ଜିଲ୍ଲାପାଳଙ୍କ ଠାରୁ ସମ୍ମାନିତ ହେଲେ ସମାଜସେବୀ

ଭାପୁର,(ନିପ୍ର); ବିଶ୍ୱ ରେଡକ୍ରସ ଦିବସ ଅବସରରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଠାରୁ ଫତେଗଡ଼ ଅଞ୍ଚଳର ସମାଜସେବୀ ଗୋଲୋକ ବିହାରୀ ଓଝା ବାକ ଅସମର୍ଥ ଏବଂ ଦିବ୍ୟାଙ୍ଗ ହୋଇଥିଲେ ମଧ ସେ ନିଜ ସେବାଭାବ ଓ ମାନବିକତା ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେ ପରିବାର ଓ ପୈତୃକ ସମ୍ପତ୍ତିରୁ ବେଦଖଲ ହୋଇ ଜୀବନରେ ଅନେକ କଷ୍ଟ ଭୋଗିଥିବା ନିଜ ଦୁଃଖକୁ ଭୁଲି ସର୍ବଦା ଅନ୍ୟମାନଙ୍କ ସେବାରେ ନିୟୋଜିତ ରହିଛନ୍ତି। ସେ କୌଣସି ସରକାରୀ ଯୋଜନାର ଲାଭ ନେବାକୁ ନାପସନ୍ଦ କରିଥିବା ବେଳେ "ପ୍ରଭୁଙ୍କ ଆଶୀର୍ବାଦରୁ ଦୁଇ ମୁଠା ଖାଇବାକୁ ମିଳୁଛି, ସେଥିରେ ମୁଁ ଖୁସି" ବୋଲି କହିଥାନ୍ତି। ଗାଁ ସଫେଇ ଅଭିଯାନ, ରକ୍ତଦାନ ଶିବିର, ଜଳଦାନ ଭଳି ସେବାମୂଳକ କାର୍ଯ୍ୟରେ ସେ ସଦା ଆଗରେ ରହିଥାନ୍ତି। ଖରାଦିନରେ ଗାଁ ଛକରେ ଲେମ୍ବୁ ସରବତ ଓ ପାଣି ବଣ୍ଟନ କରି ସେ ଅନେକଙ୍କ ଶ୍ରଦ୍ଧା ଅର୍ଜନ କରିଛନ୍ତି। ତାଙ୍କର ଏହି ମହାନ ସେବାକାର୍ଯ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସେ ଲୋକଲୋଚନକୁ ଆସିଥିଲେ। ବର୍ତ୍ତମାନ ପୁରୀ ଆରଟି.ଓ କାର୍ଯ୍ୟାଳୟରେ ଜନୈକ ଅଧିକାରୀଙ୍କ ସହଯୋଗରେ ସେ ଏକ ଚାକିରି ପାଇ ମାସିକ ୯ ହଜାର ଟଙ୍କା ଆୟ କରୁଛନ୍ତି। ପୁରୀ ଧାମରେ ଜଗନ୍ନାଥଙ୍କ ଶରଣରେ ରହୁଥିବା ଗୋଲୋକ କେବେକେବେ ନିଜ ଗାଁର ସ୍ମୃତିରେ ଫତେଗଡ଼କୁ ଫେରି ଆସି ଜନସେବା କାର୍ଯ୍ୟ କରିଥାନ୍ତି ।ବିଶ୍ୱ ରେଡକ୍ରସ ଦିବସ ଅବସରରେ ତାଙ୍କର ସେବା ଓ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି ଫଳରେ,ଏହି ସମ୍ମାନ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି କରିଛି।

# କାଶୀନଗରରେ ବିଶ୍ୱ ମାତୃ ଦିବସ

କାଶୀନଗର,(ନିପ୍ର): କାଶୀନଗର ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ବୈଠକ ଗୃହ ମଧ୍ୟରେ ବିଶ୍ୱ ମାତୃ ଦିବସ ବଂଶଧାରା ପାଠାଗାର ଓ ମେଡ଼ିଆ କ୍ଲବର ମିଳିତ ସହାଭାଗିତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପାଠାଗାର ସଭାପତି ହୃଷିକେଶ ଗୌଡ଼ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ ତ୍ରିନାଥ ସେଠୀ ଓ ସମ୍ମାନୀତ ଅତିଥି ଭାବେ ଫୋରେଷ୍ଟର ବଳରାମ ଶବର, ସୁପର



ଭାଇଜର ଭାଗ୍ୟ ଲକ୍ଷ୍ମୀ ପଟନାୟକ,ମହିଳା ଆଇ ଆଇ ସି ଜୟନ୍ତୀ ମୁର୍ତ୍ତି, ପି.ଏଚ.ଓ ସ୍ନେହ ଲତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଫଳ ମାତୃତ୍ୱର କାହାଣୀ ବିଷୟରେ ନିଜ ନିଜ ବକ୍ତବ୍ୟ କହିଥିଲେ। କାଶୀନଗର ମିଡ଼ିଆ କ୍ଲବ ସଭାପତି ଆନନ୍ଦଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଓ ବହୁ ମହିଳା ଯୋଗ ଦେଇଥିଲେ।

# ରାୟଗଡ଼ା : ୨୫,୨୭୮ ମାମଲାର ଫଇସଲା

ରାୟଗଡ,(ନି:ପ୍ର): ରାୟଗଡରେ ରାଷ୍ଟ୍ରୀୟ ଲୋକଅଦାଲତ ରେ ୨୫,୨୭୮ ଟି ମାମଲା ଫଇସଲା ହୋଇ ସେଟେଲମେଣ୍ଟ ବାବଦକୁ ୨୪,୮୩,୫୯୪ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡିରହିଥିବା ୩୫ ଟି ମାମଲାର ଫଇସଲା ହୋଇ, ସମୁଦାୟ ଟ. ୧୮,୪୩,୬୪୧/-(ଅଠର ଲକ୍ଷ ତେୟାଳିସ ହଜାର ଛଅ ସହ ଏକଚାଳିସ୍ ଟଙ୍କା) ଟଙ୍କାର ସେଟେଲମେଣ୍ଟ କରାଯାଇଛି ।

ସେହିପରି ରାଜସ୍ୱ ସମ୍ବନ୍ଧିତ ୨୫,୦୭୯ ଟି ମାମଲା ଫଇସଲା ହୋଇଛି । ପ୍ରିଲିଟିଗେସନ ସମ୍ବନ୍ଧିତ ୧୬୪ ଟି ମାମଲାର ଫଇସଲା ହୋଇ ସମୁଦାୟ ଟ.୬,୩୯,୯୫୩/-(ଛଅ ଲକ୍ଷ ଅଣଚାଳିସ ହଜାର ନଅସହ ତେପନ) ଟଙ୍କାର ସେଟେଲମେଣ୍ଟ କରାଯାଇଛି। ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ପୋକ୍ସ) ସଞ୍ଜିତ୍ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଆଜ୍ଞନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ନା ମହାପାତ୍ର, ବରିଷ୍ଠ ଦେଓ୍ୱାନି ବିଚାରପତି ଆଶିସ ପଟ୍ଟନାଏକ ରେଜିଷ୍ଟ୍ରାର ରାଣା ଘୋଷ୍, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ଏସ୍.ଡି.ଜେ.ମ୍ ସୁଦେସ୍ନା ପଟ୍ଟନାଏକ, ଗ୍ରାମ ନ୍ୟାୟଧିକାରୀ ଜ୍ୟୋତିରମୟୀ ଷଡଙ୍ଗୀ, ଜେ.ଏମ୍.ଏଫ୍.ସି ଏସ୍.ଆର ତୋସାଲି ଏବଂ ରାୟଗଡା ବାର ଆସୋସିଏସନର ସଭାପତି ବ୍ରଜ ସୁନ୍ଦର ନାଏକ, ସଚିବ ରମେଶ ଚନ୍ଦ୍ର ପାଢୀ ଓ ଅନ୍ୟ ଆଇନଜୀବି ମଦନ ମୋହନ ପାଢୀ, ମଙ୍ଗଳମୂର୍ତ୍ତି ବେଉରିଆ,ଜଗଦିସ ପଣ୍ଡା, ନବ କୁମାର କାଣ୍ଡା, ବିଶ୍ୱନାଥ ଗନ୍ତାୟତ, ବାବୁ ରାଜଗୁରୁ, ସୀତାରାମ ପଣ୍ଡା, ଦେବରାଜ ନାଏକ, ଭାରତି ତ୍ରିପାଠି ଓ ଅନ୍ୟ ଆଇନଜୀବୀ ପ୍ରମୁଖ ବିଭିନ୍ନ ଅଦାଲତ ପରିସରରେ ଅନୁଷ୍ଠିତ ହେଉଥିବା ବେଞ୍ଚରେ ଯୋଗଦେଇଥିଲେ। ଏହି ଲୋକ ଅଦାଲତଟିକୁ ସଫଳ କରିଥିବାରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ଜିଲ୍ଲାର ଜନସାଧାରଣ ତଥା ଆଇନଜୀବି ଓ ରାଜସ୍ୱ ବିଭାଗ ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଅସ୍ତଳ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଭଦ୍ରକ,(ନିପ୍ର): ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଳୀ, ବୁଢ଼ି ଜାଗୁଲାଇ,ଗ୍ରାମଦେବୀ ମନ୍ଦିର, ପାର୍ଶ୍ୱ ଶହେବର୍ଷରୁ ଊର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ପୂଜୋତ୍ସବ ଦୀର୍ଘ ଦେଢମାସ ଧରି ଉଦ୍‌ଯାପିତ ହୋଇଯାଇଛି। ଏହାର ଭସାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି । ଏଥିରେ ପୂଜା କର୍ମକର୍ତ୍ତା, କାଉନସିଲର, ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥାନ୍ତି । ଦୈନନ୍ଦିନ ବିଗ୍ରହଙ୍କ ଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ। ସୂଚନାଯୋଗ୍ୟ ଯେ ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥାନ୍ତି । ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି । ଶ୍ରୀରାମ ନବମୀ ପୂଜା କମିଟିର



ସମ୍ପାଦକ ତଥା ପୂର୍ବତନ କାଉନସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନସିଲର ଗୀତାଞ୍ଜଳି ଦାସ, କାଉନସିଲରଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହାଛଡ଼ା ଜନପ୍ରତିନିଧିମାନେ ମଧ ସାହାଯ୍ୟ ସହଯୋଗ କରିଆସୁଛନ୍ତି।

# ଦେଶର ସୁରକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ

ନିମାପଡ଼ା,(ନି.ପ୍ର.): ଦେଶର ସୁରକ୍ଷା ଓ ଅଖଣ୍ଡତା ଭାରତର ପ୍ରତ୍ୟେକ ନାଗରିକ ମାନଙ୍କର ଦାୟିତ୍ୱ। ଦେଶ ସେବା ପାଇଁ କେବଳ ସେନା ନୁହେଁ ଆମେ ସମସ୍ତେ ପ୍ରତିବଦ୍ଧ ହେବାକୁ ପୁରୀ ସୂଚନା ଓ ଲୋକ ସଂପର୍କ ଉପ-ନିର୍ଦ୍ଦେଶକ ସନ୍ତୋଷ କମ୍ଭାର ସେଠୀ ଆହ୍ୱାନ ଦେଇଛନ୍ତି। ଏନ୍‌ସିସି ଓଡ଼ିଶା ଷଷ୍ଠ ବାଟାଲିୟନ୍‌ର ନିର୍ଦ୍ଦେଶକ୍ରମେ ରବିବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅପରେସନ ସିନ୍ଦୂରର ଏକ ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଉପ-ନିର୍ଦ୍ଦେଶକ ଶ୍ରୀ ସେଠୀ ଅପରେସନ ସିନ୍ଦୂର ଆମ ଜାତୀୟ ଏକତା, ଶୌର୍ଯ୍ୟ, ବୀରତ୍ୱ ଓ ଶକ୍ତିର ପ୍ରତୀକ। ଏହା ଆମ ଯବାନମାନଙ୍କ ତ୍ୟାଗ ଓ ସାହସକୁ ପ୍ରତିପାଦିତ କରିବା ସହ ସମଗ୍ର ବିଶ୍ୱକୁ ଚକିତ କରି ପାରିଥିଲା ବୋଲି କହିବା ସହ ଦେଶର ସୁରକ୍ଷା ପାଇଁ ଆମେ ସର୍ବଦା ପ୍ରସ୍ତୁତ ରହିବାକୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ରବୀନ୍ଦ୍ର ନାଥ ପାଢ଼ୀ, ପୂର୍ବତନ ଏନ୍‌ସିସି ଅଫିସର ସୁବ୍ରତ କୁମାର ମହାନ୍ତି, ସିଟିଓ ପ୍ରେମରାଜ ଗହୀର, ବିଶ୍ୱଜିତ ପାଢ଼ୀ ପ୍ରମୁଖ ଯୋଗ ଦେଇ ଅପରେସନ ସିନ୍ଦୂର ଓ ତାହାର ସଂକଳ୍ପ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସହିଦମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯିବା ସହ ମହାବିଦ୍ୟାଳୟ ପରିସରରେ ଥିବା ସହିଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଶ୍ରମିକ ଶ୍ରେଣୀ ଆନ୍ଦୋଳନର ନେତୃତ୍ୱ ନେଉଥିଲେ ବିଷ୍ଣୁ ମହାନ୍ତି

କେନ୍ଦ୍ରାପଡ଼ା, (ନିପ୍ର): ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ବିଷ୍ଣୁ ମହାନ୍ତି ଭୁବନେଶ୍ୱରସ୍ଥିତ କଳିଙ୍ଗ ହସପିଟାଲରେ ମୃତ୍ୟୁ ବରଣ କରିଛନ୍ତି । ଓଡ଼ିଶାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ପରବର୍ତ୍ତୀ ସମୟରେ ଓଡିଶାରେ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସଂପାଦକ ଭାବେ ଜୀବନର ଶେଷ ପର୍ଯ୍ୟନ୍ତ କାମ କରୁଥିଲେ। ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀର ଅନ୍ୟତମ ବରିଷ୍ଠ ସଭ୍ୟ ସାଥି ବିଷ୍ଣୁ ମହାନ୍ତିଙ୍କ ମୃତ୍ୟୁରେ ରାଜ୍ୟର ଶ୍ରମିକ ଓ ସାମ୍ୟବାଦୀ ଆନ୍ଦୋଳନ ପାଇଁ ଗଭୀର କ୍ଷତ ସୃଷ୍ଟି କରିଛି । କେନ୍ଦ୍ରାପଡା ଜିଲ୍ଲାର ଆଳିରେ ଜନ୍ମଗ୍ରହଣ କରି ପ୍ରାଥମିକ ଶିକ୍ଷା,ହାଇସ୍କୁଲ ଶିକ୍ଷା ଓ ଗ୍ରାଜୁଏସନ୍ ସାରିବା ପରେ ଆଇନ ଶିକ୍ଷା ଗ୍ରହଣ କରି ରାଉରକେଲା କୋର୍ଟରେ ଓକିଲ ଭାବେ କିଛି ବର୍ଷ କାର୍ଯ୍ୟ କରିଥିଲେ । ଏଆଇଟିୟୁସି ଜିଲ୍ଲା ସଭାପତି ବାବାଜୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ (ଏମ)ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀ ରଞ୍ଜନ ରାଉତରାୟ,ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ,ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ,ଶ୍ରମିକ ନେତା ମାଧବ ଦାସ,କୃଷକସଭା ନେତା ଆଦିକନ୍ଦ ରାଉଳ ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବତା ଅବଲମ୍ବନ କରାଯାଇଥିଲା।

# କୋରୁଆରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ଧାମନଗର,(ନିପ୍ର): ଧାମନଗର ବ୍ଲକ ଅଧୀନସ୍ଥ ଗୋବିନ୍ଦପୁର ପଞ୍ଚାୟତର କୋରୁଆ ପାଟଣା ସାହିରେ ନୂତନ ଭାବେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଭବ୍ୟ ଓ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଛି। ଗ୍ରାମବାସୀଙ୍କ ସାମୂହିକ ସହଯୋଗରେ ନିର୍ମିତ ଏହି ପବିତ୍ର ମନ୍ଦିରରେ ମହାପ୍ରଭୁଙ୍କ ପ୍ରବେଶକୁ ନେଇ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଉତ୍ସାହ ଦେଖାଯାଇଥିଲା। ଏହି ପବିତ୍ର ଓ ଐତିହାସିକ ମୁହୂର୍ତ୍ତକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।ସନ୍ଧ୍ୟାରେ ପୂର୍ଣ୍ଣାହୁତି ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ଏକତା, ଭକ୍ତିଭାବ ଓ ସାମୁହିକ ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ମନ୍ଦିର ଅଞ୍ଚଳର ଧାର୍ମିକ ଓ ସାମାଜିକ ଏକତାର ପ୍ରତୀକ ହେବ ବୋଲି ମନ୍ତ୍ରୀ କହିଥିଲେ।

# ମନ୍ମଥ ଚମ୍ପତି ସେବାଶ୍ରୀ ସମ୍ମାନ ଘୋଷଣା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଧୀନସ୍ଥ, ସିକୋ ଗ୍ରାମ ପଞ୍ଚାୟତର ପ୍ରକୃତିମିତ୍ର ଓ ସମାଜସେବୀ ସ୍ୱର୍ଗତ ମନ୍ମଥ ଚମ୍ପତିଙ୍କ ସ୍ମୃତିରେ 'ମନ୍ମଥ ଚମ୍ପତି ସେବା ସମ୍ମାନ' ସମାଜସେବୀ ଆରବୀନ୍ଦ ରାୟଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି ସମ୍ମାନ ସାମ୍ବାଦିକ ସନ୍ତୋଷ କୁମାର ସାହୁଙ୍କ ରଚିତ 'ସିକୋ ଇତିହାସ' ଚଳିତ ମାସ ୧୭ ତାରିଖରେ ସିକୋ ତିନିତୀମୁଣ୍ଡା ଛକ ରାମଲୀଳା ପଡିଆରେ ଠାରେ ଅବସର ପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ଛୋଟରାୟଙ୍କ ପୌରହିତରେ ହେବାକୁ ଯାଉଥିବା ଲୋକାର୍ପଣ ଉତ୍ସବରେ ପ୍ରଦାନ କରାଯିବ। ସେହିପରି ଯଜ୍ଞପୁରୁଷ ଗୌରାଙ୍ଗ ଗୋଛାୟତଙ୍କୁ 'ପୁଣ୍ୟାଶ୍ଳୋକ' ବୋତଲମା ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦଳେଇଙ୍କୁ 'ଗାଁ ଗୌରବ' ସଗଡ଼ଭଙ୍ଗା ପଞ୍ଚାୟତ ସରପଞ୍ଚ ଲିଳା ସ୍ୱାଇଁକୁ 'କୁଳ ତିଳକ', ହଜ ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ସାମନ୍ତରାୟଙ୍କୁ 'କୁଳ ତିଳକ', ହୀରାପୁର ପଞ୍ଚାୟତ ସରପଞ୍ଚ ଆରାତ ଚନ୍ଦ୍ର ମାଝୀଙ୍କୁ 'ଗାଁ ଗୌରବ', ସମାଜସେବି ରଣଜିତ ପଟ୍ଟନାୟକଙ୍କୁ 'ସେବା ଗୌରବ' ସମ୍ମାନରେ ସମ୍ମାନିତ କରାଯିବା ସହିତ ସାମ୍ବାଦିକ ସଞ୍ଜୟ ବାହୁବଳେନ୍ଦ୍ରଙ୍କୁ 'ସିକୋ ଇତିହାସ' ପ୍ରକାଶନର ମୁଖ୍ୟ ସହଯୋଗୀ ହେତୁ 'ଧନ୍ୟବାଦ ପତ୍ର' ମୁଖ୍ୟ ଅତିଥି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଅର୍ପଣ କରାଯିବ।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ,(ନିପ୍ର): ଯାଜପୁର ଜିଲ୍ଲା ଆଇନ ସେବାପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୮,୫୬୧ ଗୋଟି ମୋକଦ୍ଦମା ଫଇସଲା ହୋଇଛି । ସେଥି ମଧ୍ୟରୁ ୨୯୬ ଗୋଟି ଫୌଜଦାରୀ, ୧୭ ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲା, ୩୧ ଗୋଟି ଦେଓ୍ୱାନୀ, ୧୪ ଗୋଟି ପାରିବାରିକ କଳହ ମୋକଦ୍ଦମା, ଟ୍ରାଫିକ ଚାଲାଣ ୧୫ ଗୋଟି, ଖାଉଟି ସମ୍ବନ୍ଧୀୟ ୪ ଗୋଟି ଏବଂ ରାଜସ୍ୱ ବିଭାଗର ୮୧୮୪ ଟି ମାମଲା ଫଇସଲା କରାଯାଇ ମୋଟ ଟ. ୭,୮୭,୦୩,୨୪୩/- ଙ୍କା ଆଦାୟ କରାଯାଇଛି । ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୩୦ ଗୋଟି, ବିଦ୍ୟୁତ ବିଭାଗର ୨୭ ଗୋଟି, ସ୍ଥାୟୀ ଲୋକ ଅଦାଲତର ୩ ଗୋଟି ଏବଂ ଟେଲିଫୋନ ୩ ଗୋଟି ସମ୍ବନ୍ଧୀୟ ପ୍ରାକ୍ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ଟ. ୮,୮୪,୧୫୨ /- ଙ୍କା ମଧ ଆଦାୟ କରାଯାଇଛି ।

ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡ଼ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟାର ପ୍ରମୁଖ ଅଂଶ ଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକୁ ଫଇସଲା କରିଥିଲେ ।

# ରାୟଗଡ଼ ଆବାସିକ ବିଦ୍ୟାଳୟରେ ଶିକ୍ଷାର ମାନ ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ଗୁରୁତ୍ୱ

ରାୟଗଡାଳ(ନିପ୍ର): ରାୟଗଡ଼: ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରାୟଗଡ଼ ଜିଲ୍ଲାର ମଙ୍ଗଳ ବିଭାଗ ଅଧୀନସ୍ଥ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଉନ୍ନତି ଓ ଛାତ୍ରାବାସ ପରିଚାଳନା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଜିଲ୍ଲାର ୧୪୯ଟି ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଯୋଗଦେଇ ଶିକ୍ଷାର ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣକୁ କେନ୍ଦ୍ର କରି ଏକ ରଣନୀତିମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିଥିଲେ।

ବୈଠକରେ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଆଶାନୁରୂପ ଭାବେ ବୃଦ୍ଧି ନ ହେବାର କାରଣ ଓ ସେଥିପାଇଁ ଆବଶ୍ୟକ ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷକମାନେ ମତ ପ୍ରକାଶ କରିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଅନୁପାତରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯେହେତୁ ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟ, ଛାତ୍ରାବାସ ପରିଚାଳନା ଓ ସ୍ୱାସ୍ଥ୍ୟ ସମୀକ୍ଷା ଦାୟିତ୍ୱରେ ନିଯୁକ୍ତ କରାଯାଉଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଶିକ୍ଷକମାନଙ୍କୁ କେବଳ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ କରାଗଲେ ଶିକ୍ଷାର ମାନ ଅଧିକ ସୁଦୃଢ ହେବ ବୋଲି ସେମାନେ ମତ ଦେଇଥିଲେ। ବର୍ତ୍ତମାନ ଜିଲ୍ଲାରେ ଆବଶ୍ୟକତା ଅନୁସାରେ ଅତିଥି ଶିକ୍ଷକ ନିଯୁକ୍ତ ନେଇ ଆଲୋଚନା ହୋଇଥିଲା। ଏହା ସହ ସେବାଶ୍ରମଗୁଡ଼ିକ ପାଇଁ ସେବକ ଓ ସେବିକା ନିଯୁକ୍ତି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି। ଏହା ସହିତ ବାଳକ ଛାତ୍ରାବାସ ନିମନ୍ତେ ପୁରୁଷ ୱାର୍ଡେନ ସହିତ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ ସୃଷ୍ଟିକରି ନିଯୁକ୍ତି ଦେବାପାଇଁ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର କରାଗଲା। ଏହା ସହ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଆବାସଗୃହ ଭିତ୍ତିଭୂମିର ବିକାଶ କରାଯିବା ସହ ବାଳ ପାଠ୍ୟକ୍ରମ ଅନ୍ତର୍ଗତ କୁନି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ୟାନ ଭିତ୍ତିକ ଖେଳ ସାମଗ୍ରୀ ଯୋଗାଇ ଛୋଟ ଶିଶୁ ଉଦ୍ୟାନ ସୃଷ୍ଟି କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି।

# ଗୋଚର ଜମିରେ ମଣ୍ଡପ ନିର୍ମାଣ: ଗ୍ରାମବାସୀଙ୍କ ବିରୋଧ

ନିମାପଡ଼ା,(ନି.ପ୍ର): ବ୍ଲକ୍ ଅଧୀନସ୍ଥ କଳାପାଂଚଣ ଗ୍ରାମ ପଂଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ଥିବା ଗୋଚର ଜମିରେ ଜୋର ଜବରଦସ୍ତ ଭାବେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଛି । ଗୋଚର ଜମିରେ ନିର୍ମାଣ କାର୍ଯ୍ୟର ପୁନଃବିଚାର ପାଇଁ ଦାବି କରି ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ପ୍ରସ୍ତାବ ଦେଇଛନ୍ତି । ଯଦି ଟାଳଟୁଳ ନୀତି ଅବଲମ୍ବନ କରାଯାଏ ତେବେ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ପ୍ରସ୍ତାବିତ ଖାତା ନଂ-୯୫୪, ପ୍ଲଟ୍ ନଂ-୧୯୫୯ ଏ୧.୬୧ଡ଼ି. ଗୋଚର ଜମି ଅଟେ । ଉକ୍ତ ବୃତ୍ତିରେ ଜୋର ଜବରଦସ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମସୁଧା ଚାଲିଥିବା ବେଳେ କିଛି ବ୍ୟକ୍ତି ଉକ୍ତ ବୃତ୍ତିରେ ଅବରୋଧ କରିଥିବାରୁ ତାହା ଏବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅଛି । ବକେୟା ଥିବା ଗୋଚର ଜମି ଗୋରୁ, ଛେଳି, ମେଣ୍ଢା, ବନ୍ୟପ୍ରାଣୀଙ୍କ ଚାରାଣ ଭୂମି ଭାବେ ବ୍ୟବହୃତ ହୋଇଥାଏ। ଏଠାରେ ମନ୍ଦିର, ଆଶ୍ରମ ବିଦ୍ୟାଳୟ, ହଷ୍ଟେଲ, ଅଙ୍ଗନୱାଡ଼ି କେନ୍ଦ୍ର ଥିବାରୁ ମଣ୍ଡପ ନିର୍ମାଣ ହେଲେ ନାନା ଅସୁବିଧାର ସମ୍ମୁଖୀନ ହେବେ ଗ୍ରାମବାସୀ। ଏଠାରେ କଲ୍ୟାଣ ମଣ୍ଡପ ନ କରି ଗ୍ରାମ ପଂଚାୟତର ଅନ୍ୟ ସ୍ଥାନରେ ଥିବା ଖାଲି ଜମିରେ ନିର୍ମାଣ ପାଇଁ ଗ୍ରାମବାସୀ ପୁରୀ ଜିଲ୍ଲାପାଳଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ମା'ର ଅସୀମ ତ୍ୟାଗ ଯୋଗୁଁ ଆଗକୁ ବଢୁଛୁ

ବ୍ରହ୍ମପୁର (ନିପ୍ର): 'ମା' ହେଉଛନ୍ତି ସୃଷ୍ଟିର ସର୍ବଶ୍ରେଷ୍ଠ ଓ ସମ୍ମାନୀୟ ସ୍ଥାନର ଅଧିକାରିଣୀ। ମା'ର ଅସୀମ ତ୍ୟାଗ, ସ୍ନେହ ଓ ସଂଘର୍ଷ ଯୋଗୁଁ ଆମେ ସମାଜରେ ମଣିଷ ଭାବେ ବଞ୍ଚିବା ସହ ଆଗକୁ ବଢ଼ି ପାରୁଛୁ। ମନ୍ଦିର କିମ୍ବା ମସଜିଦ ଯିବା ଅପେକ୍ଷା ନିଜ ମା' ବାପାଙ୍କ ସେବା ଓ ସମ୍ମାନ କରିବା ହିଁ ସତ୍ୟ ପୂଜା ବୋଲି ମତ ପ୍ରକାଶ ପାଇଛି। ରାମଚନ୍ଦ୍ରପୁର ସ୍ଥିତ ମହାନ୍ ସଂଘ୍ ଦ୍ୱାରା ପରିଚାଳିତ "ବିଶ୍ୱ ନିକେତନ ଜରା ନିବାସ"ରେ ରବିବାର ଆୟୋଜିତ ମାତୃ ଦିବସ ପାଳନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ କରିଥିଲେ ସଂସ୍ଥାର ପ୍ରତିଷ୍ଠାତା ତଥା ସମାଜସେବୀ ଶ୍ରୀ ସୁଶାନ୍ତ କୁମାର ସାବତ। କାର୍ଯ୍ୟକ୍ରମରେ ଜରା ନିବାସର ଅନ୍ତେବାସୀମାନଙ୍କ ସହ ଆତ୍ମୀୟ ଆଲୋଚନା କରାଯାଇଥିଲା। ମାତୃତ୍ୱର ମହତ୍ତ୍ୱ, ପରିବାରରେ ବୃଦ୍ଧ ମା' ବାପାଙ୍କ ସମ୍ମାନ ଓ ସେବାର ଆବଶ୍ୟକତା ଉପରେ ଅତିଥିମାନେ ମତାମତ ରଖିଥିଲେ।

# ସ୍ମୃତିସାଉଁଟିଲେ ୧୯୭୧ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀ

କାକଟପୁର,(ନିପ୍ର): କାକଟପୁର ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ଶିକ୍ଷା ବର୍ଷର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ଭବ୍ୟ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୫ ବର୍ଷ ପରେ ପୁରୁଣା ବନ୍ଧୁମାନଙ୍କୁ ଭେଟି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ। କାର୍ଯ୍ୟକ୍ରମରେ ବ୍ୟାଚ୍‌ର ସଦସ୍ୟ ଜମେଶ୍ୱର ଦୀକ୍ଷିତ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଅବସରପ୍ରାପ୍ତ ବନ୍ଧୁମାନେ ନିଜ ନିଜର କର୍ମମୟ ଜୀବନର ଅନୁଭୂତି ବାଣ୍ଟିଥିଲେ। ପିଲାଦିନର ସ୍ମୃତି, ସ୍କୁଲ ବେଳର ଖଟାମିଠା ଅନୁଭୂତି ଏବଂ ହଜିଯାଇଥିବା ସେହି ଦିନଗୁଡ଼ିକୁ ମନେ ପକାଇ ସମସ୍ତେ କିଛି ସମୟ ପାଇଁ ପୁଣି କୈଶୋରକୁ ଫେରିଯାଇଥିଲେ। ଏହି ଅବସରରେ ମୃତ୍ୟୁବରଣ କରିଥିବା ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭା ଶେଷରେ ଆଗାମୀ ଦିନରେ ସମାଜସେବା ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମଟିକୁ ପୁରାତନ ଛାତ୍ର ସର୍ବେଶ୍ୱର ଦୀକ୍ଷିତ, ପମୋଦ ସେନାପତି, ଶରତ କୁମାର ସାହୁ,ବିଜୟ ପୃଷ୍ଟି, ରାଜକିଶୋର ଦାସ, ଅଭୟ ମହାନ୍ତି, ସୁବାସ କାନୁନଗୋ, ପ୍ରସନ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଓଡ଼ିଶାର ପ୍ରଖ୍ୟାତ ହୃଦରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଦାଶ ସମସ୍ତଙ୍କ ଉପସ୍ଥିତି ତଥା ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସାମୂହିକ ପ୍ରସାଦ ସେବନ ଓ ସଙ୍ଗୀତ କାର୍ଯ୍ୟକ୍ରମ ଓ ବନ୍ଧୁମିଳନ ଅତ୍ୟନ୍ତ ଆନନ୍ଦଦାୟକ ରହିଥିଲା।

# ମାତୃ ଦିବସରେ 'ପ୍ରୟାସ'ର ଚାରା ରୋପଣ

ଭୁବନେଶ୍ୱର,(ନିପ୍ର): କେନ୍ଦ୍ରୀୟ ବିଦ୍ୟାଳୟ -୩ , ମଞ୍ଚେଶ୍ୱର, ଭୁବନେଶ୍ୱରଠାରେ ମାତୃଦିବସ ଅବସରରେ ଶତାଧିକ ଚାରା ରୋପଣ ପ୍ରୟାସ ପକ୍ଷରୁ କରାଯାଇଅଛି । କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଡକ୍ଟର ଏ କେ ମିଶ୍ର, ଏମ୍ କେ ବଲିଆରସିଂ ଙ୍କ ସହିତ ବିଦ୍ୟାଳୟର କର୍ମକର୍ତ୍ତା ତଥା ବିଦ୍ୟାର୍ଥୀମାନେ ଓ ପ୍ରୟାସର ସଭାପତି ଚିରଞ୍ଜିବୀ ରେଡ୍ଡିଙ୍କ ସହିତ ସମ୍ପାଦକ ପ୍ରମୋଦ କୁମାର ମହାରଣା ତଥା ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଏଥିରେ ସହଯୋଗର ହାତ ବଢାଇଥିଲେ। କଥା ପ୍ରସଙ୍ଗରେ ପ୍ରୟାସର ବିବେକାନନ୍ଦ ସ୍ୱାଇଁ ତିନି ଦିନ ଧରି ଗାତ ଖୋଳା, ଖତ, ଗଛ ଆଣିବା କଥା ପ୍ରକାଶ କରିଥିଲେ। ସ୍ମରଣ କରାଇଦିଆଯାଇପାରେ ଯେ, ପ୍ରୟାସର କର୍ମକର୍ତ୍ତାଙ୍କ



ଅନୁଦାନ ଦ୍ୱାରା ଅସହାୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଉଛି।

# ପ୍ରସିଦ୍ଧ ଭଉଁରୀ ନାଗା ଯାତ୍ରା

ପିପିଲି,(ନିପ୍ର): ବଳଙ୍ଗାରେ ଭଉଁରୀ ନାଗା ଯାତ୍ରା ରବିବାର ଠାରୁ ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଶେଷ ହେବ। ରବିବାର କାଳୀ ପୂଜା ସଂପନ୍ନ ହୋଇଛି। ସୋମବାର ଭଉଁରୀ ଯାତ୍ରା ସହ ମଙ୍ଗଳ ବାର ଦିନ ଶାଢ଼ୀ ବନ୍ଧା ଉତ୍ସବ ଅନୁଷ୍ଠିତ ହେବ। ଯାତ୍ରାରେ ବଳଙ୍ଗାର ବିଭିନ୍ନ ସାହିରେ ଥିବା ଜାଗାଘର ମାନଙ୍କରୁ ନାଗା ମାନେ ବାହାରି ସେମାନଙ୍କ ନୃତ୍ୟ ପ୍ରଦର୍ଶନ ଓ ଯୁବକ ମାନେ ଦୁଃସାହସିକ ପାଇକ ଖେଳ ପ୍ରଦର୍ଶନ କରୁଥିବା ସୂଚନା ରହିଛି । ମେଳଣ କମିଟି ସଭାପତି ପ୍ରଫୁଲ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବଳଙ୍ଗା ଥାନା ଅଧିକାରୀଣୀ ସସ୍ମିତା ସାହୁ , କମିଟି ଉପଦେଷ୍ଟା ସୁବାସ ପତି,ସ୍ଥାନୀୟ ସମିତି ସଭ୍ୟ ପ୍ରକାଶ ସାହୁ, ଶ୍ରୀକର ପ୍ରଧାନ , କୃପାସିନ୍ଧୁ ଦତ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

ତିଥି :(ନବମୀ): (ଧନିଷ୍ଠା କୁମ୍ଭ)
ଅମୃତ ବେଳା: ଦିବା ଘ ୬।୪୬ ଗତେ ଘ ୯।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଇନ୍ଧନ ଯାତନା

ଦେଶର ତୈଳ-ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଏବଂ ତରଳ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ବିକ୍ରୟରେ ପ୍ରତି ମାସରେ ପ୍ରାୟ ୩୦ହଜାର କୋଟି ଟଙ୍କାର କ୍ଷତି ସହୁଛନ୍ତି । କାରଣ ସେମାନେ ଅଶୋଧିତ ତୈଳର ବୃଦ୍ଧି ମଧ୍ୟରେ ଖୁଚୁରା ଇନ୍ଧନ ମୂଲ୍ୟ ସ୍ଥିର ରଖିଛନ୍ତି। ସରକାର ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ସତ୍ତ୍ୱେ ଓଏମସି କ୍ଷତି ସହୁଛନ୍ତି। ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା, ଯାହା ବର୍ତ୍ତମାନ ଷାଠିଏ ଦିନରୁ ଅଧିକ ସମୟ ଧରି ବୃଦ୍ଧି ପାଇଛି, ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନକୁ ପ୍ରଭାବିତ କରିଛି। ବିଶ୍ୱ ଶକ୍ତି ବାଣିଜ୍ୟର ଏକ-ପଞ୍ଚମାଂଶ ଏହି ପ୍ରଣାଳୀ ଦେଇ ଆସେ। ପରିଣାମରେ ଅନ୍ୟ ଶକ୍ତି-ସମ୍ବନ୍ଧୀୟ ମୂଳ ଉତ୍ପାଦ ମଧ୍ୟରେ ଅଶୋଧିତ ତୈଳର ମୂଲ୍ୟ ଉପରକୁ ବୃଦ୍ଧି ପାଇଛି।

ଆମ ଦେଶର ତୈଳ କଂପାନୀଗୁଡ଼ିକ ପ୍ରତିଦିନ ୭ଶହରୁ ୧ ହଜାର କୋଟି ଟଙ୍କାର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହା ପଛର କାରଣ ଆଲୋଚ୍ୟ ଉତ୍ପାଦଗୁଡ଼ିକର ମୂଲ୍ୟ ନିୟନ୍ତ୍ରଣରେ ରହୁ। ଲକ୍ଷ୍ୟ କରାଯାଇଛି ଯେ ଯୁଦ୍ଧ ପରଠାରୁ ଜାପାନ ହେଉ କି ବ୍ରିଟେନ ଉଭୟ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୩୦ ପ୍ରତିଶତ ବଢ଼ାଇସାରିଛନ୍ତି। ପେଟ୍ରୋଲ ଓ ଡିଜେଲ ପ୍ରସ୍ତୁତ କରିବା ପାଇଁ କଞ୍ଚା ମାଲ କହିଲେ ଅଶୋଧିତ ତୈଳକୁ ବୁଝାଏ ଓ ଏହାର ଆମଦାନି ଯୁଦ୍ଧ କାରଣରୁ ୪୦ ପ୍ରତିଶତ ପ୍ରଭାବିତ ହୋଇସାରିଛି। ଗୋଟିଏ ପକ୍ଷେ ଇନପୁଟ କଷ୍ଟ ବା ଉତ୍ପାଦ ମୂଲ୍ୟ ଅପରପକ୍ଷେ ଉପଲବ୍ଧ କରାଯାଉଥିବା ଖୁଚୁରା ମୂଲ୍ୟ ମଧ୍ୟରେ ପ୍ରଭେଦ ମାର୍ଚ୍ଚ ବା ଏପ୍ରିଲରୁ ଅନୁଭୂତ ହୋଇସାରିଛି। ଏହି ପ୍ରଭେଦକୁ କହିଲେ ଏତିକି ହେବ ଯେ ପେଟ୍ରାଲ ଲିଟର ପିଛା ୧୮ ଟଙ୍କା ଓ ଡିଜେଲ ଲିଟର ପିଛା ୨୫ ଟଙ୍କାର କ୍ଷତି ସହ୍ୟ କାରଣରୁ ହିଁ ପ୍ରତିଦିନର କ୍ଷତି ହାରାହାରି ୭ଶହରୁ ୧ ହଜାର କୋଟି ହୋଇଥିବା ଆକଳନ କରାଯାଇଛି।

ଉଲ୍ଲେଖ କରାଯାଇପାରେ ଯେ ବର୍ତ୍ତମାନ ଦେଶରେ ପେଟ୍ରୋଲ ଲିଟର ପିଛା ମୂଲ୍ୟ ୯୪.୭୭ଟଙ୍କା ଓ ଡିଜେଲ ୮୭.୬୭ ଟଙ୍କା ରହିଛି। ସରକାରଙ୍କ ହସ୍ତକ୍ଷେପ କ୍ରମେ ପେଟ୍ରୋଲ ଉପରେ ସ୍ୱତନ୍ତ୍ର ଉତ୍ପାଦ ଶୁଳକ ୧୩ଟଙ୍କାରୁ ୩ ଟଙ୍କା କଟା ଯାଇଥିଲା ଓ ଡିଜେଲ ଉପରୁ ୧୦ ଟଙ୍କାରୁ ଶୂନକୁ ଅଣାଯାଇଥିଲା। ଏହା ହେଉଛି ସରକାରଙ୍କ ପକ୍ଷରୁ ଏବାବଦେ ଦରବୃଦ୍ଧିକୁ ରୋକିବାର ଥିଲା ସାଧନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେଲାଣି ଫେବୃଆରୀ ୨୮ରୁ । ପଶ୍ଚିମ ଏସିଆରେ ଏହା କିଭଳି ଚାପ ସୃଷ୍ଟି କରିଛି ଏହା ଅନ୍ତର୍ଭୁକ୍ତ ଦେଶଗୁଡ଼ିକ ସାମ୍ନା କରିଆସୁଛନ୍ତି। ବିଶେଷ କରି ହର୍ମୁଜ ପ୍ରଣାଳୀରେ ଅଶୋଧିତ ତୈଳର ଆମଦାନିରେ କେବଳ ଭାରତ ନୁହେଁ ଅନ୍ୟାନ୍ୟ ଦେଶ ମଧ୍ୟ ପ୍ରଭାବିତ ହୋଇସାରିଛନ୍ତି। ଅର୍ଥନୀତିଜ୍ଞଙ୍କ ଅନୁସାରେ ଯେତେବେଳେ ଦୀର୍ଘଦିନ ଧରି ଅଶୋଧିତ ତୈଳ ବଢ଼ିଚାଲେ ତାହା ଦ୍ୱାରା କାର୍ଯ୍ୟକାରୀ କ୍ୟାପିଟାଲ ବରୋଇଂ ବା ମୂଳପୁଞ୍ଜିର ଉଧାର ପରିମାଣ ତାହାକୁ ତାଳ ଦେଇ ଚାଲେ। ମୋଟ ଉପରେ ଶକ୍ତି ସୁରକ୍ଷା ଭିତ୍ତିଭୂମିରେ ଏବେ ନିବେଶ ବୃଦ୍ଧିର ପରିସର ସୃଷ୍ଟି ହୋଇସାରିଲାଣି।

# ତାମିଲନାଡୁରେ 'ବିଜୟ' ଯୁଗ ଆରମ୍ଭ

### ଡ. ପ୍ରମୋଦ କୁମାର ପଣ୍ଡା

**"ପରମ୍ପରା ଅନୁସାରେ ରାଜ୍ୟପାଳ ବିଧାନସଭା ସାଧାରଣ ନିର୍ବାଚନରେ ସର୍ବାଧିକ ଆସନ ହାସଲ କରିଥିବା ରାଜନୈତିକ ଦଳ ମୁଖ୍ୟଙ୍କୁ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରିଥାନ୍ତି। ପୂର୍ବରୁ ଏହାର ଅନେକ ନଜିର ମଧ ରହିଛି। ଏକଦା ପି. ଭି. ନରସିଂହ ରାଓଙ୍କ ସରକାର ସଂଖ୍ୟାଗରିଷ୍ଠ ନ ଥିଲା। କିନ୍ତୁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସେମାନେ ସରକାର ଗଠନ ଲାଗି ପ୍ରଥମ ନିମନ୍ତ୍ରଣ ପାଇଥିଲେ । ସରକାର ଗଠନ କରି ସଂସଦରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ମଧ ଦେଇଥିଲେ। ରାଜ୍ୟପାଳ ସଦା ଏକ ସ୍ଥିର ସରକାର ଚାହାନ୍ତି । ତେଣୁ ୧୧୮ କିମ୍ବା ତତୋଧିକ ବିଜୟୀ ବିଧାୟକଙ୍କ ସମର୍ଥନ ପତ୍ର ମାଗିବାରେ କୌଣସି ଅସୁବିଧା ନାହିଁ। ଏହା ତାଙ୍କ ବିବେକ ଓ ବୁଦ୍ଧିମତ୍ତା ତଥା ନିଜସ୍ୱ ନିଷ୍ପତ୍ତି ଉପରେ ନିର୍ଭର କରେ।**

ଗତ ମାସ ୨୯ ତାରିଖରେ ତାମିଲନାଡୁ ବିଧାନସଭା ସାଧାରଣ ନିର୍ବାଚନ ହୋଇଥିଲା। ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ଦୁଇ ବର୍ଷ ତଳେ ଗଠିତ ଟିଭିକେ ୨୩୪ ଆସନରୁ ୧୦୮ ଆସନରେ ବିଜୟ ଲାଭ କରି ସର୍ବବୃହତ୍ ଦଳର ମାନ୍ୟତା ଲାଭ କରିଥିଲା । କିନ୍ତୁ ତାଙ୍କ ପାଖେ ସ୍ପଷ୍ଟ ବହୁମତ ନ ଥିଲା। ଏକକ ସଂଖ୍ୟା ଗରିଷ୍ଠତା ପାଇଁ ୧୧୮ ଆସନର ଆବଶ୍ୟକତା ଥିଲା। ଟିଭିକେ ଏହି ମ୍ୟାଜିକ ନମ୍ବରରୁ ୧୦ ସିଟ ପଛରେ ପଡ଼ିଥିବା ଯୋଗୁଁ ସରକାର ଗଠନରେ ଅସମର୍ଥ ହୋଇଥିଲା।

ନିର୍ବାଚନ ଫଳାଫଳ ଚଳିତ ମାସ ୪ ତାରିଖରେ ଘୋଷିତ ହୋଇଥିଲା। ୧୦୮ ଆସନ ମିଳିଥିବା ଟିଭିକେ ଶିବିରରେ ଆନନ୍ଦ ଉଲ୍ଲାସ ଚରମରେ ଥିଲା । ବିଭିନ୍ନ ଢଙ୍ଗରେ ପାର୍ଟି ଓ କାର୍ଯ୍ୟକର୍ତ୍ତା ଖୁସି ମନେଇଥିଲେ। ଲୋକପ୍ରିୟ ତାମିଲ ଅଭିନେତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଥିଲା। କିନ୍ତୁ ସବୁ ଖୁସିରେ ସେତେବେଳେ ପାଣି ପଡିଥିଲା ଯେତେବେଳେ ଟିଭିକେ ମୁଖ୍ୟ ବିଜୟ ଥାଲାପତି ତାଙ୍କ ଦଳର ବିଜୟୀ ବିଧାୟକଙ୍କ ସହ ତାମିଲନାଡୁ ରାଜ୍ୟପାଳଙ୍କୁ ଭେଟିଥିଲେ। ତାଙ୍କ ଦଳ ସରକାର ଗଠନ କରିବାର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟପାଳଙ୍କ ଅନୁମୋଦନ ମିଳିନଥିଲା। ସଂଖ୍ୟାଗରିଷ୍ଠତାର ପ୍ରମାଣ ସ୍ୱରୂପ ଅତିକମ୍‌ରେ ୧୧୮ ଜଣ ବିଜୟୀ ବିଧାୟକଙ୍କ ସ୍ୱାକ୍ଷର ଥିବା ସମର୍ଥନ ପତ୍ର ଦାଖଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଲଗାତାର ତିନି ତିନି ଥର ଟିଭିକେ ମୁଖ୍ୟ ଓ ସିନେ ତାରକା ବିଜୟ ଥାଲାପତି ତାମିଲନାଡୁ ରାଜ୍ୟପାଳଙ୍କୁ ସାକ୍ଷାତ କରି ସରକାର ଗଠନ ପାଇଁ ଅନୁରୋଧ କରିଥିଲେ ସୁଦ୍ଧା ତାଙ୍କୁ ନିରାଶ ହେବାକୁ ପଡିଥିଲା।

ଏହି ତିନି ଦିନ ବିଜୟଙ୍କ ପାଇଁ ଥିଲା ଅଗ୍ନିପରୀକ୍ଷା। ବିଭିନ୍ନ ରାଜନୈତିକ ଦଳ, ବିଶେଷକରି ଡ଼ିଏମକେ ଓ ଏଆଇଏଡ଼ିଏମକେ ସରକାର ଗଠନର ବୈକଳ୍ପିକ ଗଣିତ କଷିବା ଆରମ୍ଭ କରିଦେଇଥିଲେ । ତାମିଲନାଡୁର କୌଣସି ରାଜନୈତିକ ଦଳ ଏକକ ସଂଖ୍ୟାଗରିଷ୍ଠ ନ ଥିଲା। ରାଜ୍ୟରେ ଝୁଲା ସରକାର ଗଠନ ନିଶ୍ଚିତ ଥିଲା। ତେଣୁ ସଂଖ୍ୟା ଖେଳର କସରତ ଗୋଲକଧନ୍ଦା ସୃଷ୍ଟି କରିଥିଲା । ବିଭିନ୍ନ ସମ୍ଭାବନା ଉପରେ ଆକଳନ ଜାରି ରହିଥିଲା। କିନ୍ତୁ ବିଜୟଙ୍କ ରଣ କୌଶଳ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅନ୍ୟମାନଙ୍କ ରାଜନୈତିକ ଯୋଜନାକୁ ଭଣ୍ଡୁର କରିଦେଇଥିଲା। ଟିଭିକେ କଂଗ୍ରେସରୁ ପ୍ରଥମରୁ ବିନା ସର୍ତ୍ତରେ ପାଞ୍ଚଟି ଆସନର ସମର୍ଥନ ପ୍ରାପ୍ତ କରିସାରିଥିଲା। ତଥାପି ମ୍ୟାଜିକ ନମ୍ବର ୧୧୮ କୁ ଛୁଇଁବାରେ ସକ୍ଷମ ହୋଇନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଛୋଟ ଛୋଟ ଦଳ ସିପିଆଇ, ସିପିଆଇ (ଏମ ), ଭିସିକେ ଓ ଆଇୟୁଏମଏଲର ସମର୍ଥନ ମିଳିଥିଲା। କଂଗ୍ରେସର ୫ ଓ ଉପରୋକ୍ତ ଚାରି ଦଳରୁ ପ୍ରତ୍ୟେକେ ୨ଟି ଲେଖାଏଁ ସିଟର ସମର୍ଥନ ଏପରି ଗାଏମୋଟ ୧୩ ଗୋଟି ଆସନ ମିଶି ଟିଭିକେ ୧୨୧ ଆସନରେ



ପହଞ୍ଚି ଯାଇଥିଲା। ବିଜୟ ନିଜେ ଦୁଇଟି ଆସନରୁ ନିର୍ବାଚନ ଜିତିଥିଲେ।

ତେଣୁ ଟିଭିକେ ଓ ତା' ସହଯୋଗୀ ଦଳଙ୍କ ସଂଖ୍ୟା ୧୨୦ କୁ ଛୁଇଁଥିଲା ଯାହା ସରକାର ଗଠନ ପାଇଁ ଆବଶ୍ୟକ କରୁଥିବା ୧୧୮ ସଂଖ୍ୟାରୁ ଅଧିକ ଅଟେ। ନିର୍ବାଚିତ ଟିଭିକେ ଓ ସମର୍ଥନପ୍ରାପ୍ତ ବିଧାୟକ ସ୍ୱାକ୍ଷର କରିଥିବା ତାଲିକା ରାଜ୍ୟପାଳଙ୍କୁ ତାଙ୍କର ଚତୁର୍ଥ ସାକ୍ଷାତରେ ଦାଖଲ କରି ସେ ସରକାର ଗଠନ କରିବାକୁ ଦାବି କରିଥିଲେ। ତାଙ୍କୁ ପରିଶେଷରେ ରାଜ୍ୟପାଳଙ୍କ ଅନୁମୋଦନ ଓ ଅନୁମତି ମିଳିଥିଲା।

ବେଶ୍ କିଛି ଦିନ ଧରି ତାମିଲନାଡୁ ରାଜନୀତିରେ ନିରନ୍ତର ଚାଲିଥିବା ନାଟକୀୟ ଅସ୍ଥିରତା ଏବଂ ଅଚଳବସ୍ଥାର ପରିସମାପ୍ତି ଘଟିଥିଲା । ୧୦.୫.୨୦୨୬ ପୂର୍ବାହ୍ନ ୧୦ ଟାରେ ବିଜୟ ଚେନ୍ନାଇ ସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିଅମରେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହିତ ଟିଭିକେ ଓ ଅନ୍ୟ ସହଯୋଗୀ ପାର୍ଟିର ୦୯ ଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।

ପରମ୍ପରା ଅନୁସାରେ ରାଜ୍ୟପାଳ ବିଧାନସଭା ସାଧାରଣ ନିର୍ବାଚନରେ ସର୍ବାଧିକ ଆସନ ହାସଲ କରିଥିବା ରାଜନୈତିକ ଦଳ ମୁଖ୍ୟଙ୍କୁ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରିଥାନ୍ତି। ପୂର୍ବରୁ ଏହାର ଅନେକ ନଜିର ମଧ ରହିଛି। ଏକଦା ପି. ଭି. ନରସିଂହ ରାଓଙ୍କ ସରକାର ସଂଖ୍ୟାଗରିଷ୍ଠ ନଥିଲା। କିନ୍ତୁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସେମାନେ ସରକାର ଗଠନ ଲାଗି ପ୍ରଥମ ନିମନ୍ତ୍ରଣ ପାଇଥିଲେ । ସରକାର ଗଠନ କରି ସଂସଦରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ମଧ ଦେଇଥିଲେ। ରାଜ୍ୟପାଳ ସଦା ଏକ ସ୍ଥିର ସରକାର ଚାହାନ୍ତି । ତେଣୁ ୧୧୮ କିମ୍ବା ତତୋଧିକ ବିଜୟୀ ବିଧାୟକଙ୍କ ସମର୍ଥନ ପତ୍ର ମାଗିବାରେ କୌଣସି ଅସୁବିଧା ନାହିଁ। ଏହା ତାଙ୍କ ବିବେକ ଓ ବୁଦ୍ଧିମତ୍ତା ତଥା ନିଜସ୍ୱ ନିଷ୍ପତ୍ତି ଉପରେ ନିର୍ଭର କରେ। ଅନେକେ ମମତା ଇସ୍ତଫା ନଦେବା ଯେପରି ଅଗଣତାନ୍ତ୍ରିକ ଠିକ ସେହିପରି ଟିଭିକେ ମୁଖ୍ୟ ବିଜୟଙ୍କୁ ଶପଥପାଠ ପାଇଁ ସୁଯୋଗ ନ ଦେବା ମଧ୍ୟ ଅଗଣତାନ୍ତ୍ରିକ ବୋଲି ମତ ପୋଷଣ କରନ୍ତି।

ତେବେ ପରିଶେଷରେ ବିଜୟଙ୍କ ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ରୂପେ ସେ ଶପଥ ଗ୍ରହଣ କରିଛନ୍ତି। ତାମିଲନାଡୁ ରାଜନୈତିକ ଇତିହାସରେ ସେ ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ। ଟିଭିକେର ୪୩ ଜଣ ବିଧାୟକଙ୍କ ବୟସ ୪୦ ବର୍ଷ ତଳେ ଓ ୯୩ ଜଣ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ଟିଭିକେର ସର୍ବକନିଷ୍ଠ ବିଧାୟକଙ୍କ ବୟସ ମାତ୍ର ୨୮ ବର୍ଷ। ତାମିଲନାଡୁ ନାଟକୀୟ ରାଜନୈତିକ ଅଚଳାବସ୍ଥାର ଆଜି ଅନ୍ତ ଘଟିଛି। ଦେଖାଯାଉ ଆଗକୁ ରାଜ୍ୟର ରାଜନୈତିକ ରୂପରେଖ କୁଆଡେ ଯାଉଛି। ଯୁବଗୋଷ୍ଠୀ ଦେଶର ବଳ। ତାଙ୍କ କାର୍ଯ୍ୟଦକ୍ଷତା ଉପରେ ଦେଶ ତଥା ରାଜ୍ୟର ଉନ୍ନତି ନିର୍ଭର କରେ। ତାମିଲନାଡୁ ସରକାରରେ ସମ୍ପ୍ରତି ଅନେକ ଯୁବକ ସାମିଲ ଅଛନ୍ତି। ଆଶା ତାଙ୍କର ଦକ୍ଷ ରାଜନୀତିରେ ରାଜ୍ୟ ବିକାଶର ଶୀର୍ଷେ ଛୁଇଁବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଇଣ୍ଡିଆ ବ୍ଲକରେ ଫାଟ

### ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ ଶେଷ ହୋଇଥିବା ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ କେବଳ ଇଣ୍ଡିଆ ମେଣ୍ଟକୁ ଝଟକା ଦେଇନାହିଁ, ମେଣ୍ଟରେ ବିସ୍ଫୋରଣର ସଂକେତ ପ୍ରଦାନ କରିଛି ବୋଲି କୁହାଯାଇପାରିବ। ତାମିଲନାଡୁରେ ଥାଲାପତି ବିଜୟଙ୍କ ତାମିଲଗା ଭେଟ୍ରି କାଜାଗମ (ଟିଭିକେ)କୁ କଂଗ୍ରେସ ସମର୍ଥନ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଡିଏମକେର ଜଣେ ମୁଖପାତ୍ର କହିଛନ୍ତି ଯେ, ଇଣ୍ଡିଆ ବ୍ଲକ ଏବେ ଆଉ ନାହିଁ। ବିରୋଧୀ ଦଳ ମେଣ୍ଟରୁ ଓହରିଯିବା ସମ୍ପର୍କରେ ଆନୁଷ୍ଠାନିକ ଭାବେ ଡିଏମକେ ବର୍ତ୍ତମାନ ସୁଦ୍ଧା କୌଣସି ଘୋଷଣା କରିନଥିଲେ ମଧ୍ଯ କଂଗ୍ରେସର ପଦକ୍ଷେପ ନେଇ ଦଳର ଆଭିମୁଖ୍ୟ ଦୃଢ ରହିଛି। ଯେକୌଣସି ସମୟରେ ଇଣ୍ଡିଆ ବ୍ଲକ ସହ ଡିଏମକେ ସମ୍ପର୍କ ଛିନ୍ନ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଲୋକସଭାରେ ୯୯ଜଣ ସାଂସଦଙ୍କ ସହ କଂଗ୍ରେସ ସର୍ବବୃହତ ବିରୋଧୀଦଳ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଟିଏମସି ଓ ତୃତୀୟ ସ୍ଥାନରେ ଡିଏମକେ ରହିଛି। ଟିଏମସିର ଲୋକସଭାରେ ୨୯ଜଣ ସଦସ୍ୟ ଥିବାବେଳେ ଡିଏମକେର ୨୨ ସାଂସଦ ଅଛନ୍ତି। ତାମିଲନାଡୁର ମୋଟ ୩୯ଟି ଲୋକସଭା ଆସନ ଇଣ୍ଡିଆ ବ୍ଲକରେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ନିକଟ ଅତୀତରେ ବିଜେପି ଓ ଏନଡିଏ ବିରୋଧରେ ବିରୋଧୀଦଳ ମେଣ୍ଟରେ ଆଦର୍ଶଗତ ଲଢେଇରେ ଡିଏମକେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିବା ଲକ୍ଷ୍ୟ କରାଯାଏ।

ନିକଟରେ ବହୁଚର୍ଚ୍ଚିତ ମହିଳା ସଂରକ୍ଷଣ ଆଇନ ସହ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍‌କୁ ଲୋକସଭାରେ ଗୃହୀତ କରାଇ ନ ଦେବାରେ ଏବଂ ଜନଗଣନା ଚୂଡ଼ାନ୍ତ ରିପୋର୍ଟ ପୂର୍ବରୁ ସୀମା ନିର୍ଦ୍ଧାରଣକୁ ଦୃଢ ବିରୋଧ କରିବା ସହ ବିରୋଧୀ ଦଳମାନଙ୍କୁ ଏକଜୁଟ କରାଇବାରେ ସଫଳ ହୋଇଥିଲା। ଏହା ବ୍ୟତୀତ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ କରିବା କ୍ଷେତ୍ରରେ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରର ସ୍ୱେଚ୍ଛାଚାରୀ ଆଭିମୁଖ୍ୟକୁ ବିରୋଧ କରି ବିରୋଧୀ ଦଳଗୁଡିକୁ ଏକଜୁଟ କରିବାରେ ସକ୍ଷମ ହୋଇଥିଲା। ଇଣ୍ଡିଆ ବ୍ଲକ ଠାରୁ ଯଦି ଡିଏମକେ ନିଜକୁ ଦୂରେଇ ରଖେ, ତେବେ ଏହା ବିରୋଧୀ ପ୍ଲାଟଫର୍ମରେ ଜଟିଳ ରହସ୍ୟ ସବୁ ଖୋଲିବା ଆଶଙ୍କା କରାଯାଏ। ସେହିପରି କଂଗ୍ରେସ ମଧ୍ୟ ବିରୋଧୀ ଦଳରେ ଏକଘରକିଆ ହୋଇଯିବା ଆଶଙ୍କାକୁ ମଧ୍ୟ ଏଡାଇ ଦେଇ ହେଉ ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ଏନଡିଏ ବିରୋଧରେ ୨୦୨୩ରେ ଇଣ୍ଡିଆ ମେଣ୍ଟ ଗଠନ ସମୟରେ ଆଦର୍ଶଗତ ପରସ୍ପର ବିରୋଧୀ ଦଳମାନଙ୍କୁ ନେଇ ଗଠିତ ହୋଇଥିଲା, ଯାହାକୁ ଜାତୀୟ ସ୍ତରରେ ବିଜେପିର ଏକ ବିକଳ୍ପ ଭାବେ ଚିତ୍ରଣ କରାଯାଇଥିଲା। ରାଜ୍ୟସ୍ତରରେ ସେମାନେ ପରସ୍ପର ବିରୁଦ୍ଧରେ ଲଢେଇ କରୁଥିବାବେଳେ ଜାତୀୟ ସ୍ତରରେ ଏକାଠି ଲଢିବା ପାଇଁ ସମ୍ମତି ଦେଇଥିଲେ। ପଶ୍ଚିମବଙ୍ଗରେ ଟିଏମସି ବିରୁଦ୍ଧରେ କଂଗ୍ରେସ ଓ ବାମପନ୍ଥୀ ଲଢିଥିବାବେଳେ କେରଳରେ ବାମପନ୍ଥୀଙ୍କ ବିରୋଧରେ କଂଗ୍ରେସ ଏକାକୀ ଲଢି ସରକାର ଗଢିବାକୁ ଯାଉଛି। ଏବେ ଇଣ୍ଡିଆ ବ୍ଲକ ଏକ ଦୁର୍ଦ୍ଦିନ ସମୟ ଦେଇ ଗତି କରୁଛି ବୋଲି କହିଲେ ଭୁଲ ହେବ ନାହିଁ। ପଶ୍ଚିମବଙ୍ଗରେ ଟିଏମସି, କେରଳରେ ସିପିଏମ ଏବଂ ତାମିଲନାଡୁରେ ଡିଏମକେର ପରାଜୟ ଇଣ୍ଡିଆ ବ୍ଲକ ନେତାମାନଙ୍କୁ ଭୂଲୁଣ୍ଠିତ କରିଦେଇଛି, ଯେଉଁମାନେ କି ସଂଘୀୟବାଦର ପ୍ରବକ୍ତା ଥିଲେ, ଯାହାକି ପାର୍ଲିଆମେଣ୍ଟ ଭିତରେ ଏବଂ ବାହାରେ ମିଳିତ ବିରୋଧୀ ଦଳର ସବୁଠାରୁ ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା।

କହିବା ବାହୁଲ୍ୟ ଯେ, କେରଳରେ କଂଗ୍ରେସ ଲାଭବାନ ହୋଇଛି ଏବଂ ଦକ୍ଷିଣ ଭାରତର ୫ଟି ରାଜ୍ୟମଧ୍ୟରୁ ୩ଟିରେ କ୍ଷମତା ଅକ୍ତିଆର କରିଛି। କିନ୍ତୁ ଉତ୍ତର, କେନ୍ଦ୍ରୀୟ,ପୂର୍ବ ଓ ପଶ୍ଚିମ ଭାରତରେ ପ୍ରାୟତଃ ମୂଳପୋଛ ହୋଇଯାଇଥିବାବେଳେ ସଂଘୀୟ ଏଜେଣ୍ଡାରେ ଏକ ପ୍ରକାର ନିସ୍ତେଜ ରହିଛି। ରାଜ୍ୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ଏବଂ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ କରିବା କ୍ଷେତ୍ରରେ କଂଗ୍ରେସ ମଧ୍ୟପନ୍ଥୀ ଆଭିମୁଖ୍ୟ ଗ୍ରହଣ କରିଆସୁଥିବାବେଳେ ଡିଏମକେ, ସିପିଏମ, ଟିଏମସି ପରି ଦଳଗୁଡିକ ଏଥିରେ ସମ୍ମୁଖ ଭାଗରେ ଥିଲେ। ଯାହାର ପରିଣତି ସ୍ୱରୂପ ସତୁରି ଦଶକରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ନେଇ ସରକାରିଆ କମିଶନ ଗଠିତ ହୋଇଥିଲା ଏବଂ କମିଶନ ସଂଘୀୟ ଢାଞ୍ଚାକୁ ମଜଭୁତ କରିବା ପାଇଁ ସୁପାରିସ କରିଥିଲେ। କଂଗ୍ରେସ ଏବେ ଆଉ ଜାତୀୟ ରାଜନୀତିରେ କେନ୍ଦ୍ର ବିନ୍ଦୁ ହୋଇ ରହିନାହିଁ। ରାଜ୍ୟମାନଙ୍କୁ ଅଧିକ କ୍ଷମତା, ଅଧିକାର ପ୍ରସଙ୍ଗକୁ ଗୁରୁତ୍ୱ ଦେଉନାହିଁ। ଅନ୍ୟପକ୍ଷରେ ଆଂଚଳିକ ଦଳ ଜେଏମଏମ, ଏନସି, ଟିଡିପି କ୍ଷମତାରେ ଥିବା ସତ୍ତ୍ୱେ ସଂକୁଚିତ ହେବାରେ ଲାଗିଛି। ଯଦି ଇଣ୍ଡିଆ ବ୍ଲକ ଭାଙ୍ଗିଯାଏ, ତେବେ ସଂଘୀୟ ପ୍ରସଙ୍ଗ ଆହୁରି ଗୁରୁତ୍ୱ ହରାଇବା ସହ ବିରୋଧ ଦଳଗୁଡିକୁ ଆହୁରି ଦୁର୍ବଳ ହୋଇଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

ମୋ-୯୪୩୭୯୯୪୩୭୯

# ବିବିଧତାରେ ଏକତା ଭାରତର ଆତ୍ମା

### ଅସିତ ମହାନ୍ତି

**"ଆମକୁ ଶିକ୍ଷା ଏବଂ ଆଲୋଚନାକୁ ପ୍ରାଥମିକତା ଦେବାକୁ ପଡିବ। ପିଲା ଏବଂ ଯୁବକମାନଙ୍କୁ ଶିକ୍ଷା ଦେବାକୁ ପଡିବ ଯେ ଭାରତର ଶକ୍ତି ଏହାର ବିବିଧତାରେ ରହିଛି। ସ୍କୁଲ, ବିଶ୍ୱବିଦ୍ୟାଳୟ ଏବଂ ସାର୍ବଜନୀନ ମଞ୍ଚରେ, ବିବିଧତାରେ ଏକତାକୁ ସ୍ପଷ୍ଟ ଉଦାହରଣ ସହିତ ବୁଝାଇବାକୁ ପଡିବ - କିପରି ବିଭିନ୍ନ ଧର୍ମ, ଭାଷା ଏବଂ ସଂସ୍କୃତି ଭାରତକୁ ଏକାଠି ଗଠନ କରିଛି। ଦ୍ୱିତୀୟତଃ, ଆମକୁ ଅହିଂସା ପ୍ରତିରୋଧ ଏବଂ ଗଣ ଆନ୍ଦୋଳନର ପରମ୍ପରାକୁ ପୁନର୍ଜୀବିତ କରିବାକୁ ପଡିବ। ଗାନ୍ଧୀଜୀ ପ୍ରଦର୍ଶନ କରିଥିଲେ ଯେ ହିଂସାର ଉତ୍ତର ହିଂସା ନୁହେଁ, ବରଂ ସତ୍ୟ ଏବଂ ଅହିଂସା। ଯେତେବେଳେ ମୂର୍ତ୍ତି ଭଙ୍ଗାଯାଏ କିମ୍ବା ଭଙ୍ଗାଯାଏ, ଆମକୁ ଶାନ୍ତି ଏବଂ ଏକତାର ପ୍ରତୀକାତ୍ମକ କାର୍ଯ୍ୟ ସହିତ ପ୍ରତିକ୍ରିୟା କରିବାକୁ ପଡିବ - ସାମ୍ପ୍ରଦାୟିକ ସଦ୍ଭାବ, ସାଂସ୍କୃତିକ ଉତ୍ସବ ଏବଂ ସହଭାଗୀ ସାର୍ବଜନୀନ ସମାବେଶ ପାଇଁ ସାମୂହିକ ପ୍ରାର୍ଥନା।**

ପଶ୍ଚିମବଙ୍ଗରେ ବିଜେପି କ୍ଷମତାକୁ ଆସିବା ପରେ ବିଜେପି କର୍ମୀମାନେ ଯେପରି ଭଙ୍ଗାରୁଜା, ହିଂସା ଏବଂ ସାମ୍ପ୍ରଦାୟିକ ବିଭାଜନ ସୃଷ୍ଟି କଲେ, ତାହା କେବଳ ରାଜନୈତିକ ମତଭେଦର ବିଷୟ ନୁହେଁ, ବରଂ ଭାରତର ଆତ୍ମା ଉପରେ ସିଧାସଳଖ ଆକ୍ରମଣ। ଭାରତର ଆତ୍ମା ହେଉଛି ଏହାର ବିବିଧତାରେ ଏକତା - ବିବିଧତାରେ ଏକତା - ଯାହା ଶତାବ୍ଦୀ ଧରି ଆମର ଇତିହାସ ଏବଂ ସଂସ୍କୃତିର ମୂଳରେ ରହିଛି। ଯେତେବେଳେ କୌଣସି ରାଜନୈତିକ ଶକ୍ତି ଏହି ଧାରଣାକୁ ନଷ୍ଟ କରିବାକୁ ଚେଷ୍ଟା କରେ, ଏହା କେବଳ ବର୍ତ୍ତମାନର ରାଜନୀତିର ଏକ ସଙ୍କଟ ନୁହେଁ ବରଂ ଆମର ସଭ୍ୟତା ଏବଂ ଗଣତାନ୍ତ୍ରିକ ପରମ୍ପରାର ଅପମାନ।

ଭାରତର ଇତିହାସ ସାକ୍ଷୀ ଅଛି ଯେ ଏଠାରେ ଅନେକ ଧର୍ମ, ଭାଷା, ଜାତି ଏବଂ ସଂସ୍କୃତି ଏକତ୍ର ବିକଶିତ ହୋଇଛି। ଗଙ୍ଗା-ଯମୁନା ସଂସ୍କୃତି ଠାରୁ ଆରମ୍ଭ କରି ବୌଦ୍ଧ, ଜୈନ, ଶିଖ ଏବଂ ଇସଲାମିକ ପରମ୍ପରା ପର୍ଯ୍ୟନ୍ତ, ଭାରତ ସର୍ବଦା ବିବିଧତାକୁ ଗ୍ରହଣ କରି ଏହାକୁ ନିଜର ଶକ୍ତି କରିଛି। ଏହି କାରଣରୁ ଭାରତକୁ ବିଶ୍ୱରେ ଏକ ଅନନ୍ୟ ରାଷ୍ଟ୍ର ଭାବରେ ଦେଖାଯାଏ। କିନ୍ତୁ ଯେତେବେଳେ କ୍ଷମତାରେ ଥିବା ଲୋକମାନେ ଏହି ବିବିଧତାକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ହିନ୍ଦୁ ଏବଂ ମୁସଲମାନ ମଧ୍ୟରେ ବିଭାଜନ ସୃଷ୍ଟି କରନ୍ତି, ଏହା ଭାରତର ଆତ୍ମାକୁ ଆଘାତ କରେ।ଗଣତନ୍ତ୍ର କେବଳ ନିର୍ବାଚନ ଜିତିବା ବିଷୟରେ ନୁହେଁ, ବରଂ ଲୋକଙ୍କ ବିବିଧତାକୁ ସମ୍ମାନ କରିବା ବିଷୟରେ। ଯେତେବେଳେ କ୍ଷମତା ନାମରେ ହିଂସା ଏବଂ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରାଯାଏ, ସେତେବେଳେ ଗଣତନ୍ତ୍ରର ପ୍ରକୃତ ମୂଳ ହଜିଯାଏ। ପଶ୍ଚିମବଙ୍ଗରେ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇଥିଲା, ସଂଖ୍ୟାଲଘୁମାନଙ୍କୁ ଭୟଭୀତ କରାଯାଇଥିଲା ଏବଂ ବିଭାଜନକାରୀ ରାଜନୀତି କରାଯାଇଥିଲା। ପୋଲିସ ଏବଂ ପ୍ରଶାସନର ଉପସ୍ଥିତିରେ ଏସବୁ ଘଟିଥିଲା, ଯାହା ଗଣତାନ୍ତ୍ରିକ ପ୍ରତିଷ୍ଠାନର ଦୁର୍ବଳତା ଏବଂ କ୍ଷମତାର ଅପବ୍ୟବହାରର ପ୍ରମାଣ।

ବିବିଧତାରେ ଏକତା କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଭାରତର ଜୀବନରକ୍ଷା। ଏହି ଧାରଣା ଆମକୁ କୁହେ ଯେ ଆମର ଭିନ୍ନତା ସତ୍ତ୍ୱେ, ଆମେ ଏକ। ଆମର ବିବିଧତା ଆମର ଶକ୍ତି। ଯେତେବେଳେ କୌଣସି ରାଜନୈତିକ ଦଳ ଏହି ବିବିଧତାକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି, ଏହା ଭାରତର ଆତ୍ମାକୁ ଦୁର୍ବଳ କରିଥାଏ। ଏହା କେବଳ ଗୋଟିଏ ରାଜ୍ୟର ସମସ୍ୟା ନୁହେଁ, ବରଂ ସମଗ୍ର ଜାତିର ବିବେକ ଉପରେ ଆକ୍ରମଣ।ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଠାରୁ ଆରମ୍ଭ କରି ସାମ୍ପ୍ରଦାୟିକ ଫାଟ ସୃଷ୍ଟି କରିବା ପର୍ଯ୍ୟନ୍ତ, ଏହି ଘଟଣାଗୁଡ଼ିକ ଆମକୁ ମନେ ପକାଇ ଦିଏ ଯେ ଚିନ୍ତାଧାରା ଏବଂ ସଂସ୍କୃତିକୁ ବଳ ଦ୍ୱାରା ଲିଭାଇ ଦିଆଯାଇପାରିବ ନାହିଁ। ପ୍ରତିମୂର୍ତ୍ତି ଭାଙ୍ଗିପାରେ, କିନ୍ତୁ ଚିନ୍ତାଧାରା ଏବଂ ପରମ୍ପରା ଅମର ରହିଥାଏ। କୌଣସି ଶକ୍ତି ଭାରତର ଆତ୍ମାକୁ ନଷ୍ଟ କରିପାରିବ ନାହିଁ, କାରଣ ଏହା ଲକ୍ଷ ଲକ୍ଷ ଲୋକଙ୍କ ସ୍ମୃତି, ସଂଘର୍ଷ ଏବଂ ପ୍ରେମ ଦ୍ୱାରା ଗଢ଼ି ଉଠିଛି। ଆଜି, ଆମକୁ ଏହି ବିଭାଜନକାରୀ ରାଜନୀତିର ବିରୋଧ କରିବାକୁ ଏବଂ ଭାରତର ପ୍ରକୃତ ପରିଚୟକୁ ସଂରକ୍ଷଣ କରିବାକୁ ପଡିବ। ଆମକୁ ମନେ ରଖିବାକୁ ପଡିବ ଯେ ଭାରତର ଶକ୍ତି ଏହାର ବିବିଧତାରେ ରହିଛି। ଯଦି ଆମେ ଏହି ବିବିଧତାକୁ ହରାଇବା, ତେବେ ଭାରତ କେବଳ ଏକ ଭୌଗୋଳିକ ସତ୍ତା ହୋଇଯିବ; ଏହାର ଆତ୍ମା ମରିଯିବ।



ତେଣୁ, ପଶ୍ଚିମବଙ୍ଗର ଘଟଣାଗୁଡ଼ିକ ଆମକୁ ସତର୍କ କରାଇଦିଏ ଯେ ଗଣତନ୍ତ୍ର ଏବଂ ବିବିଧତାକୁ ସୁରକ୍ଷା ଦେବା ଆମର ଦାୟିତ୍ୱ। ଆମକୁ ପ୍ରମାଣ କରିବାକୁ ପଡିବ ଯେ କୌଣସି ଶକ୍ତି ଭାରତର ଆତ୍ମାକୁ ଲିଭାଇ ପାରିବ ନାହିଁ। ବିବିଧତାରେ ଏକତା କେବଳ ଇତିହାସର ଏକ ଅଂଶ ନୁହେଁ, ବରଂ ଆମର ବର୍ତ୍ତମାନ ଏବଂ ଭବିଷ୍ୟତର ମୂଳଦୁଆ। ଭାରତର ଆତ୍ମା ଆହତ, କିନ୍ତୁ ଏହା ଅମର ମଧ୍ୟ। ଆମକୁ ଏହାକୁ ସୁରକ୍ଷା ଦେବାକୁ ପଡିବ, ଏହାକୁ ମଜଭୁତ କରିବାକୁ ପଡିବ ଏବଂ ନିଶ୍ଚିତ କରିବାକୁ ପଡିବ ଯେ କୌଣସି ରାଜନୈତିକ ଶକ୍ତି ଏହାକୁ ନଷ୍ଟ କରିପାରିବ ନାହିଁ। ଏହା ହେଉଛି ଭାରତର ପ୍ରକୃତ ପରିଚୟ, ଏହା ହେଉଛି ଏହାର ଜୀବନ। ଏହାର ବିବିଧତାରେ ଏକତାକୁ ରକ୍ଷା କରିବା ଏବଂ ବିଭାଜନକାରୀ ରାଜନୀତିକୁ ପ୍ରତିରୋଧ କରିବା ପାଇଁ ଆମେ କ'ଣ ପଦକ୍ଷେପ ନେବା ଉଚିତ ? ପ୍ରଥମେ, ଆମକୁ ବୁଝିବାକୁ ପଡିବ ଯେ ବିବିଧତାରେ ଏକତା କେବଳ ସମ୍ବିଧାନ ମଧ୍ୟରେ ନୁହେଁ, ବରଂ ଆମର ଦୈନନ୍ଦିନ ଜୀବନରେ ମଧ ରହିଛି। ଏହାକୁ ସୁରକ୍ଷା ଦେବା ପାଇଁ, ଆମକୁ ସାମାଜିକ ସ୍ତରରେ ସକ୍ରିୟ ହେବାକୁ ପଡିବ। ଯେତେବେଳେ ରାଜନୈତିକ ଶକ୍ତି ହିଂସା ଏବଂ ସାମ୍ପ୍ରଦାୟିକ ବିଭାଜନ ସୃଷ୍ଟି କରନ୍ତି, ସେତେବେଳେ କେବଳ ନିର୍ବାଚନୀ ରାଜନୀତି ମାଧ୍ୟମରେ ନୁହେଁ, ବରଂ ସାମାଜିକ ସଚେତନତା ଏବଂ ସାଂସ୍କୃତିକ ସଂହତି ମାଧ୍ୟମରେ ସେମାନଙ୍କର ମୁକାବିଲା କରାଯାଇପାରିବ।

ଆମକୁ ଶିକ୍ଷା ଏବଂ ଆଲୋଚନାକୁ ପ୍ରାଥମିକତା ଦେବାକୁ ପଡିବ। ପିଲା ଏବଂ ଯୁବକମାନଙ୍କୁ ଶିକ୍ଷା ଦେବାକୁ ପଡିବ ଯେ ଭାରତର ଶକ୍ତି ଏହାର ବିବିଧତାରେ ରହିଛି। ସ୍କୁଲ, ବିଶ୍ୱବିଦ୍ୟାଳୟ ଏବଂ ସାର୍ବଜନୀନ ମଞ୍ଚରେ, ବିବିଧତାରେ ଏକତାକୁ ସ୍ପଷ୍ଟ ଉଦାହରଣ ସହିତ ବୁଝାଇବାକୁ ପଡିବ - କିପରି ବିଭିନ୍ନ ଧର୍ମ, ଭାଷା ଏବଂ ସଂସ୍କୃତି ଭାରତକୁ ଏକାଠି ଗଠନ କରିଛି। ଦ୍ୱିତୀୟତଃ, ଆମକୁ ଅହିଂସା ପ୍ରତିରୋଧ ଏବଂ ଗଣ ଆନ୍ଦୋଳନର ପରମ୍ପରାକୁ ପୁନର୍ଜୀବିତ କରିବାକୁ ପଡିବ। ଗାନ୍ଧୀଜୀ ପ୍ରଦର୍ଶନ କରିଥିଲେ ଯେ ହିଂସାର ଉତ୍ତର ହିଂସା ନୁହେଁ, ବରଂ ସତ୍ୟ ଏବଂ ଅହିଂସା। ଯେତେବେଳେ ମୂର୍ତ୍ତି ଭଙ୍ଗାଯାଏ କିମ୍ବା ଭଙ୍ଗାଯାଏ, ଆମକୁ ଶାନ୍ତି ଏବଂ ଏକତାର ପ୍ରତୀକାତ୍ମକ କାର୍ଯ୍ୟ ସହିତ ପ୍ରତିକ୍ରିୟା କରିବାକୁ ପଡିବ - ସାମ୍ପ୍ରଦାୟିକ ସଦ୍ଭାବ, ସାଂସ୍କୃତିକ ଉତ୍ସବ ଏବଂ ସହଭାଗୀ ସାର୍ବଜନୀନ ସମାବେଶ ପାଇଁ ସାମୂହିକ ପ୍ରାର୍ଥନା। ତୃତୀୟତଃ, ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବାକୁ ପଡିବ। ପୋଲିସ ଏବଂ ପ୍ରଶାସନକୁ କ୍ଷମତାର ପ୍ରଭାବରୁ ମୁକ୍ତ କରି ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡିବ। ଯଦି ସେମାନେ ନୀରବ ରୁହନ୍ତି, ତେବେ ଗଣତନ୍ତ୍ର ଦୁର୍ବଳ ହୋଇଯାଏ। ନାଗରିକ ସମାଜ ନିଶ୍ଚିତ କରିବା ଉଚିତ ଯେ ଅନୁଷ୍ଠାନଗୁଡ଼ିକ ନିରପେକ୍ଷ ରହିବେ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ଦେବେ। ଚତୁର୍ଥ, ଆମକୁ ଗଣମାଧ୍ୟମ ଏବଂ ସାହିତ୍ୟର ଶକ୍ତିକୁ ବ୍ୟବହାର କରିବାକୁ ପଡିବ। ପ୍ରବନ୍ଧ, କବିତା, ନାଟକ ଏବଂ ଚଳଚ୍ଚିତ୍ର ହେଉଛି ସଚେତନତା ବୃଦ୍ଧି କରିବାର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ। ଯେତେବେଳେ ବିଭାଜନକାରୀ ରାଜନୀତି ବୃଦ୍ଧି ପାଏ, ସାହିତ୍ୟ ଏବଂ କଳା ହେଉଛି ଏକମାତ୍ର ଶକ୍ତି ଯାହା ଜନସାଧାରଣଙ୍କୁ ଏକ କରିପାରିବ।

ଶେଷରେ, ଆମକୁ ମନେ ରଖିବାକୁ ପଡିବ ଯେ କୌଣସି ଶକ୍ତି ଭାରତର ଆତ୍ମାକୁ ନଷ୍ଟ କରିପାରିବ ନାହିଁ। କିନ୍ତୁ ଏହାକୁ ଦୃଢ଼ ରଖିବା ପାଇଁ, ଆମକୁ ସକ୍ରିୟ ରହିବାକୁ ପଡିବ। ବିବିଧତାରେ ଏକତା କେବଳ ଏକ ଆଦର୍ଶ ନୁହେଁ, ବରଂ ଏକ ନିରନ୍ତର ସଂଘର୍ଷ। ଏହି ସଂଘର୍ଷରେ ଅଂଶଗ୍ରହଣ କରିବା ଏବଂ ଭାରତର ଆତ୍ମାକୁ ରକ୍ଷା କରିବା ପ୍ରତ୍ୟେକ ନାଗରିକର ଦାୟିତ୍ୱ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ସରକାରୀ ଘୋଷଣାକୁ ଟାଟା ପାୱାରର ବେଖାତିର !

## ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଉପଭୋକ୍ତା ଅସନ୍ତୋଷ

ଦାମନଯୋଡି, ୧୦/୫(ନିପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ସରକାର ଘୋଷଣା କରିଛନ୍ତି । ତେବେ ଟାଟା ପାୱାର ସରକାରଙ୍କ ଘୋଷଣାକୁ ବେଖାତିର କରି ଅଘୋଷିତ ଭାବରେ ଏଠାରେ ବାରମ୍ବାର ବିଦ୍ୟୁତ୍ କାଟ କରୁଥିବାରୁ ଉଦୁଉଦିଆ ଖରାରେ ଉପୋଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଏଭଳି ଚିତ୍ର ଦେଖିବାକୁ ମିଳିଛି ସେମିଳିଗୁଡା,ଦମନଯୋଡ଼ି ଆଦି ଅଞ୍ଚଳରେ। ସରକାରଙ୍କ ଘୋଷଣାକୁ ବେଖାତିର କରି ଅଞ୍ଚଳରେ ଟାଟା ପାୱାର ନିଜ ଇଚ୍ଛା ମୁତାବକ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟି ଲୋକମାନଙ୍କୁ ହଇରାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ କରି ଲୋକେ ବିଫଳ ହେଉଥିବା କହିଛନ୍ତି । ଅନ୍ୟ ପକ୍ଷରେ ଗ୍ରାହକ ସହାୟତା ନମ୍ବର କୁ ଫୋନ୍ କଲେ ସେଠାରୁ ମଧ୍ୟ ସନ୍ତୋଷ ଜନକ ଉତ୍ତର ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି । ସରକାରଙ୍କ ଘୋଷଣା ଅନୁଯାୟୀ ଏହି ଗରମ ସମୟରେ ଯଦି କୌଣସି ଉପଭୋକ୍ତା ମାନଙ୍କର ପୂର୍ବ ବକେୟା ବିଲ୍ ଥିବ, ଏହି ସମୟରେ ସେମାନଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରା ନଯିବା ପାଇଁ ନିର୍ଦ୍ଦେଶ ରହିଛି । ତଥାପି ବିଦ୍ୟୁତ୍ ଯୋଗାଣରେ ଅନିୟମିତତା ଦେଖିବାକୁ ମିଳିଛି । ଭେଜାପୁଟ, ମାଥାଲପୁଟ, ମରିଚମାଳ, ଚାରାଙ୍ଗୁଲ, କୁଡୁମୂଲ ଆଦି ଗ୍ରାମ ଗୁଡ଼ିକର ଲୋକେ ଏଭଳି ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଗ୍ରୀଷ୍ମକଷ୍ଟ ଭୋଗୁଛନ୍ତି । ଜିଲ୍ଲା ପ୍ରଶାସନ ଓ ଟାଟା ପାୱାର ଅଧିକାରୀ ଏହାକୁ ଦୃଷ୍ଟି ଦେବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜୈବିକ ଚାଷ ପାଇଁ ଜିଆ ଟାଙ୍କି ପ୍ରସ୍ତୁତି ଆଲୋଚନାଚକ୍ର

କୁଚିଣ୍ଡା,୧୦।୫(ନିପ୍ର); ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ସମ୍ବଲପୁର ସାମାଜିକ ସେବାସଂସ୍ଥା ଆନୁକୂଲ୍ୟରେ ପରିବର୍ତ୍ତନ ପ୍ରକଳ୍ପ ପକ୍ଷରୁ ଶନିବାର ଜୈବିକ ଚାଷ ପାଇଁ ଜିଆ ଟାଙ୍କି ପ୍ରସ୍ତୁତି ଓ ଧଣିଚା ଚାଷ ଉପରେ ବିଭିନ୍ନ ଗ୍ରାମରେ ଚାଷୀଙ୍କୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କେଶଇବାହାଲ,ଚାରମାଳ,ବଲଦବାହାଲ,ସାଲୋହୀ,ଅମଲିଖମନ, ତେଣ୍ଡାକୁଦର, ଚାଲଟିକିରା ଆଦି ୮ଗୋଟି ଗ୍ରାମର ୮ଜଣ ଲେଖାଏଁ ଚାଷୀଙ୍କ ସହ ଆଲୋଚନା କରାଯାଇଥିଲା। ଫୋରଏସ୍ ଏନିମେଟର ପଦ୍ମିନୀ ବାଙ୍କରାଙ୍କ ତତ୍ତ୍ୱାବଧାନରେ ହୋଇ ଥିବା କାର୍ଯ୍ୟକ୍ରମରେ ଚାଷୀଙ୍କୁ ଜୈବିକ ଚାଷ ଦ୍ୱାରା କିପରି ଜମିର ଉର୍ବରାତା ବଢେଇବା ସହ ଉତ୍ପାଦିତ ଶସ୍ୟକୁ କିଭଳି ବିକ୍ରୀ କରାଯାଇ ପାରିବ ଆଲୋଚନା ହୋଇଥିଲା। ଚାଷୀ ମାନେ ଆସନ୍ତା ୧୫ଦିନ ମଧ୍ୟରେ ଜିଆ ଟାଙ୍କି ନିର୍ମାଣ କରିବା ଏବଂ ଧଣିଚା ଚାଷ ପାଇଁ କୃଷି ବିଭାଗ ସହ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଲୋଚନା କାର୍ଯ୍ୟକ୍ରମରେ ଚାଷୀ ଛନ୍ଦାଚରଣ କଣ୍ଡା,ଜୋସେଫ କୁଜୁର, ଦିଲୀପ ପଟେଲ, ମହରଗୁ ସୋରେନ,ସୁମନ୍ତ ନାଏକ, ମିତ୍ରଭାନୁ ଭଇଁଷା,ସିଲବେମିନଷ୍ଟାର ମିଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ବାଲ୍ୟ ବିବାହ ସଚେତନତା ଶୋଭାଯାତ୍ରା

ନୟାଗଡ଼,୧୦/୫ (ନିପ୍ର): ବାଲ୍ୟ ବିବାହ ନିଷେଧ ସମ୍ବନ୍ଧୀୟ ସଚେତନତା ଶୋଭାଯାତ୍ରା ନୟାଗଡ଼ ବ୍ଲକ କ୍ରିଦାଶପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଜେମାଦେଇପୁର ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହର କୁପ୍ରଭାବ ସମ୍ବନ୍ଧରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଶିଶୁ ଅଧିକାର ସୁରକ୍ଷା ପ୍ରତି ସମାଜକୁ ସଜାଗ କରିବା। ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ, ପିଇଓ ସଞ୍ଜୁଲତା ପାଣିଗ୍ରାହୀ, ମହିଳା ସଶକ୍ତି କରଣ ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ, ସମ୍ବଲ ଶ୍ରୀ ବିଶ୍ୱପାର୍ଥବୀ, ଆଇଟି ଆସିଷ୍ଟାଣ୍ଟ ସୂର୍ଯ୍ୟକାନ୍ତ ସାହୁ, ଆଇସିଡିଏସ ସୁପରଭାଇଜର ଜ୍ୟୋତିମୟୀ ସାହୁ, ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପିଆରଆଇ ସଦସ୍ୟମାନେ, ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ଏବଂ ପ୍ରାୟ ୩୦ ରୁ ଅଧିକ କିଶୋରୀ ବାଳିକା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ, ସଫଳ ଓ ପ୍ରଭାବଶାଳୀ ଭାବରେ ସମ୍ପନ୍ନ ହୋଇଥିଲା। ଉକ୍ତ ରାଲି ମାଧ୍ୟମରେ ବାଲ୍ୟ ବିବାହ ରୋକ ପାଇଁ ସମାଜରେ ଏକ ସକାରାତ୍ମକ ସନ୍ଦେଶ ପ୍ରସାରିତ ହୋଇଥିଲା ।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

### ୯ କୋଟି ୬୮ ଲକ୍ଷ ୧୧ ହଜାର ୩୩୪ ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ

କଟକ,୧୦।୫ (ନିପ୍ର): ଓଡିଶା ହାଇକୋର୍ଟରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ୧୧୫ଟି ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୯ କୋଟି ୬୮ ଲକ୍ଷ ୧୧ ହଜାର ୩୩୪ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଇସଲା ହୋଇଥିବା ମାମଲାଗୁଡିକ ମଧ୍ୟରେ ବୀମା ସମ୍ବନ୍ଧୀୟ, ଜମି ଅଧିଗ୍ରହଣ, ବିଦ୍ୟୁତ ନିୟାମକ ଆଦି ମାମଲା ରହିଥିଲା । ଜଷ୍ଟିସ ବି ପି ରାଉତରାୟ, ଜଷ୍ଟିସ ଏସ କେ ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏ କେ ମହାପାତ୍ର, ଜଷ୍ଟିସ ଭି ନରସିଂହ, ଜଷ୍ଟିସ ବି ପି ଶତପଥୀ, ଜଷ୍ଟିସ ଏମ ଏସ ରମଣ, ଜଷ୍ଟିସ ଏସ କେ ମିଶ୍ର, ଜଷ୍ଟିସ ଜି ଶତପଥୀ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ ବିଭିନ୍ନ ଖଣ୍ଡପୀଠରେ ମାମଲାର ଶୁଣାଣି କରିଥିଲେ ।

## କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳ ବଣ୍ଟନ

କେନ୍ଦ୍ରାପଡ଼ା,୧୦।୫ (ନିପ୍ର): କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର କରାଯାଇ ବାଟୋଇମାନଙ୍କୁ ବଣ୍ଟନ ହେଉଛି ଥଣ୍ଡା ପାନୀୟ ଜଳ । ଏହି ମେ ମାସର ଗ୍ରୀଷ୍ମ ଝାଞ୍ଜି ଖରାରରେ ଲୋକେ ରାସ୍ତା ଘାଟକୁ ବାହାରିବା ପାଇଁ ଇଚ୍ଛା କରୁନଥିବା ବେଳେ, ବାଟୋଇଟିଏ ପଥ ପରିକ୍ରମା କରି ସହରରକୁ ଆସିବା କେତେ କଷ୍ଟ । ସେହିଭଳି ପରିସ୍ଥିତିରେ ଖରାଦାଉରୁ ରକ୍ଷା ବଞ୍ଚିବା ପାଇଁ ଜଳ ଏକ ମାତ୍ର ଆଧାର ପଡିଥାଏ ଓ ଏହିଭଳି ମୁହୂର୍ତ୍ତରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସହରରକୁ ଲୋକେ ନିଜ ନିଜ ବ୍ୟକ୍ତିଗତ କାର୍ଯ୍ୟ କରିବା ପାଇଁ ଆସିଥାନ୍ତି । ମାନବ ସମାଜ ସୁରକ୍ଷା ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସହରର ନୂଆ ମୋଟରଷ୍ଟାଣ୍ଡ, ପୁରୁଣା ମୋଟରଷ୍ଟାଣ୍ଡ ଏବଂ ଶାନ୍ତସାହି ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର କରିଥିବାରୁ ସାଧାରଣରେ ବେଶ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଆଲୋଚନା ହେଉଛି । ବିଗତ ୧୫ ଦିନରୁ ଉର୍ଦ୍ଧ୍ୱ ହୋଇଯିବ ପୌରାଧ୍ୟକ୍ଷ ସରିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ସହରର ତିନି ତିନୋଟି ଜନ ଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯାଇ ଧାରାବାହିକ ଭାବରେ ବାଟୋଇମାନଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଉଛି। ସେଥିପାଇଁ ସହରବାସୀ ଏବଂ ବୁଦ୍ଧିଜୀବୀ ମାନେ ପୌରାଧ୍ୟକ୍ଷାଙ୍କୁ ପ୍ରଶଂସା କରିଥିବାର ଦେଖିବାକୁ ମିଳିଛି।

## ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ହସ୍ପିଟାଲ ନୂତନ ଗୃହର ଶିଳାନ୍ୟାସ

ଧାମନଗର,୧୦।୫(ନିପ୍ର):ଧାମନଗର ବ୍ଲକର ଧୁଷୁରୀ ଏରିଆ ହସ୍ପିଟାଲ ରୂପରେଖ ବଦଳିବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୩ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି ଏବଂ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଶିଳାନ୍ୟାସ କରିଛନ୍ତି। ପାଖାପାଖି ୧୫ ରୁ ୨୦ ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ନିମନ୍ତେ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ନିକଟରେ ଏହାର ନୂତନ ରୂପରେଖ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଏରିଆ ହସ୍ପିଟାଲର ବିକାଶ କାର୍ଯ୍ୟ ନିମନ୍ତେ ୩ କୋଟି ଟଙ୍କା ମଞ୍ଜୁର ସହିତ ଆନୁଷଙ୍ଗିକ ଟେଣ୍ଡର ବ୍ୟବସ୍ଥା ଅନୁସାରେ ୨.୪୦ କୋଟି ମୂଲ୍ୟରେ କାର୍ଯ୍ୟ ହେବା ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ମଞ୍ଜୁର ଅର୍ଥରେ ହସ୍ପିଟାଲରେ ପୁରୁଷ ଓ ମହିଳା ରୋଗୀଙ୍କ ପାଇଁ ପୃଥକ ୱାର୍ଡ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ନିର୍ମାଣ ଯୋଜନା ନେଇ ଡିପିଆର ପ୍ରସ୍ତୁତ କରାଯାଇଛି। ବାସନ୍ତୀ ପଡିଆ ନିକଟରେ ନୂତନ ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହେବା ପରେ ଆଜି ତାହାର ଶିଳାନ୍ୟାସ କରାଯାଇଛି। ପରେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସଫେଇ କାର୍ଯ୍ୟକ୍ରମର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ,ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପୁହାଣ,ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସରପଂଚ ଅନ୍ତର୍ଯ୍ୟାମୀ ପତି, ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା, ଧୁଷୁରୀ ଏରିଆ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଅଭିଳାଷ ମଲ୍ଲିକ ଉପସ୍ଥିତ ଥିଲେ।

# ବଟେଶ୍ୱର ରାସ୍ତା ନିର୍ମାଣ ବିଳମ୍ବ ଘଟଣା

## ବିଧାୟକଙ୍କ ହସ୍ତକ୍ଷେପ ପରେ ବିଭାଗୀୟ ଅଧିକାରୀଙ୍କ ତଦନ୍ତ

ରମ୍ଭା,୧୦।୫ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପ୍ରସିଦ୍ଧ ଶୈବ ପୀଠ ରାସ୍ତା ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ନେଇ ପରିଚାଳନା କମିଟିଙ୍କ ସମେତ ଛଅଖଣ୍ଡ ଗ୍ରାମବାସୀ ଓ ପର୍ଯ୍ୟଟକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀ ଏହାକୁ ଦୃଷ୍ଟି ଦେଇ ନଥିଲେ । ପରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ହସ୍ତକ୍ଷେପ କରିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଇନ୍ଦ୍ରଜିତ ସିଂ ଏବଂ କନିଷ୍ଠ ଯନ୍ତ୍ରୀ ସଙ୍ଗୀତା କୁମାରୀ ହାତୀ ପ୍ରମୁଖ ତତ୍ପରତା ଦେଖାଇବା ସହ ରାସ୍ତା ନିର୍ମାଣ ସ୍ଥଳ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ।

ଏହାସହ ବିଭାଗୀୟ ଯନ୍ତ୍ରୀ ମାନେ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଛନ୍ତି । ଆସନ୍ତା ଶ୍ରାବଣ ମାସ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣାଧୀନ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ପର୍ଯ୍ୟଟକମାନେ ଘୋର ଅସୁବିଧା ସମ୍ମୁଖୀନ ହେଉ ଥିବା ନେଇ ଗତ ଦୁଇତିନି ତଳେ ଏକ ଦୈନିକ ଖବର କାଗଜରେ ଖବର ପ୍ରକାଶ ପାଇଥିଲା । ଉକ୍ତ ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରିଥିବା ୩ ଗ୍ରାମର ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଯାହାକୁ ନେଇ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟିପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ସମସ୍ତେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱ ରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହନ ଯିବା ଆସିବାରେ ଆସୁଥିବା ସୃଷ୍ଟି ହେଉଛି । ଚାରି ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ୍ୟ ହେଉଛି। ପର୍ଯ୍ୟଟକ ପ୍ରତ୍ୟେକ ଦିନ ବର୍ତ୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି। ପ୍ରକାଶଯୋଗ୍ୟ ଯେ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟଦେଶ ପାଇଥିବା ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟରେ ଠିକ ଭାବେ ତ୍ୱରାନ୍ୱିତ କରୁନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ ଆରମ୍ଭ ଜୁଲାଇ ୨୦୨୫ ରୁ ଆରମ୍ଭ ହୋଇ ଜୁଲାଇ ୨୬ ଶେଷ ହେବା ନେଇ ବୋର୍ଡ ସୂଚନା ରହିଛି । ବର୍ତ୍ତମାନ ମେ ମାସ ଆରମ୍ଭ ହୋଇଥିବା ବେଳେ ରାସ୍ତା କାମ କେବଳ ଖୋଳି ପକେଇ ଦିଆଯାଇଛି । ଯାହାକୁ ନେଇ ଲୋକଙ୍କୁ ଯାତାୟାତରେ ବାଧା ସୃଷ୍ଟି ହେଉଛି ।

# ଗୁଳିକାଣ୍ଡ ଘଟଣାରେ ବୈଶିଙ୍ଗା ପୁଲିସକୁ ସଫଳତା

## ପୋଖରୀ ଭିତରେ ପଶି ଦୁର୍ବୃତ୍ତକୁ କାବୁ କଲା

ବେତନଟୀ,୧୦।୫ (ନିପ୍ର): ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଞ୍ଚଳରେ ଗୋମାଫିଆଙ୍କର ପ୍ରାଦୁର୍ଭାବ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି କ୍ରମରେ ଗତ ମଙ୍ଗଳବାର ରାତିରେ ଗୋମାଫିଆଙ୍କ ଗୁଳିମାଡ଼ର ଶିକାର ହୋଇ ଗୋରକ୍ଷକ ଯୁଗପୁରା ଅଞ୍ଚଳର ରମେଶ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ବୈଶିଙ୍ଗା ପୁଲିସକୁ ମିଳିଛି ସଫଳତା ।

ତେବେ ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସର ଏକାଧିକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ରାତି ଗୋତସ୍କରୀ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ, ମୟୂରଭଞ୍ଜ ସୀମାବର୍ତ୍ତୀ ବାଲେଶ୍ୱର ସଦର ଥାନା ଅଧୀନ ଜଙ୍ଗରାଇ ଗ୍ରାମର ଏସକେ ନେହୁରର ପୁଅ ଏସକେ କେସିମୁଦ୍ଦିନ ଓ ଗୋବିନ୍ଦରାୟପୁର ଗ୍ରାମର ମଲ୍ଲିକ ଜେମାଲୁଦ୍ଦିନର ପୁଅ ମଲ୍ଲିକ ଖେଇରୁଦ୍ଦିନକୁ ପୂର୍ବରୁ ଗିରଫ କରିଥିବାବେଳେ ଆଜି ବିଶେଷ ସୂତ୍ରରୁ ଖବର ପାଇ ସେହି ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଜଙ୍ଗରାଇ ଉପକଣ୍ଠ ତାଳପଦାରୁ ଘଟଣାର ମୁଖ୍ୟ କୁହାଯାଉଥିବା ମଲ୍ଲିକ ଉସ୍ତାଦ ଔରଫ ଡାକ୍ତରକୁ ଗିରଫ କରିଛି ପୁଲିସ । ତେବେ ସୂଚନା ଅନୁଯାୟୀ ଡାକ୍ତରକୁ ଧରିବା ପାଇଁ ପୁଲିସକୁ ନାକେଦମ ହେବାକୁ ପଡିଛି। ପୁଲିସକୁ ଦେଖି ଡାକ୍ତର ଚମ୍ପଟ ମାରିବାକୁ ବସିଥିବାବେଳେ ସବଇନ୍ସପେକ୍ଟର ସରୋଜ ଜେନା ଓ ଅନ୍ୟାନ୍ୟ କର୍ମଚାରୀ ତାର ପିଛା କରିଥିଲେ। ଶେଷରେ ଡାକ୍ତର ନିଜକୁ ବଞ୍ଚାଇବାକୁ ଯାଇ ଏକ ପୋଖରୀ ପାଣି ଭିତରେ ପଶି ଖସିଯିବାକୁ ବସିଥିବାବେଳେ ପୁଲିସ ପାଣି ଭିତରେ ହିଁ ତାକୁ କାବୁ କରିଥିଲା । ପରେ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତରର ପ୍ରାଥମିକ ଚିକିତ୍ସା କରାଇ ପଚରାଉଚରା ଆରମ୍ଭ କରିଛି ବୈଶିଙ୍ଗା ପୁଲିସ।

## ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି

କାକଟପୁର,୧୦।୫ (ନିପ୍ର): ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ଐତିହାସିକ ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ କୁହୁଡିଠାରେ ଆସନ୍ତା



ମେ ୧୧ ତାରିଖରେ ୯୭ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶ୍ରୀମତୀ ସସ୍ମିତା ବେହେରା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ସରକାର ଓ ପ୍ରଶାସନର ସମନ୍ୱୟରେ କାର୍ଯ୍ୟକ୍ରମ ଗୁଡ଼ିକୁ ସଠିକ୍ ସମୟରେ ସମ୍ପାଦନ କରିବାକୁ ସହଯୋଗ ଲୋଡ଼ିଥିଲେ । ଏହି ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଆଇନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ କୁମାର ପ୍ରଧାନ, ସି.ଡି.ପି.ଓ. ଲୋଚନା ସେଠୀ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନା ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ କରିଡର ଅସୁରକ୍ଷିତ, ବନ୍ୟପ୍ରାଣୀଙ୍କ ସୁରକ୍ଷା ଅପେକ୍ଷା କମ୍ପାନୀର ସ୍ୱାର୍ଥକୁ ଗୁରୁତ୍ୱ !

କେନ୍ଦୁଝର,୧୦।୫ (ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅଂଚଳରେ ବଡ ବଡ କମ୍ପାନୀମାନଙ୍କର ସ୍ଲରି ପାଇପ ଲାଇନ କାମ ଚାଲୁଥିବାବେଳେ କୌଣସି ନିୟମ ଓ ଏସ୍ଓପି ପାଳନ କରାଯାଉନଥିବା ଅଭିଯୋଗ ହୋଇଛି । କାଲିମାଟି-ଦୁବୁନା ରାସ୍ତାରେ ଅନେକ ସ୍ଥାନରେ ସ୍ଲରି ପାଇପ ବିଛା ଚାଲିଛି । ଅନେକ ସ୍ଥାନରେ ଜଙ୍ଗଲ ପାର୍ଶ୍ୱରେ ବର୍ଷ ବର୍ଷ ଧରି ସ୍ଲରି ପାଇପ ଲାଇନ କାମ ଚାଲିଥିବାରୁ ବନ୍ୟପ୍ରାଣୀ କରିଡର ଅସୁରକ୍ଷିତ ହୋଇପଡିଛି । ଜଙ୍ଗଲ ପାର୍ଶ୍ୱରେ ମାସ ମାସ ଧରି ସ୍ଲରି ପାଇପ ପଡି ରହିଛି । ବନବିଭାଗ ପକ୍ଷରୁ ତଦାରଖ କରାଯାଉନଥିବାରୁ ନୀତିନିୟମ ଉଲ୍ଲଙ୍ଘନ କରି ଅନେକ ସମୟରେ ଦିନରାତି କାମ କରାଯାଉଛି । ଏ ନେଇ ବାରମ୍ବାର ବନବିଭାଗ ନିକଟରେ ଅଭିଯୋଗ ହେଉଥିଲେ ହେଁ ଦୃଢ ପଦକ୍ଷେପ ନିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ସ୍ଲରି ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ସ୍ଥାନ ଅସୁରକ୍ଷିତ ହୋଇ ପଡିଥିଲେ ହେଁ ପ୍ରତିକାର କରାଯାଉନାହିଁ । ଉକ୍ତ ସ୍ଥାନରେ ଗାତ ଖୋଳି ପାଇପ ବିଛାଯାଉଥିଲେ ହେଁ ସଠିକ୍ ଭାବରେ ମାଟି ପକାଇ ସମତୁଳ କରାଯାଇନାହିଁ । ଫଳରେ ବନ୍ୟପ୍ରାଣୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି । ପାଇପ ବିଛାଇବା ସ୍ଥାନ ଠାରୁ ଅଳ୍ପ ଦୂରରେ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀଙ୍କ ଯାତାୟାତ ବେଳେ ଉକ୍ତ ଖାଲଖମା ଯୋଗୁଁ ଦୁର୍ଘଟଣା ଆଶଙ୍କା ରହିଛି । କାମ କରୁଥିବା ସଂସ୍ଥା ଖାମଖିଆଲି ଭାବରେ ଏଭଳି ଖନନ କରି ପାଇପ ବିଛାଉଛି । ନରଣପୁର ସଂରକ୍ଷିତ ଜଙ୍ଗଲ ଏବଂ ଅଟେଇ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ବଡ ବଡ ଟ୍ରେଞ୍ଚ ଖୋଳି ସ୍ଲରି ପାଇପ ଲାଇନ କାମ ଚାଲିଛି । ଦୀର୍ଘ ମାସ ହେବ କାମ ସରୁନଥିବାରୁ ବନ୍ୟପ୍ରାଣୀ କରିଡର ଅସୁରକ୍ଷିତ ହୋଇପଡିଛି । ପାଇପ ଲାଇନ ବିଛାଇବା ବେଳେ ବହୁ ସଂଖ୍ୟାରେ ଛୋଟ ବଡ ଗଛ ନଷ୍ଟ ହେଉଛି । ପାଇପ୍ ଲାଇନ୍ କାମ ପାଇଁ ପ୍ରଶାସନ ତରଫରୁ କମ୍ପାନୀମାନଙ୍କୁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରାଯାଇଛି। ତେବେ ଧର୍ମକୁ ଆଖି ଠାର ପରି ପାଇପ ଲାଇନ କାମ କରୁଥିବା କମ୍ପାନୀମାନେ କୌଣସି ନିୟମାବଳୀକୁ ନମାନି କାମ କରୁଛନ୍ତି । ରାସ୍ତାକୁ ଗାତ ଖୋଳି ଅଧପନ୍ତରିଆ ଓ ବିପଦସଂକୁଳ ଅବସ୍ଥାରେ ଖାଲ କରି ଛାଡି ଦେବା ଆଦି ଯୋଗୁଁ ଦୁର୍ଘଟଣା ବଢୁଛି । ସ୍ଲରି ପାଇପ ବିଛାଇବା ବେଳେ ରାସ୍ତା ପାଶ୍ୱର୍ ବହୁ ପୁରୁଣା ଗଛ ନଷ୍ଟ ହେଉଥିଲେ ହେଁ ବନ ବିଭାଗ ଚୁପ ବସିଛି।

ପୂର୍ବରୁ ସ୍ଲରି ପାଇପ ବିଛାଇବା ପାଇଁ ଗଛ ଚିହ୍ନଟ ହୋଇ ଓଡିଶା ବନ ଉନ୍ନୟନ ନିଗମ ଦ୍ୱାରା କଟାଯାଇଥିଲେ ମଧ୍ୟ ସ୍ଲରି ପାଇପ ବିଛାଇବା ବେଳେ ବହୁ ଗଛ ନଷ୍ଟ ହେଉଥିଲେ ହେଁ ସ୍ଥାନୀୟ ବନ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରୁନଥିବା ଅଭିଯୋଗ ହୋଇଛି । ଏହାର ସୁଯୋଗ ନେଇ ସ୍ଲରି ପାଇପ ବିଛାଇବା କାମ କରୁଥିବା ଠିକାଦାର ମନଇଚ୍ଛା ଗଛ କାଟି କାମ କରୁଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଝୁମ୍ପୁରା ବ୍ଲକ ବସନ୍ତପୁର ପଞ୍ଚାୟତ ଅନ୍ତର୍ଗତ ନଇବୁଗା ଗ୍ରାମବାସୀ ଦାବୀ କରିଛନ୍ତି ।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ

ରମ୍ଭା,୧୦।୫ (ନିପ୍ର): ପ୍ରବଳ ଦୌଦ୍ର ତାପ, ଅସହ୍ୟ ଗୁଳୁଗୁଳିକୁ ଭ୍ରୂକ୍ଷେପ ନ କରି ଦିନବେଳା ଖାଁ ଖାଁ ଦିଶୁଥିବା ବେଳେ ଅପରାହ୍ନ ୫ଘଟିକା ପରେ ଗହଳି ଚହଳିର ବୃଦ୍ଧି ପାଇବା ସହ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଷଷ୍ଠ ଦିବସରେ ପହଁଚିଛି। ଯାତ୍ରାକୁ ଉପଭୋଗ କରିବା ପାଇଁ ରାଜରାସ୍ତା ପାର୍ଶ୍ୱ ତଥା ସ୍ୱର୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକସଜ୍ଜା ମେଢ଼ ନିର୍ମାଣ ରାସ୍ତା ପାର୍ଶ୍ୱରେ ଭିନ୍ନ ଧରଣର ତଥା ଆରାଧ ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ,ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହିବସ୍ତି ପରିଭ୍ରମଣ କରାଯାଉଛି। ଏତଦ ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କର ହାଲୁକା ଓ ନରମ ଖାଦ୍ୟ ବଣ୍ଟନ ରାଜପଥ ପାର୍ଶ୍ୱରେ ତଥା ଛକ ଜାଗା ମାନଙ୍କରେ ଭିଡ଼ ଲାଗିଥିବା ଲକ୍ଷ୍ୟ କରାଯାଇଛି।

## ହନୁମାନଙ୍କ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ଉତ୍ସବ

ଯୋଡା,୧୦।୫ (ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ସହରର ଏସବିଆଇ ବ୍ୟାଙ୍କ ସନ୍ନିକଟରେ ଶ୍ରୀରାମ ଦରବାର ଏବଂ ଶ୍ରୀ ହନୁମାନଙ୍କ ମୂର୍ତ୍ତି ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି । ଦୀର୍ଘ ଦିନ ପରେ ନୂତନ ଭାବେ ନିର୍ମାଣ ହୋଇଛି ଭବ୍ୟ ହନୁମାନଙ୍କ ମନ୍ଦିର । ଦ୍ୱିତଳ ବିଶିଷ୍ଟ ଏହି ମନ୍ଦିରର ପ୍ରଥମ ମହଲାରେ ପ୍ରଭୁ ଶ୍ରୀରାମଙ୍କ ଦରବାର ରହିଛି। ଯେଉଁଠାରେ ଶ୍ରୀରାମଙ୍କ ସହିତ ମାତା ସୀତା, ଲକ୍ଷ୍ମଣ ଏବଂ ତାଙ୍କ ଭକ୍ତ ପ୍ରଭୁ ହନୁମାନଙ୍କ ଛୋଟ ବିଗ୍ରହ ମଧ୍ୟ ଅଛନ୍ତି । ତଳ ତାଲାରେ ହନୁମାନଙ୍କ ୫ ଫୁଟ୍ ବିଶିଷ୍ଟ ହନୁମାନଙ୍କ ମୂର୍ତ୍ତିସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଦୀର୍ଘ ୫ ଦିନ ଧରି ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁ ରହିବ । ବିଭିନ୍ନ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାପାଠ ଚାଲିଥିବା ବେଳେ ମନ୍ଦିର ପ୍ରାଙ୍ଗଣରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ ।

## ଧନସରା ଗ୍ରାମ ରାସ୍ତା ଭୁଶୁଡ଼ିଛି: ସମୀକ୍ଷା କଲେ ବିଧାୟକ

ପାରଳାଖେମୁଣ୍ଡି,୧୦।୫ (ନିପ୍ର):ଗଜପତି ଜିଲ୍ଲା କାଶୀନଗର ବ୍ଲକ ଖାରଡା ପଞ୍ଚାୟତ ଅନ୍ତର୍ଗତ ଧନସରା ଗ୍ରାମର ମୁଖ୍ୟ ରାସ୍ତା ଓ ଲାଗିରହିଥିବା ପାଚେରି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ନେଇ ସ୍ଥାନୀୟ



ସରପଞ୍ଚ ଅଖିଳ ପାତ୍ର ଓ ଗ୍ରାମ ବାସି ବିଧାୟକ ଙ୍କୁ ଅବଗତ କରିବା ସଙ୍ଗେ ସଙ୍ଗେ,ସେଇ ସ୍ଥାନକୁ ଯାଇ ସମୀକ୍ଷା କରିଥିଲେ ବିଧାୟକ ରୂପେଶ ପାଣିଗ୍ରାହୀ । ଅତି ଶୀଘ୍ର ଏଇ ରାସ୍ତା କାର୍ଯ୍ୟ କରାଯିବ ବୋଲି ବିଧାୟକ ଗ୍ରାମବାସୀଙ୍କୁ ଅବଗତ କରିଥିଲେ।

ବିଭାଗୀୟ ଅଧିକାରୀଙ୍କୁ ଏଇ ବିଷୟନେଇ ଚିଠି କରିବେ ବୋଲି ବିଧାୟକ ଜଣାଇଛନ୍ତି, ଏହି ରାସ୍ତା ଖରାପ ହେବାରୁ ଗ୍ରାମବାସୀ ଛାତ୍ର ଛାତ୍ରୀ, ରୋଗୀ ମାନେ ଯିବା ଆସିବାରେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ଜଣାଇଥିଲେ।

## ବୈଶିଙ୍ଗା ପୁଲିସ ପକ୍ଷରୁ ଜୁଭେଣ୍ଟିକା କର୍ମଶାଳା

ବେତନଟୀ,୧୦।୫ (ନିପ୍ର):ବୈଶିଙ୍ଗା ପୁଲିସ ପକ୍ଷରୁ ଜୁଭେଣ୍ଟିକା ନାମକ ସାଇବର ସୁରକ୍ଷା କର୍ମଶାଳା ଆୟୋଜନ କରାଯାଇଛି। ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାକୁ ବୈଶିଙ୍ଗା ଥାନା ସିଡବ୍ଲୁପିଓ ଇତିଶ୍ରୀ ସାହୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର କିଶୋର କିଶୋରୀ, ଯୁବପିଢ଼ୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। କର୍ମଶାଳାରେ ସିଡିପିଓ ଛବିରାଣୀ ବେହେରା ଓ ପୁଲିସ ଅଧିକାରୀମାନେ ଅନଲାଇନ୍ ଠକେଇରୁ କିପରି ସୁରକ୍ଷିତ ରହିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର, ଅଜଣା ଲିଙ୍କ ଉପରେ କ୍ଲିକ୍ ନ କରିବା ଓ ଓଟିପି କାହା ସହ ଶେୟାର ନ କରିବା ସମ୍ପର୍କରେ ସଚେତନ କରିଥିଲେ।

# ଚାଷୀଙ୍କ ଆଖିରେ ପିଆଜ ଲୁହ: ନା ଅଛି ଶୀତଳ ଭଣ୍ଡାର, ନା ଅଛି ବଜାର ବ୍ୟବସ୍ଥା

## ବର୍ଷା ଓ କୁଆପଥର ମାଡ଼ରେ ଘାଇଲା ହେଲେ ଚାଷୀ

ଗୋଲାମୁଣ୍ଡା,୧୦।୫ (ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଚାଷୀଙ୍କ ଠାରେ ଚଳିତ ରବି ଋତୁରେ ପିଆଜ ଚାଷ କରିଥିବା ଚାଷୀ ଏବେ ସଙ୍କଟ ମଧ୍ୟ ରେ ଗତି କରିଛନ୍ତି। ଚାଷୀମାନେ ଖରିଫ ଚାଷ ଅମଳ ପରେ ପିଆଜ ବିହନକୁ ତଳି ପକାଇ ପରବର୍ତ୍ତୀ ସମୟରେ ରୋପଣ କରିଥିଲେ । ଚାଷ ଠିକ୍ ଥିଲା ଅମଳ ବେଳକୁ ବର୍ଷା ଓ କୁଆପଥର ମାଡ଼ର ପ୍ରଭାବରେ ନଷ୍ଟ ହୋଇ ଯାଇଛି। ଧାର କରଜ କରି ପିଆଜ ଚାଷ କରିଥିଲେ । ହେଲେ ଚଳିତବର୍ଷର ଏକାଧିକ ଥର କୁଆପଥର ବର୍ଷା ହୋଇ ପିଆଜ ଚାଷୀକୁ କ୍ଷତିରେ ପକାଇଛି । ଅମଳ ପରେ ଚାଷୀ ବିକ୍ରି କରିବାକୁ ଏ ବଜାର ସେ ବଜାର ବୁଲୁଥିବା ବେଳେ ପିଆଜ ବିକ୍ରି ପାଇଁ ବଜାର ର ବ୍ୟବସ୍ଥା ନ ଥିବାରୁ ଏବେ ଶାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା





ଅନୁସାରେ ଗୋଲାମୁଣ୍ଡା ବ୍ଲକରେ ଚଳିତ ବର୍ଷ ରବି ଋତୁ ରେ ପ୍ରାୟ ୧୦୦ ହେକ୍ଟର ଜମିରେ ପିଆଜ ଚାଷ କରାଯାଇଛି । ଏବେ ଅମଳ ବେଳେ ପିଆଜ କିଆରିରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଆଜ ନଷ୍ଟ ହୋଇ ବିଲରେ ସଢୁଛି। ବର୍ଷ ଯୋଗୁଁ ବିଲଗୁଡ଼ିକରେ ପିଆଜ ନଷ୍ଟ ହୋଇ ଥିବା ବେଳେ ଅମଳ ମଧ୍ୟ କମିଯାଇଛି ଫଳରେ ଚାଷୀ ଲାଭ ପାଇବାରୁ ବଞ୍ଚିତ ହେବା ପ୍ରକାଶ କରିଛନ୍ତି । ଯଦି ପିଆଜ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ଥାନ୍ତା ତାହେଲେ ପିଆଜକୁ ଅଗ୍ରିମ ଆଣି ଶୀତଳ ଭଣ୍ଡାରରେ ରଖି ପାରିଥାନ୍ତେ । ଶୀତଳ ଭଣ୍ଡାର ନ ଥିବା ଯୋଗୁଁ ଚାଷୀକୁଳ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ପିଆଜ ଚାଷୀଙ୍କ ସ୍ଥିତି ସଙ୍ଗୀନ ହୋଇଯାଇଛି । ପରିସ୍ଥିତି ଏମିତି ହୋଇଛି ଯେ, ୫୦ କେଜି ପିଆଜକୁ ୫୦୦ କିମ୍ବା ୬୦୦ ଶହ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ଫଳରେ କେଜି ପ୍ରତି ୧୦ ରୁ ୧୫ ଟଙ୍କା କିଲୋ ରେ ବିକ୍ରି କରି କ୍ଷତି ସାହୁଛନ୍ତି । ରାଜ୍ୟ ସରକାର ପିଆଜ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା ସହ କୁଆପଥର ମାଡ଼ରେ ନଷ୍ଟ ହୋଇଥିବା ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି । ଏନେଇ ଉଦ୍ୟାନ ବିଭାଗ ଅଧିକାରିଣୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଚଳିତ ରବି ଋତୁରେ ଉଦ୍ୟାନ ବିଭାଗ ପକ୍ଷରୁ ପିଆଜ ଚାଷ ପାଇଁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇନ ଥିବା ବେଳେ , କ୍ଷତିଗ୍ରସ୍ତଚାଷୀଙ୍କୁ କିଭଳି ସରକାରୀ ସହାୟତା ଯୋଗାଇ ଦିଆଯିବ ସେନେଇ ପଦକ୍ଷେପ ନେବୁ ବୋଲି କହିଥିଲେ।

CMYK

11 .05.2026 P-5.pmd 1 5/10/2026, 4:20 PM

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୧୪ ମୃତ



ପେଶାୱାର,୧୦।୫: ଉତ୍ତର-ପଶ୍ଚିମ ପାକିସ୍ତାନର ଏକ ସୁରକ୍ଷା ପୋଷ୍ଟ ଉପରେ ଆତ୍ମଘାତୀ ଆକ୍ରମଣ ଯୋଗୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନୀ ତାଲିବାନର ଏକ ଆତ୍ମଘୋଷିତ ତଥା ବିଭାଜିତ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବରିଷ୍ଠ ପୁଲିସ ଅଧିକାରୀ ସଜ୍ଜାଦ ଖାନଙ୍କ କହିବା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ଆଫଗାନିସ୍ତାନ ସୀମାନ୍ତବର୍ତ୍ତୀ ଖୈବର ପଖତୁନଖବା ପ୍ରଦେଶର ବାନୁ ଜିଲ୍ଲାର ଏକ ସୁରକ୍ଷା ପୋଷ୍ଟ ନିକଟରେ ଜଣେ ଆତ୍ମଘାତୀ ଆତଙ୍କୀ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ି ଦ୍ୱାରା ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ତୀବ୍ର ଗୁଳିବିନିମୟ ହୋଇଥିଲା ଏବଂ ଏଥିରେ କିଛି ଅଧିକାରୀ ନିହତ ହୋଇଥିଲେ। ଅନ୍ୟମାନେ ପରେ କୋଠା ଭୁଶୁଡ଼ିବା ପରେ ମୃତ୍ୟୁ ବରଣ କରିଥିଲେ। ଉଦ୍ଧାରକାରୀମାନେ ଭଗ୍ନାବଶେଷ ତଳୁ ମୃତଦେହ ଉଦ୍ଧାର କରିବା ପାଇଁ ଭାରୀ ଯନ୍ତ୍ରପାତି ବ୍ୟବହାର କରି ଏକ ଘଣ୍ଟା ଧରି ସର୍ଚ୍ଚ ଅପରେସନ୍ କରିଥିଲେ। ଅପରାଧୀଙ୍କୁ ଟ୍ରାକ୍ କରିବା ପାଇଁ ସୁରକ୍ଷା ବାହିନୀ ମଧ୍ୟ ଏକ ଅପରେସନ୍ ଆରମ୍ଭ କରିଛି। ଏକ ନୂତନ ଆତଙ୍କବାଦୀ ଗୋଷ୍ଠୀ, ଇତ୍ତେହାଦ୍-ଉଲ୍-ମୁଜାହିଦ୍ଦିନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ତେହେରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ନାମରେ ଜଣାଶୁଣା ପାକିସ୍ତାନୀ ତାଲିବାନର ଏହା ଏକ ବିଭାଜିତ ଗୋଷ୍ଠୀ ବୋଲି ସେମାନେ ଦାବି କରୁଥିବାବେଳେ କର୍ତ୍ତୃପକ୍ଷ ଏହାକୁ ଟିଟିପିର ସାମ୍ମୁଖ୍ୟ ବୋଲି ଅଭିଯୋଗ କରିଛନ୍ତି।

# ତିନିଟି ମାମଲାରେ ଅନୀଲଙ୍କ ୧୭ ଠିକଣାରେ ସିବିଆଇ ଚଢ଼ଉ

ନୂଆଦିଲ୍ଲୀ,୧୦।୫: ଶିଳ୍ପପତି ଅନିଲ ଅମ୍ବାନୀଙ୍କ ନାମରେ ରୁଜୁ ହୋଇଥିବା ତିନି ମାମଲା ଆଧାରରେ ସିବିଆଇ ପକ୍ଷରୁ ୧୭ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ, ରିଲାଏନ୍ସ ହୋମ୍ ଫାଇନାନ୍ସ ଓ ଏହାର ନିର୍ଦ୍ଦେଶକମାନଙ୍କ ଠିକଣା ଖାନତଲାସୀ ହୋଇଥିଲା। ଅନିଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଅନ୍ୟତ୍ର ବ୍ୟବହାର କରିଥିବା ଅଭିଯୋଗ ରହିଛି। ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାରି କରିଥିବା ୱାରେଣ୍ଟ ଆଧାରରେ ଏହି ଚଢ଼ଉ ହୋଇଥିଲା। ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବାରେ ସଫଳ ହୋଇଥିଲା। ବହୁ ସଂଖ୍ୟାରେ କମ୍ପାନି ଗୋଟିଏ ଠିକଣାରୁ ପରିଚାଳିତ ହେଉଥିବା ଜଣାପଡ଼ିଛି। ତେବେ ଏହି ମାମଲାରେ ତଦନ୍ତ ଜାରି ରହିଛି। ସିବିଆଇ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଭାରତୀୟ ଜୀବନ ବୀମା କମ୍ପାନିର ଅଭିଯୋଗ ଆଧାରରେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ ଓ ତା ସହ ଜଡ଼ିତ ସଂସ୍ଥାଗୁଡ଼ିକ ବିରୋଧରେ ଗତ କିଛି ମାସରେ ୭ଟି ମାମଲା ରୁଜୁ କରାଯାଇଛି। ମାମଲା ରୁଜୁ ହେବା ପରେ ୧୪ଟି ସ୍ଥାନରେ ଚଢ଼ଉ ହୋଇଥିଲା। ରିଲାଏନ୍ସ କମ୍ୟୁନିକେସନର ଦୁଇ ଜଣ ବରିଷ୍ଠ ଅଧିକାରୀ ଯୁଗ୍ମ ସଭାପତି ଡି ବିଶ୍ୱନାଥ ଓ ଉପସଭାପତି ଅନିଲ କାଲ୍ୟାଙ୍କୁ ଗିରଫ କରାଯାଇଥିଲା। ଏହି ଦୁଇ ଅଧିକାରୀ ବ୍ୟାଙ୍କ କାରବାରର ଦେଖାଶୁଣା କରୁଥିଲେ ଏବଂ କମ୍ପାନିକୁ ଆସୁଥିବା ପାଣ୍ଠିର ବ୍ୟବହାର ସମ୍ପର୍କିତ ନିଷ୍ପତ୍ତି ନେଉଥିଲେ। ସେମାନେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ଚତୁର୍ଥ ତ୍ରୟମାସ ନିଟ୍ ଲାଭ ୫୬୧୬ କୋଟି

ମୁମ୍ବାଇ,୧୦।୫: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା ଗତ ଆର୍ଥିକବର୍ଷର ଚତୁର୍ଥ ତ୍ରୟମାସ ସହିତ ସମୁଦାୟ ଆର୍ଥିକ ବର୍ଷର ଫଳାଫଳ ଘୋଷଣା କରିଛି। ୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ବ୍ୟାଙ୍କ ଉତ୍ତମ ପ୍ରଦର୍ଶନ କରିଛି। ବ୍ୟାଙ୍କର ମୋଟ ବ୍ୟବସାୟ ଗତ ମାର୍ଚ୍ଚ ୩୧ ସୁଦ୍ଧା ୩୦ ଲକ୍ଷ କୋଟି ଟଙ୍କାର ମାଇଲଖୁଣ୍ଟ ଅତିକ୍ରମ କରିଛି। ଚତୁର୍ଥ ତ୍ରୟମାସରେ ବ୍ୟାଙ୍କର ନିଟ୍ ଲାଭ ରେକର୍ଡ ୫୬୧୬ କୋଟି ଟଙ୍କାରେ ରହିଛି। ସେହିଭଳି ସମୁଦାୟ ଆର୍ଥିକବର୍ଷର ନିଟ୍ ଲାଭ ୨୦ ହଜାର କୋଟି ଟଙ୍କା ଟପି ୨୦୦୨୧ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହିତ ବ୍ୟାଙ୍କର ବୋର୍ଡ ପକ୍ଷରୁ ଆର୍ଥିକବର୍ଷ ପାଇଁ ସେୟାର ପିଛା ୮ ଟଙ୍କା ୫୦ ପଇସାର ଲାଭାଂଶ ପାଇଁ ସୁପାରିସ କରାଯାଇଛି। ଅର୍ଥାତ୍ ୨ ଟଙ୍କାର ସେୟାର ମୂଲ୍ୟ ଉପରେ ୪୨୫ ପ୍ରତିଶତର ଲାଭାଂଶ ପ୍ରଦାନ ନେଇ କୁହାଯାଇଛି। ବ୍ୟାଙ୍କର ଏନପିଏ ସ୍ଥିତିରେ ଉନ୍ନତି ଆସିଛି। ୨୦୨୪-୨୫ ଆର୍ଥିକବର୍ଷର ଶେଷ ତ୍ରୟମାସରେ ବ୍ୟାଙ୍କର ମୋଟ ଏନପିଏ ୨.୨୬ ପ୍ରତିଶତ ଥିବାବେଳେ ୨୦୨୫-୨୬ର ଶେଷ ତ୍ରୟମାସରେ ଏହା ୧.୮୯ ପ୍ରତିଶତ ରହିଛି। ନିଟ୍ ଏନପିଏ ୦.୪୫ ପ୍ରତିଶତ ସ୍ତରକୁ ହ୍ରାସ ପାଇଛି। ଦେଶ ଭିତରେ ବ୍ୟାଙ୍କର ମୋଟ ଅଗ୍ରିମ ୧୧,୬୯,୪୫୮ କୋଟି ଟଙ୍କାରେ ରହିଥିବାବେଳେ ଜମାରାଶି ୧୪,୦୧,୨୯୦ କୋଟି ଟଙ୍କା ସ୍ତରରେ ରହିଛି। ୨୦୨୪-୨୫ ଆର୍ଥିକବର୍ଷର ଶେଷ ତ୍ରୟମାସ ତୁଳନାରେ ଏହା ଯଥାକ୍ରମେ ୧୪.୫ ପ୍ରତିଶତ ଏବଂ ୧୨.୮ ପ୍ରତିଶତ ଅଧିକ। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ଅଫ୍ ବରୋଦାର ଦେଶରେ ୮୬୪୮ଟି ଶାଖା ଏବଂ ୧୧୫୯୭ଟି ଏଟିଏମ୍ ଓ କ୍ୟାସ ରିସାଇକ୍ଲର ରହିଛି।

# ଆଲୋଚନା କରିବାର ଅର୍ଥ ଦୁର୍ବଳତା କିମ୍ବା ଆତ୍ମସମର୍ପଣ ନୁହେଁ: ଇରାନ ରାଷ୍ଟ୍ରପତି

ତେହରାନ,୧୦।୫: ଆମେରିକା ଓ ଇରାନ ଭିତରେ ବଢୁଥିବା ବିବାଦ ଭିତରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ କହିଛନ୍ତି, ଆଲୋଚନା କରିବାର ଅର୍ଥ ଦୁର୍ବଳତା କିମ୍ବା ଆତ୍ମସମର୍ପଣ ନୁହେଁ। ସେ କହିଛନ୍ତି, ଇରାନ ନିଜ ଲୋକଙ୍କ ଅଧିକାର ଓ ଦେଶର ହିତର ରକ୍ଷା ମଜବୁତ ଭାବରେ କରିବ। ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଏହି କଥା ଯୁଦ୍ଧରେ ହୋଇଥିବା କ୍ଷତିର ସମୀକ୍ଷା ଓ ପୁନଃ ନିର୍ମାଣକୁ ନେଇ ହୋଇଥିବା ବୈଠକରେ କହିଛନ୍ତି। ସେ କହିଛନ୍ତି, ଆଲୋଚନାର ଉଦେଶ୍ୟ ଇରାନର ଜନତାଙ୍କ ଅଧିକାର ରକ୍ଷା କରିବା ଓ ଦେଶକୁ ସୁରକ୍ଷିତ ରଖିବା। ଏହା ଭିତରେ ଇରାନର ନୂତନ ସୁପ୍ରିମ ଲିଡର ମୁଜତବା ଖାମେନେଇଙ୍କୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କଥା ସାମନାକୁ ଆସିଛି। ଇରାନର ସରକାରୀ ମିଡିଆ ଅନୁସାରେ, ଖାତାମ୍ ଅଲ୍-ଆନବିୟା ମିଳିତ ସାମରିକ କମାଣ୍ଡର ମୁଖ୍ୟ ଅଲ୍ଲୀ ଅବଦୋଲ୍ଲାହି ତାଙ୍କୁ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ଏଥି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ଯେ, କାରଣ ତାଙ୍କ ବାପାଙ୍କ ମୃତ୍ୟୁ ଓ ତାଙ୍କ ଉପରେ ଆକ୍ରମଣରେ ଆହତ ହେବାର ଖବର ପରେ ମୁଜତବା ଖାମେନେଇ ସାର୍ବଜନୀକ ଭାବରେ ଦେଖିବାକୁ ମିଳିନଥିଲେ।

## ଆର୍ଟ ଅଫ୍ ଲିଭିଂ ପ୍ରତିଷ୍ଠାର ୪୫ତମ ବାର୍ଷିକୀ ସମାରୋହ

# ସେବା ପରମୋ ଧର୍ମଃ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୦।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆର୍ଟ ଅଫ ଲିଭିଂର ୪୫ତମ ବାର୍ଷିକୀ ପାଳନ ସମାରୋହରେ ଯୋଗଦେଇଛନ୍ତି। ଏହି ଅବସରର ପବିତ୍ରତା କଥା ପ୍ରକାଶ କରି ସେ କହିଥିଲେ ଯେ ପିଲାମାନଙ୍କ ବେଦବାଣୀ, ଭଗବାନ ଗଣେଶଙ୍କ ଦର୍ଶନ, ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ବର୍ଷ ଓ ଆର୍ଟ ଅଫ ଲିଭିଂର ୪୫ତମ ବାର୍ଷିକୀ ଦ୍ୱାରା ଆଜିର ସକାଳଟି ସମୃଦ୍ଧ ହୋଇଛି। "ଏସବୁ କ୍ଷଣଗୁଡ଼ିକ ସବୁବେଳେ ମୋ ମାନସପଟ୍ଟରେ ରହିବ'' ସେ କହିଥିଲେ। ଏକ ଦିବ୍ୟ ଓ ଭବ୍ୟ ଧ୍ୟାନ ମନ୍ଦିରର ଉଦଘାଟନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏପରି ସମର୍ପିତ ପ୍ରତିଷ୍ଠାନଗୁଡ଼ିକର ଅନେକ ଗୁରୁତ୍ୱ ରହିଛି। ଏହାର ଉଦ୍‌ଘାଟନ ପାଇଁ ସେ ଆର୍ଟ ଅଫ ଲିଭିଂକୁ ଅଭିନନ୍ଦନ ଜଣାଇଥିଲେ। 'ଯେତେବେଳେ ସଂକଳ୍ପ ସ୍ପଷ୍ଟ ଥାଏ ଏବଂ ସେବା ମନୋଭାବ ସହିତ କାମ କରାଯାଏ, ସେତେବେଳେ ପ୍ରତ୍ୟେକ ପ୍ରୟାସ ସୁଖଦ ଫଳାଫଳ ପ୍ରଦାନ କରେ ବୋଲି ମୋଦି କହିଥିଲେ। ବେଙ୍ଗାଲୁରୁର ସ୍ୱତନ୍ତ୍ର




ପରିବେଶର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ ଏହି ସହର କେବଳ ସଫ୍ଟୱେର୍ ଏବଂ ସେବା ପାଇଁ ନୁହେଁ ବରଂ ଭାରତର ସାଂସ୍କୃତିକ ପରିଚୟ ଏବଂ ଆଧ୍ୟାତ୍ମିକ ଚେତନାକୁ ଉପରକୁ ନେବା ପାଇଁ ମଧ୍ୟ ବିଶ୍ୱ ସ୍ତରରେ ସ୍ୱୀକୃତି ପାଇଛି। 'ଏହି ସହର ଦ୍ୱାରା ଆଧ୍ୟାତ୍ମିକତା ଏବଂ ଆଧ୍ୟାତ୍ମିକ ଚେତନାକୁ ମଧ୍ୟ ନୂତନ ଉଚ୍ଚତାକୁ ନିଆଯାଇଛି,' ବୋଲି ମୋଦି କହିଥିଲେ। ଯୋଗ, ଧ୍ୟାନ ଓ ପ୍ରାଣାୟାମ ଭାରତୀୟ ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରକାଶ କରି ସେ କହିଥିଲେ ଯେ ସାରା ବିଶ୍ୱର ଲୋକେ ଭାରତର ଆଧ୍ୟାତ୍ମିକ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏହି ମୂଲ୍ୟବୋଧରୁ ଭାରତରେ ବି ଅନେକ ପ୍ରତିଷ୍ଠାନ ପ୍ରେରଣା ଗ୍ରହଣ କରୁଛନ୍ତି ବୋଲି ସେ କହିଥିଲେ। ସେ କହିଥିଲେ, ଭାରତର ପ୍ରାଚୀନ ଆଧ୍ୟାତ୍ମିକ ମୂଲ୍ୟବୋଧରୁ ପ୍ରେରଣା ନେଇ ଶ୍ରୀ ଶ୍ରୀ ରବିଶଙ୍କରଜୀ ୪୫ ବର୍ଷ ତଳେ ଆର୍ଟ ଅଫ୍ ଲିଭିଂର ବୀଜ ବପନ କରିଥିଲେ, ଆଜି ତାହା ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। "ଆଜି ଏହା ଏକ ବିଶାଳ ବଟବୃକ୍ଷଭାବେ ଛିଡ଼ା ହୋଇଛି ଯାହାର ହଜାର ହଜାର ଶାଖା ପ୍ରଶାଖା ରହିଛି ଓ ସାରା ବିଶ୍ୱର ଅଗଣିତ ଲୋକଙ୍କ ଜୀବନକୁ ଛୁଇଁଛି'' ବୋଲି ମୋଦିକହିଥିଲେ। ଭାଷା, ପରମ୍ପରା, ରୀତି ଏବଂ ଉପାସନାକୁ ନେଇ ଭାରତର ସମୃଦ୍ଧ ବିବିଧତାର ପ୍ରସାରକୁ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏହି ସୁନ୍ଦର ବିବିଧତାକୁ କ'ଣ ବାନ୍ଧି ରଖିଛି ସେ ବିଷୟରେ ଏକ ମୌଳିକ ପ୍ରଶ୍ନ ଉଠାଇଥିଲେ। 'ଏହାର ଉତ୍ତର ହେଉଛି ନିଜ ପାଇଁ ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ବଞ୍ଚିବା,' ଶ୍ରୀ ମୋଦି ଉତ୍ତର ଦେଇଥିଲେ। ପୁରାଣରୁ ପ୍ରାଚୀନ ଜ୍ଞାନକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ଅନ୍ୟର ସେବା କରିବା ପୁଣ୍ୟ ଏବଂ ଯନ୍ତ୍ରଣା ଦେବା ପାପ। ସେ କହିଥିଲେ ଯେ ସେବା ହେଉଛି ଭାରତୀୟ ସମାଜର ପ୍ରାକୃତିକ ଚରିତ୍ର। ' 'ସେବା ପରମୋ ଧର୍ମଃ' ଆମ ସମାଜର ପ୍ରାକୃତିକ ଚରିତ୍ର,' ଶ୍ରୀ ମୋଦି ପ୍ରକାଶ କରିଥିଲେ। ଭାରତର ଅନେକ ଆଧ୍ୟାତ୍ମିକ ଆନ୍ଦୋଳନ ଶେଷରେ ମାନବତାର ସେବା ମାଧ୍ୟମରେ ନିଜକୁ ପ୍ରକାଶ କରିଆସିଛନ୍ତି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଆର୍ଟ ଅଫ୍ ଲିଭିଂର ପ୍ରତ୍ୟେକ ପ୍ରୟାସରେ ସମାନ ଭାବନା ପ୍ରତିଫଳିତ ହେଉଥିବା ଦେଖି ଖୁସି ପ୍ରକାଶ କରିଥିଲେ। ସେ ଆର୍ଟ ଅଫ୍ ଲିଭିଂର ଯାତ୍ରା ସହିତ ଜଡିତ ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ସେମାନଙ୍କ ସମର୍ପଣ ଏବଂ ସେବା ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।

# ବିଜୟଙ୍କ ଶପଥଗ୍ରହଣ ଉତ୍ସବକୁ ଆସିଲେନି ପତ୍ନୀ ଓ ପିଲା



ଚେନ୍ନାଇ,୧୦।୫: ତାମିଲ ସୁପରାଷ୍ଟାର ଥଲପତି ସି ଜୋସେଫ ବିଜୟ ରବିବାର ଚେନ୍ନାଇରେ ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଜୟଙ୍କ ପରିବାର ସଦସ୍ୟ ଓ ନିକଟ ସମ୍ପର୍କୀୟ ମଧ୍ୟ ଉପସ୍ଥିତ ଥିଲେ। ବିଜୟଙ୍କ ନିକଟତମ ଲୋକଙ୍କ ଲାଗି ଏହି ଉତ୍ସବ ଗର୍ବ ଓ ଭାବୁକ କ୍ଷଣରେ ଭରା ଥିଲା, ହେଲେ ତାଙ୍କ ପତ୍ନୀ ଓ ପିଲାଙ୍କ ଅନୁପସ୍ଥିତି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜୟଙ୍କ ମାତାପିତା ଶୋଭା ଚନ୍ଦ୍ରଶେଖର ଓ ଏସ.ଏ. ଚନ୍ଦ୍ରଶେଖର ତାଙ୍କ ପୁଅଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ଗର୍ବରେ ଝୁମିଛନ୍ତି। ତେବେ ନଥିଲେ ତ କେବଳ ତାଙ୍କ ପତ୍ନୀ ଓ ଦୁଇ ପିଲା।ହେଲେ ବିଜୟଙ୍କ ପତ୍ନୀ ସଙ୍ଗୀତା ସ୍ୱର୍ଣ୍ଣଲିଙ୍ଗମ, ପୁଅ ଜେସନ ସଞ୍ଜୟ ଓ ଝିଅ ଦିବ୍ୟା ଶାସାଙ୍କ ଅନୁପସ୍ଥିତି ଏବେ ସୋସିଆଲ ମିଡିଆରେ ହଙ୍ଗାମା ସୃଷ୍ଟି କରିଛି। ଅନେକ ସୋସିଆଲ ମିଡିଆ ୟୁଜର୍ସ ଏହି ଚର୍ଚ୍ଚା ମଧ୍ୟରେ ତୃଷାଙ୍କ ସହିତ ବିଜୟଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ତେବେ ଚଳିତବର୍ଷ ପ୍ରାରମ୍ଭରେ ସଂଗୀତା ବିବାହ ବିଚ୍ଛେଦ ନିମନ୍ତେ କୋର୍ଟରେ ଆବେଦନ କରିଥିବାର ଖବର ସାମ୍ନାକୁ ଆସିଥିଲା। ତେବେ ପତ୍ନୀ ଓ ପିଲାଙ୍କ ଅନୁପସ୍ଥିତି ସୋସିଆଲ ମିଡିଆ ୟୁଜରଙ୍କୁ ନିରାଶ କରିଛି। କେତେକ ୟୁଜର ଲେଖିଛନ୍ତି ଯେ କାର୍ଯ୍ୟକ୍ରମକୁ ଯଦିଓ ପତ୍ନୀଙ୍କୁ ନିମନ୍ତ୍ରଣ କରାଯାଇନି ତେବେ ଦୁଇ ପିଲାଙ୍କୁ ନିଶ୍ଚିତ ନିମନ୍ତ୍ରଣ କରାଯିବାର ଥିଲା।

# ଉପସାଗରୀୟ ସଙ୍କଟରେ ଫସି ରହିଛନ୍ତି ୨୦ ହଜାରରୁ ଅଧିକ ଭାରତୀୟ ନାବିକ

ନୂଆଦିଲ୍ଲୀ,୧୦।୫: ଉପସାଗର ଏବଂ ହର୍ମୁଜ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୨୦ ହଜାରରୁ ଅଧିକ ଭାରତୀୟ ନାବିକ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି । ନ୍ୟାସନାଲ ୟୁନିଅନ ଅଫ ସିଫରର୍ସ ଅଫ ଇଣ୍ଡିଆ ଚେତାବନୀ ଦେଇଛି ଯେ, ସଂଘର୍ଷ ବୃଦ୍ଧି ପାଇ ବାର ସ୍ଥିତିରେ, ଜାହାଜରେ ନିୟୋଜିତ ଭାରତୀୟ ନାବିକମାନେ ଖାଦ୍ୟ, ଔଷଧ ଏବଂ ସୁରକ୍ଷିତ ସ୍ଥାନାନ୍ତର କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଦାବି କରିଛି । ସଂଗଠନ ଅନୁଯାୟୀ, ଉପସାଗର ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ନାବିକମାନେ ନିରନ୍ତର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ , ସାଇବର ବିପଦ ଏବଂ ସୁରକ୍ଷା ପ୍ରତିବନ୍ଧକ ମଧ୍ୟରେ କାମ କରୁଛନ୍ତି, ଯାହା ସେମାନଙ୍କର ମାନସିକ ଚାପ ଏବଂ ଭୟକୁ ବୃଦ୍ଧି କରୁଛି । ଏନୟୁଏସଆଇ ସାଧାରଣ ସମ୍ପାଦକ ମିଲିନ୍ଦ କାଣ୍ଡଲଗାଓଁକର କହିଛନ୍ତି ଯେ, ନାବିକମାନଙ୍କ ପରିବାର ସେମାନଙ୍କ ସୁରକ୍ଷା ପାଇଁ ନିରନ୍ତର ଚିନ୍ତିତ ।

# ବିହାର ରେଲୱେ ଷ୍ଟେସନରୁ ୨୧ ଶିଶୁ ଉଦ୍ଧାର: ଚାଲାଣକାରୀ ଗିରଫ

ନୂଆଦିଲ୍ଲୀ,୧୦/୫ : ବିହାରର ପୂର୍ବ ଚମ୍ପାରଣ ଜିଲ୍ଲାର ଏକ ରେଲୱେ ଷ୍ଟେସନରୁ ୨୧ଜଣ ଶିଶୁ ଉଦ୍ଧାର ହୋଇଛନ୍ତି । ଏହାସହ ଜଣେ ସନ୍ଦିଗ୍ଧ ଚାଲାଣକାରୀଙ୍କୁ ଗିରଫ କରାଯାଇଛି । ଏ ନେଇ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଅଧିକାରୀ ଜଣଙ୍କ କହିଛନ୍ତି, ଆରପିଏଫ୍ ଏକ ଏନଜିଓ ସହାୟତାରେ ବାପୁଧାମ ମୋତିହାରୀ ରେଳ ଷ୍ଟେସନରୁ ପିଲାମାନଙ୍କୁ ଉଦ୍ଧାର କରିଛି । ରେଲୱେ ପୋଲିସ (ଜିଆରପି)ର ଷ୍ଟେସନ ହାଉସ ଅଫିସର ସନ୍ତୋଷ କୁମାର କହିଛନ୍ତି ଯେ, ଉଦ୍ଧାର ପିଲାମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି। ସେ କହିଛନ୍ତି, ମାନବ ଚାଲାଣ ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ତଦନ୍ତ ଚାଲିଛି । ଅଧିକାରୀମାନେ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ବାହାନାରେ ଏକ ବିନା ଲାଇସେନ୍ସପ୍ରାପ୍ତ ହଷ୍ଟେଲରେ ରଖାଯାଇଥିଲା।

# ଯୋଗୀ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ

## ଭୂପେନ୍ଦ୍ର ଚୌଧୁରୀଙ୍କ ସମେତ ୬ ବିଧାୟକ ହେଲେ ମନ୍ତ୍ରୀ



ଲକ୍ଷ୍ନୌ,୧୦।୫ : ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ମନ୍ତ୍ରୀମଣ୍ଡଳ ରବିବାର ସମ୍ପ୍ରସାରଣ ହୋଇଛି। ଲକ୍ଷ୍ନୌ ଲୋକଭବନରେ ଆୟୋଜିତ ଶପଥପାଠ ଉତ୍ସବରେ ରାଜ୍ୟପାଳ ଆନନ୍ଦିବେନ ପଟେଲ ୬ ଜଣ ବିଧାୟକଙ୍କୁ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏଥିରେ ଭୂପେନ୍ଦ୍ର ଚୌଧୁରୀ, କୃଷ୍ଣା ପାଶୱାନ, ହଂସରାଜ ବିଶ୍ୱକର୍ମା, ମନୋଜ ପାଣ୍ଡେ, କୈଳାଶ ରଜପୁତ ଓ ଅଜିତ ସିଂହ ପାଲ ମନ୍ତ୍ରୀ ଭାବେ ଶପଥପାଠ କରିଛନ୍ତି। ମନ୍ତ୍ରୀମଣ୍ଡଳରେ ନୂଆକରି ସାମିଲ ହୋଇଥିବା ନେତାଙ୍କ ମଧ୍ୟରେ ଜଣେ ବ୍ରାହ୍ମଣ, ୩ ଜଣ ଓବିସି ଓ ଦୁଇ ଜଣ ଦଳିତ ସମାଜରୁ ଅଛନ୍ତି। ଏହି ଶପଥ ଗ୍ରହଣ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟା ନାଥ ରାଜ୍ୟପାଳଙ୍କୁ ଭେଟିବାର ଦିନକ ପରେ ହୋଇଛି। ଶପଥଗ୍ରହଣ ଉତ୍ସବ ପରେ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଉତ୍ତରପ୍ରଦେଶ ମନ୍ତ୍ରାଳୟରେ ଦୀର୍ଘ ସମୟରୁ ଅପେକ୍ଷା କରାଯାଉଥିବା ଅଦଳବଦଳ ଆକଳନରେ ବିରାମ ଲାଗିଛି। ବ୍ରାହ୍ମଣ, ଓବସି ଓ ଦଳିତଙ୍କୁ ସାଧିବାକୁ ଉଦ୍ୟମ ଏବେ ଯୋଗୀଙ୍କ ମନ୍ତ୍ରୀମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ସମେତ ମୋଟ ୭ ଜଣ ବ୍ରାହ୍ମଣ ମନ୍ତ୍ରୀ ଅଛନ୍ତି। ପୂର୍ବତନ ମନ୍ତ୍ରୀ ଜିତିନ ପ୍ରସାଦ ସାଂସଦ ନିର୍ବାଚିତ ହେବା ପରେ ଯୋଗୀ କ୍ୟାବିନେଟରେ ବ୍ରାହ୍ମଣ କୋଟାର ଗୋଟିଏ ଆସନ ଖାଲି ହୋଇଯାଇଥିଲା।

# ହୁଗୁଳିରେ ଟିଏମସି ନେତା ସହଦେବ ବାଗଙ୍କୁ ହତ୍ୟା

## ଖେଜୁରିରେ ବହୁ ଦୋକାନ ପୋଡ଼ି

କୋଲକାତା,୧୯।୫: ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ସମସ୍ତଙ୍କୁ ଚକିତ କରିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ସାଧାରଣ ଲୋକମାନେ ଆତଙ୍କରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏବେ ଟିଏମସି ନେତା ସହଦେବ ବାଗ୍‌ଙ୍କ ହତ୍ୟା ପରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି। ହୁଗଳିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗ୍‌ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ, ସହଦେବ ଶନିବାର ରାତିରୁ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ମୃତଦେହର ଅବସ୍ଥା ସ୍ପଷ୍ଟ ଭାବରେ ସୂଚାଇ ଦେଉଥିଲା ଯେ, ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ତାଙ୍କ ମୁହଁ ଏବଂ ନାକରେ ଗୁରୁତର ଆଘାତ ମିଳିଥିଲା। ଘଟଣା ପରେ, ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ପୁଲିସ ମୃତଦେହ ନିକଟରୁ ଏକ ଗଦା ମଧ୍ୟ ଉଦ୍ଧାର କରିଛି, ଯାହାକୁ ହତ୍ୟା ଅସ୍ତ୍ର ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୃତ ସହଦେବ ବାଗଙ୍କ ସ୍ତ୍ରୀ ଛେନା ବାଗ ନାକୁଣ୍ଡା ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟ। ସେ ପୁଲିସକୁ କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗତକାଲି ରାତିରେ ଘରୁ ବାହାରି ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ। ଛେନା ବାଗ ଅଭିଯୋଗ କରିଛନ୍ତି ଯେ, ମେ' ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦିଆଯାଉଛି। ପରିବାର ପକ୍ଷରୁ ଦୃଢ଼ ଅଭିଯୋଗ କରାଯାଇଛି, ଏହା ଏକ ରାଜନୈତିକ ହତ୍ୟା ଏବଂ ଏହା ପଛରେ ବିଜେପି ସମର୍ଥକମାନଙ୍କର ହାତ ଅଛି। ହିଂସାର ନିଆଁ କେବଳ ହୁଗଳି ପର୍ଯ୍ୟନ୍ତ ସୀମିତ ନାହିଁ। ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି। ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଳି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ କିଛି ଦୁର୍ବୃତ୍ତ ବଜାର ଉପରେ ଯୋଜନାବଦ୍ଧ ଆକ୍ରମଣ କରି କିଛି ସମୟ ମଧ୍ୟରେ ବହୁ ଦୋକାନ ପୋଡ଼ି ଦେଇଥିଲେ। ଏହି ଘଟଣାରେ, ଅନେକ ଲୋକଙ୍କ ଜୀବିକା ମୁହୂର୍ତ୍ତକ ମଧ୍ୟରେ ନଷ୍ଟ ହୋଇଯାଇଛି।

## ସମ୍ଭାବ୍ୟ ବନ୍ୟା ଓ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତିର ସମୀକ୍ଷା

# 'ଶୂନ୍ୟ କ୍ଷୟକ୍ଷତି' ବିପର୍ଯ୍ୟୟ ପରିଚାଳନା ଲକ୍ଷ୍ୟରେ କାର୍ଯ୍ୟ କରିବାକୁ ଆହ୍ୱାନ

ନୂଆଦିଲ୍ଲୀ,୧୦।୬(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଦେଶର ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ବୈଠକକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ)ର ସହାୟତାରେ ଜାମ୍ମୁ-କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ସିକିମର ୩୦ଟି ଅଧିକ ରିସ୍କ ଥିବା ହ୍ରଦ ପାଇଁ ଆଗୁଆ ଚେତାବନୀ ବ୍ୟବସ୍ଥା ବିକଶିତ କରିବାର ଯୋଜନାରେ ଅତିକମରେ ୬୦ ଟି ହ୍ରଦକୁ ସାମିଲ କରାଯିବା ଉଚିତ। ଶ୍ରୀ ଶାହ ଏହା ମଧ୍ୟ କହିଥିଲେ ଯେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ବନ୍ୟା ପୂର୍ବାନୁମାନ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ରହିବା ଉଚିତ। ଶ୍ରୀ ଶାହ




କହିଛନ୍ତି ଯେ ଦେଶର ପ୍ରତ୍ୟେକ ରାଜ୍ୟରେ ବନ୍ୟା ସଙ୍କଟ ପରିଚାଳନା ଦଳ (ଏଫସିଏମଟି) ଗଠନ କରାଯିବା ଉଚିତ ଏବଂ ଏହାକୁ ସକ୍ରିୟ କରାଯିବା ଉଚିତ। ସେ କହିଛନ୍ତି ଯେ ବିପର୍ଯ୍ୟୟ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଉନ୍ନତ ସଚେତନତା ଏବଂ 'ସମ୍ପୂର୍ଣ୍ଣ ସରକାର' ଆଭିମୁଖ୍ୟର ବିକାଶକୁ ଆଗେଇ ନେଇଛି, କିନ୍ତୁ ରାଜ୍ୟ, ଜିଲ୍ଲା ଏବଂ ପୌରାଞ୍ଚଳ ସ୍ତରରେ ଏହି ନିର୍ଦ୍ଦେଶାବଳୀର ଅନୁପାଳନକୁ ସମୀକ୍ଷା କରିବା ସେମାନଙ୍କ କାର୍ଯ୍ୟକାରିତାକୁ ଆହୁରି ମଜବୁତ କରିପାରିବ। ସେ ଏହା ମଧ୍ୟ କହିଛନ୍ତି ଯେ ଜଙ୍ଗଲ ନିଆଁ, ଗ୍ରୀଷ୍ମ ପ୍ରବାହ ଏବଂ ବନ୍ୟା ମୁକାବିଲା ପାଇଁ କେତେ ରାଜ୍ୟ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଏବଂ ଏନଡିଏମଏ ନିର୍ଦ୍ଦେଶାବଳୀ ଅନୁସରଣ କରୁଛନ୍ତି ତାହା ଆକଳନ କରିବା ପାଇଁ ଏନଡିଏମଏ ଏକ ଅଧ୍ୟୟନ କରିବା ଉଚିତ୍। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଶୂନ୍ୟ କ୍ଷୟକ୍ଷତି ବିପର୍ଯ୍ୟୟ ପରିଚାଳନା ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରାଯିବା ଆବଶ୍ୟକ। ସେ କହିଥିଲେ ଯେ ଜଳ ସଂରକ୍ଷଣ ଏବଂ ଭୂତଳ ଜଳସ୍ତରରେ ଉନ୍ନତିର ଅଧିକ ସମ୍ଭାବନା ଜଳ ସଂରକ୍ଷଣ ଏବଂ ଚେକ୍ ଡ୍ୟାମ୍ ପ୍ରକଳ୍ପ ଜରିଆରେ ଅନ୍ୱେଷଣ କରାଯିବା ଉଚିତ। ନଦୀ ଉପରେ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରିବା ସହିତ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ମଧ୍ୟ କମ୍ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ।

## ମଦ ଗାଡି ଜବତ ଜଣେ ଗିରଫ



ତିଗିରିଆ (ନିପ୍ର): ଆଠଗଡ଼ରୁ ବାଲିଝରି ନେଇଯାଉଥିବା ବୋଲେରୋ ପିକଅପ୍ (ଓ ଆର ୦୫ଏ ଏଲ ୩୪୯୨) କୁ ତିଗିରିଆ ପୋଲିସ ଜବତ କରିବା ସହିତ ଜଣକୁ ଅଟକ ରଖିଛି । ଉକ୍ତ ଗାଡିରେ ଯାଉଥିବା ୧୨୦୦ ଲିଟର ଦେଶୀ ମଦକୁ ମଧ୍ୟ ପୋଲିସ ଜବତ କରିଛି ବୋଲି ଗଣମାଧ୍ୟମକୁ ଜଣାଯାଇଛି । ଗତ ରାତିରେ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ବେଳେ ଉକ୍ତ ପିକଅପ ଉପରେ ସନ୍ଦେହ ହେବାରୁ ପିଛା କରୁଥିଲା ପିକ୍ଅପ୍ ଗାଡିଟି ଦ୍ରୁତ ବେଗରେ ଯାଇ ଶାସନ ଛକ ଠାରେ ଗୋଟିଏ କେବିନ୍‌କୁ ଧକ୍କା ଦେଇଥିଲା ।

## ସାଇନାଥ ମନ୍ଦିରରୁ ରୁପା, ସୁନା ଅଳଙ୍କାର ସମେତ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

ହିଞ୍ଜିଳିକାଟୁ, (ନିପ୍ର): କିଛି ଦିନର ବ୍ୟବଧାନ ପରେ ହିଞ୍ଜିଳି ଥାନା ଇଲାକାରେ ମନ୍ଦିର ଉପରେ ଲୁଟେରାଙ୍କ ଦୃଷ୍ଟି ପଡିଛି । ଲୁଟେରା ଗୋଷ୍ଠୀ ମନ୍ଦିର ଦ୍ୱାର ତାଲା ଭାଙ୍ଗି ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ତାର କାଟି ସୁନା, ରୂପା ଅଳଙ୍କାର ସମେତ ୨ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି । ଏଭଳି ଘଟଣା ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ପୋଟିଲିମା ସାଇନାଥ ମନ୍ଦିରରେ ଦେଖିବାକୁ ମିଳିଛି । ଶନିବାର ରାତିରେ ମନ୍ଦିର ପହଡ ପରେ ମନ୍ଦିର ଦ୍ୱାର ତାଲା ପକାଇ ପୂଜାରୀ ଫେରିଥିଲେ । ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୨ ଟାରେ ଲୁଟେରା ଗୋଷ୍ଠୀ ମନ୍ଦିର ପାଚେରୀ ଡେଇଁ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ମନ୍ଦିର ସମ୍ମୁଖ ଭାଗରେ ସଂଯୋଗ ହୋଇଥିବା ସିସିଟିଭି କ୍ୟାମେରା ତାର କାଟି ମନ୍ଦିର ଦ୍ୱାର ତାଲା ଭାଙ୍ଗି ମନ୍ଦିର ଭିତରେ ପଶି ୨ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓଜନର ୩ଟି ରୁପା ମୁକୁଟ, ପ୍ରାୟ ୨ ଭରି ଓଜନର ସୁନା ଛାଉଣୀର ହାର, ରୁପା ଥାଳିଆ, ଲୋଟା ସମେତ ମନ୍ଦିର ଭିତରେ ଥିବା ୨ଟି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ରବିବାର ଭୋର ସମୟରେ ମନ୍ଦିର ପୂଜାରୀ ମନ୍ଦିରରେ ପହଞ୍ଚି ତାଲା ଭଙ୍ଗାଯାଇଥିବା ଏବଂ ମନ୍ଦିର ଭିତରେ ଥିବା ସାଇନାଥ, ଗଣେଶ ଓ ତ୍ରୀଦେବଙ୍କ ରୁପା ମୁକୁଟ, ସାଇନାଥଙ୍କ ବେକରୁ ସୁନା ଛାଉଣୀର ହାର, ୨ଟି ହୁଣ୍ଡି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଚୋରୀ ଘଟଣା ସମ୍ପର୍କରେ ମନ୍ଦିର ପୂଜାରୀ, ମନ୍ଦିର ଟ୍ରଷ୍ଟ ସଭାପତିଙ୍କୁ ଅବଗତ କରିଥିଲେ । ଏ ନେଇ ମନ୍ଦିର ଟ୍ରଷ୍ଟ ସଭାପତି ହିଞ୍ଜିଳି ଥାନାକୁ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ଏସଆଇ ସୁରେଶ କୁମାର ସାହୁ, ରଶ୍ମିରଞ୍ଜନ ସାମଲ ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମନ୍ଦିର ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଗତ କିଛି ମାସ ଧରି ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ସ୍ଥାନରେ ଲୁଟ୍ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । କେତେବେଳେ ବାଇକ୍ ତ ଆଉ କେତେବେଳେ ସାଇକେଲ । କେତେବେଳେ ଘରକରଣା ସାମଗ୍ରୀ ତ ଆଉ କେତେବେଳେ ପାଣି ମିଟର, ପାଣି ପମ୍ପ, ଏସିରେ ସଂଯୋଗ ତମ୍ବା ତାର ଓ ବିଦ୍ୟୁତ୍ ତାର ଚୋରୀ ହେଉଥିବା ନିତିଦିନିଆ ଘଟଣା ପାଲଟିଛି । ରାତ୍ରକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉନଥିବାରୁ ଲୁଟେରା ଗୋଷ୍ଠୀ ପୁଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ଗୋଟିଏ ପରେ ଗୋଟିଏ ଲୁଟ୍ କରି ପୁଲିସ ଆଖିରେ ଧୂଳି ଛାଟି ଚମ୍ପଟ ମାରିବାରେ ସକ୍ଷମ ହେଉଛନ୍ତି । ଗତ ପ୍ରାୟ ୩ ମାସ ପୂର୍ବେ ହିଞ୍ଜିଳି ଥାନା ଇଲାକାର ୫ଟି ପୃଥକ ମନ୍ଦିରରୁ ଲୁଟ୍ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଶନିବାର ବିଳମ୍ବିତ ରାତିରେ ପୋଟିଲିମା ସାଇନାଥ ମନ୍ଦିରରୁ ବଡ ଧରଣର ଲୁଟ୍ ଘଟଣା ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି । ସ୍ଥାନୀୟ ଅଞ୍ଚଳରେ ଲଗାତାର ଲୁଟ୍ ଘଟଣା ପରେ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏ ଦିଗରେ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ରାତ୍ରୀକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏ ନେଇ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କୁ ପଚାରିବାରୁ ସେ କୁହନ୍ତି ଘଟଣାର ତଦନ୍ତ ଚାଲିଛି । ଯଥାଶୀଘ୍ର ଲୁଟେରା ଗୋଷ୍ଠୀଙ୍କୁ କାବୁ କରି କୋର୍ଟ ଚାଲାଣ କରାଯିବ ।

## ଚେନ ଲୁଟେରା ଧରାପଡିଲା

ଭୁବନେଶ୍ୱର,(ନିପ୍ର): ରାସ୍ତାରୁ ଚେନ ଛଡାଇ ନେବା ଅଭିଯୋଗରେ ତମାଣ୍ଡୋ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କମଳାକାନ୍ତ ଦାସ ଓରଫ ବାବୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଅନିତା ମଲ୍ଲିକ ପରିବାର ସହ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ବିହାର, କେ-୫ ଅଞ୍ଚଳରେ ରୁହନ୍ତି । ଗତକାଲି ମଧ୍ୟାହ୍ନ ସମୟରେ ସେ ନିଜ ସାଇକେଲ ଯୋଗେ ଭଉଣୀ ଘର ଅଭିମୁଖେ ଯାଉଥିବା ବେଳେ, ଏଚଆଇଜି କଲୋନୀ ସ୍ଥିତ ପୁରୁଣା ଫାଣ୍ଡି ନିକଟରେ ଅଭିଯୁକ୍ତ ବାବୁ ପଛ ପାଖରୁ ଏକ ମୋଟରସାଇକେଲ ଯୋଗେ ଆସି ତାଙ୍କର ରାସ୍ତା ଅବରୋଧ କରିଥିଲେ ଏବଂ ପରେ ତାଙ୍କ ବେକରୁ ତାଙ୍କର ମଙ୍ଗଳସୂତ୍ର ଜୋରଜବରଦସ୍ତ ଛିଣ୍ଡାଇ ନେଇଯାଇଥିଲେ । ଏହା ପରେ ଅଭିଯୁକ୍ତ ଜଣକ ପୁନର୍ବାର ତାଙ୍କ କାନରୁ କାନଫୁଲ ନେବା ଲାଗି ପ୍ରୟାସ କରିବା ବେଳେ ଅଭିଯୋଗକାରିଣୀ ଅଭିଯୁକ୍ତଙ୍କୁ ଧରି ପକାଇ ବଡ ପାଟିରେ ଡାକ ପକାଇଥିଲେ । ତାଙ୍କ ଡାକ ଶୁଣି ସ୍ଥାନୀୟ ଲୋକମାନେ ଅବିଳମ୍ବେ ଘଟଣା ସ୍ଥଳରେ ରୁଣ୍ଡ ହୋଇଯାଇ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ । ପରେ ଅଭିଯୋଗକାରିଣୀ ପିସିଆର ଡାକି ଅଭିଯୁକ୍ତଙ୍କୁ ପୁଲିସ ଜିମା ଦେବା ସହ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରୁ ଅଭିଯୋଗକାରିଣୀଙ୍କ ମଙ୍ଗଳସୂତ୍ର ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକେଲକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ବାବୁ, ନିଜ ଅପରାଧ ସ୍ୱୀକାର କରିଥିଲେ ।

## ଘରେ ପଶି ଚୋରି, ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ତମାଣ୍ଡୋ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସହଦେବ ବିଶ୍ୱାଳ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମାନସ ରଞ୍ଜନ ସାହୁ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ନଗର, କେ-୪ ସ୍ଥିତ ଏଲଆଇଜି-୧୨୭୪ ରହିବା ସହ ଏମଜି ଅଟୋମୋବାଇଲ୍ସ ସୋ-ରୁମରେ କାମ କରନ୍ତି । ଗତ ୦୮.୦୫.୨୦୨୬ ସନ୍ଧ୍ୟା ୬ ଟା ବେଳେ ସେ ଘରେ ତାଲା ଲଗାଇ କର୍ମକ୍ଷେତ୍ରକୁ ବାହାରି ଯାଇଥିଲେ । ପରେ ସେ ଘରକୁ ଫେରି, ଘରର ମୁଖ୍ୟ ଦ୍ୱାରର ତାଲା ଭଙ୍ଗାଯାଇଥିବା ଏବଂ ଘରୁ ୪୦,୦୦୦ ଟଙ୍କା ଚୋରୀ ହୋଇଯାଇଥିବା ଦେଖିବାକୁ ପାଇଥିଲେ । ପରେ ସେ ଘରେ ଲାଗିଥିବା ସିସିଟିଭି କ୍ୟାମେରା ଚେକ କରିବାରୁ, ଘରେ ଡ୍ରାଇଭର ଭାବେ କାର୍ଯ୍ୟରତ ସହଦେବ ବିଶ୍ୱାଳ ଏହି ଚୋରୀରେ ସମ୍ପୃକ୍ତ ଥିବା ସେ ଜାଣିବାକୁ ପାଇଥିଲେ । ଏନେଇ ସେ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୋଗକାରୀଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଅଭିଯୁକ୍ତ ସହଦେବ ଏହି ଚୋରିକରିଥିବା ସ୍ପଷ୍ଟ ହୋଇଥିଲା । ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିବା ସହ ଅଭିଯୁକ୍ତ ସହଦେବ ବିଶ୍ୱାଳଙ୍କୁ ତାଙ୍କ ଘରୁ କାବୁ କରୁଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଏକ ଦାମୀ କାଠ ବାକ୍ସ ଏବଂ ୧୦,୦୦୦ ଟଙ୍କା ଜବତ କରିଥିଲେ । ପଚରାଉଚରା ବେଳେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ସୌମ୍ୟ ହତ୍ୟା ଘଟଣା: କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ

## ଘଟଣାସ୍ଥଳରେ ଖୋଳତାଡ ଆରମ୍ଭ, ବିଭିନ୍ନ ଦିଗରୁ ତଦନ୍ତ





ଭୁବନେଶ୍ୱର(ନିପ୍ର): ବାଲିଅନ୍ତା ଭିଡ ହତ୍ୟାକାଣ୍ଡ ସାରାଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି । କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ସୌମ୍ୟ ହତ୍ୟା ମାମଲା ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ସରଜମିନ୍ ତଦନ୍ତ ଆରମ୍ଭ କରିଛି । ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନେତୃତ୍ୱରେ ବାଲିଅନ୍ତା ଥାନାରେ ଟିମ୍ ପହଞ୍ଚି ଖୋଳତାଡ ଆରମ୍ଭ କରିଛନ୍ତି । ପରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି । ଏପରିକି ଘଟଣାସ୍ଥଳରେ ଥିବା ପୋଲିସ କର୍ମଚାରୀଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି । କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର କହିଛନ୍ତି, ତଦନ୍ତ ପାଇଁ ୧୦ ଅଫିସର୍‌ଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଛି । ତଦନ୍ତରେ ସାଇଣ୍ଟିଫିକ, ସାଇବର ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାମିଲ କରାଯାଇଛି । ଦୁଷ୍କର୍ମ, ହତ୍ୟା ଓ ପୁଲିସର ଅବହେଳାକୁ ନେଇ ତଦନ୍ତ କରାଯିବ । ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି କହିଛନ୍ତି । ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତଥ୍ୟ ଓ ସତ୍ୟ ଆଧାରରେ ତଦନ୍ତ ହେବ ବୋଲି କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟ କହିଛନ୍ତି । ସୂଚନାଯୋଗ୍ୟ, ଗତ ୭ ତାରିଖ ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ନିକଟରେ ସଡକ ଦୁର୍ଘଟଣାକୁ ନେଇ ଦୁଇ ଯୁବତୀଙ୍କ ସହ ଯୁବକଙ୍କ ପାଟିତୁଣ୍ଡ ଓ ପରେ ଅସଦାଚରଣ ଅଭିଯୋଗ ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ପୋଲିସ ଆଖି ଆଗରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ପିଟି ଚାଲିଥିଲେ । ଶେଷରେ ତାଙ୍କର ଜୀବନ ଚାଲିଯାଇଥିଲା । ଏହି ଭିଡ ହତ୍ୟା ସାରା ଓଡିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏବେ ସୁଦ୍ଧା ପୁଲିସ ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରିସାରିଛି । ବାକି ଅଭିଯୁକ୍ତଙ୍କୁ ଖୋଜାଚାଲିଛି । ମୃତ କନଷ୍ଟେବଲ ସୌମ୍ୟଙ୍କ ପରିବାର କମିଶନରେଟ ପୁଲିସର ତଦନ୍ତକୁ ନେଇ ସନ୍ତୁଷ୍ଟ ନଥିଲେ । ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେମାନେ ଦାବି କରିଥିଲେ । ଶନିବାର ମୁଖ୍ୟମନ୍ତ୍ରୀ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମ୍ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଘଟଣା ଦିନ ସୌମ୍ୟଙ୍କୁ ବାଇକ୍‌ରେ ନେଇ ଓମ୍ ପ୍ରକାଶ ଭୁବନେଶ୍ୱର ସତ୍ୟବିହାର ଛାଡିବାକୁ ଯାଇଥିଲେ । ସେଦିନର ସେହି ଅମାନୁଷିକ ଘଟଣା ସଂପର୍କରେ ଓମ୍ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି । ତାଙ୍କ କହିବାନୁସାରେ, ସେଦିନ ଉଭୟେ ସୌମ୍ୟ ଓ ଓମ୍ ଭୁବନେଶ୍ୱର ଯାଉଥିଲେ । ହଠାତ ସୌମ୍ୟ କହିଥିଲେ ଘରେ ମନିପର୍ସ ରହିଯାଇଛି । ଫେରି ଆଣିବାକୁ ପଡିବ । ତେଣୁ ଓମ୍ ବାଇକ୍ ବୁଲାଇଥିଲେ । ରାମଚନ୍ଦ୍ରପୁର କାଜ ନିକଟରେ ହଠାତ୍ ସୌମ୍ୟଙ୍କ ଆଚରଣ ବଦଳି ଯାଇଥିଲା । ସମ୍ଭବତଃ ତାଙ୍କୁ ଫିଡସ୍ (ବାତ) ମାରିଥିଲା । ସେ ଅସ୍ୱାଭାବିକ ବ୍ୟବହାର କରିବା ସହ ପଛପଟରୁ ବାଇକ୍ ଚଳାଉଥିବା ଓମ୍‌ଙ୍କ ବେକକୁ ହଠାତ୍ ମାଡି ବସିଥିଲେ । ଫଳରେ ବାଇକ୍ ଭାରସାମ୍ୟ ହରାଇଥିଲା । ରାସ୍ତାରେ ଯାଉଥିବା ଯୁବତୀଙ୍କ ସ୍କୁଟି ସହ ଗାଡି ପିଟି ହୋଇଯାଇଥିଲା । ସମସ୍ତେ ରାସ୍ତାରେ ପଡିଯିବା ପରେ ସୌମ୍ୟ ହଠାତ୍ ଯୁବତୀମାନଙ୍କୁ ଆକ୍ରମଣ କରିଥିଲେ । ଏମିତିକି ଓମ୍‌ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ କିଛି ଲୋକେ ଦୌଡିଆସି ସୌମ୍ୟଙ୍କୁ ମାରିବାକୁ ଆରମ୍ଭ କଲେ । ନିକଟରେ ଏକ ବିଲ ଭିତରକୁ ତାଙ୍କୁ ଠେଲି ଦିଆଯାଇଥିଲା । ସେଠାରେ ଗୋଡହାତ ବାନ୍ଧି ତାଙ୍କୁ ବାଉଁଶରେ ଲୋକେ ପିଟି ଚାଲିଥିଲେ । ସେଠାରେ ପ୍ରାୟ ୭୦/୮୦ ଲୋକ ଥିଲେ, କିନ୍ତୁ ୧୦/୧୨ଜଣ ଅତି ନିର୍ମମ ଭାବେ ସୌମ୍ୟଙ୍କୁ ମାରି ଚାଲିଥିଲେ । ଏମିତିକି ଓମ୍‌ଙ୍କୁ ମଧ୍ୟ କିଛି ଲୋକ ବାଡେଇବା ଆରମ୍ଭ କରିଥିଲେ । ଏହି ସମୟରେ ସେଠାରେ ଥିବା ଗଙ୍ଗେଶ୍ୱର ଅଞ୍ଚଳର କିଛି ଲୋକ ଓମ୍‌ଙ୍କର କିଛି ଭୁଲ୍ ନଥିବା କହିଥିଲେ । ଫଳରେ ଓମ୍ ଲୋକଙ୍କ ଆକ୍ରୋଶରୁ ବର୍ତ୍ତି ଯାଇଥିଲେ । କିଛି ସମୟ ଭିତରେ ସେଠାରେ ଥାନା ପିସିଆର୍ ପହଞ୍ଚିଥିଲା । ଗାଡିରେ ଜଣେ ସାଦା ପୋଷାକଧାରୀ ସବ୍‌ଇନ୍ସପେକ୍ଟର ଥିଲେ । ସେ କିଛି ନବୁଝି ସିଧାସଳଖ ସୌମ୍ୟଙ୍କୁ ମାରିଥିଲେ । ଏମିତିକି ତାଙ୍କ ଉପରେ ଚଢି ଯାଇଥିଲେ । ୟୁନିଫର୍ମରେ ଥିବା ପୁଲିସ କର୍ମଚାରୀମାନେ ପଛରେ ଛିଡା ହୋଇରହିଥିଲେ । ଜଣେ ବ୍ୟକ୍ତିଙ୍କୁ ଲୋକମାନେ ମିଶି ମାରୁଥିବା ବେଳେ ସେଠାରେ ପୁଲିସ ତାଙ୍କୁ ଉଦ୍ଧାର ନକରି ଡାଏରୀ ଧରି ଲେଖାଲେଖି କରିବାକୁ ନେଇ ଓମ୍‌ପ୍ରକାଶ ପ୍ରଶ୍ନ ଉଠାଇଛନ୍ତି ।

## ଆକ୍ରମଣ କରି ଭିଡିଓ ଭାଇରାଲ, ଦୁଇ ଗିରଫ

ଭୁବନେଶ୍ୱର (ନିପ୍ର): ମାଡ ମାରିବା ସହ ଭିଡ଼ିଓ ଭାଇରାଲ କରି ବଦନାମ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କିଶୋର ଚନ୍ଦ୍ର ଦାସ ଏବଂ ଶେଖର ଚନ୍ଦ୍ର ଦାସ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସତ୍ୟବ୍ରତ ରାଉତରାୟ ପାହାଳ ଥାନା ଅନ୍ତର୍ଗତ ଜୟପୁରରେ ରୁହନ୍ତି । ଗତ ୦୬ ତାରିଖ ସକାଳ ପ୍ରାୟ ୪.୪୦ ସମୟରେ ତାଙ୍କ ପିତା ପ୍ରକାଶ ଚନ୍ଦ୍ର ରାଉତରାୟ ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ କିଶୋର ଚନ୍ଦ୍ର ଦାସ ଏବଂ ଶେଖର ଚନ୍ଦ୍ର ଦାସ ତାଙ୍କ ପିତାଙ୍କୁ ଘେରି ଯାଇ କାଠ ବାଡ଼ି ଏବଂ ପ୍ଲାଷ୍ଟିକ୍ ପାଇପ୍ ସାହାଯ୍ୟରେ ଆକ୍ରମଣ କରିଥିଲେ ଏବଂ ଘଟଣାର ଭିଡିଓ କରିଥିଲେ । ପରେ, ଭିଡିଓଟିକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଭାଇରାଲ ଭିଡିଓ ଏବଂ ଆକ୍ରମଣ ଯୋଗୁଁ ଲଜ୍ଜା, ଭୟ ଓ ମାନସିକ ନିର୍ଯାତନା ଯୋଗୁଁ ତାଙ୍କ ପିତା ପ୍ରାୟ ଚାରି ଦିନ ପୂର୍ବେ ପରିବାରର କୌଣସି ସଦସ୍ୟଙ୍କୁ ଘଟଣାର ତାରିଖ ଜଣାଇ ନଥିଲେ । ଗତ ୦୯-୦୫-୨୦୨୬ ରେ ତାଙ୍କ ପିତା ରଶିରେ ଫାଶି ଦେଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ । ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଘଟଣା ବିଷୟରେ ପଚାରିବାରୁ, ସେ କହିଥିଲେ ଯେ ଏହି ଘଟଣା ପୂର୍ବରୁ ଗୁଲାନା ଦାସ ଏବଂ ଶେଖର ଦାସ ଦ୍ୱାରା ଘଟିଥିଲା । ଏହା ପରେ ସେମାନେ ସୋସିଆଲ ମିଡିଆ ଭିଡିଓ ମାଧ୍ୟମରେ ମଧ୍ୟ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ । ଘଟଣାଟି ତାଙ୍କ ବାପାଙ୍କ ଉପରେ ଏକ ଯୋଜନାବଦ୍ଧ ଏବଂ ଜୀବନକୁ ବିପଦପୂର୍ଣ୍ଣ ଆକ୍ରମଣ, ଯାହା ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲା ଏବଂ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲା । ଯେଉଁ ଘଟଣା ଘଟିଥିଲା ତାହା ତାଙ୍କ ବାପାଙ୍କୁ ଜୀବନରେ ମାରିବା ପାଇଁ ପୂର୍ବ ଯୋଜନାବଦ୍ଧ ଭାବରେ କରାଯାଇଥିଲା । ତେଣୁ, ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ବେଳେ ଉଭୟ ନିଜର ଅପରାଧ ସ୍ୱୀକାର କରିଥିଲେ ।

## ବିଦ୍ୟୁତ୍ ଆଘାତରେ ୨ ଶ୍ରମିକଙ୍କ ମୃତ୍ୟୁ

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲାର କାନୁପୁର ବୃହତ୍ ଜଳ ସେଚନ ପ୍ରକଳ୍ପର ଡ୍ୟାମ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଚାଲିଥିବା ବେଳେ ଆଜି ଏକ ଦୁର୍ଭାଗ୍ୟଜନକ ଅଘଟଣ ଘଟିଥିବା ଦେଖିବାକୁ ମିଳିଛି । ୱେଲଡିଙ୍ଗ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଅଞ୍ଚଳର ଉତ୍ତମ ରାୟ ଓ ଆପୁ ରାୟ ବୋଲି ଜଣାପଡ଼ିଛି । ସେମାନେ ଏକ ଠିକା ସଂସ୍ଥା ମାଧ୍ୟମରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ । ସୂଚନା ଅନୁଯାୟୀ, ଆଜି ପ୍ରକଳ୍ପ ଅଞ୍ଚଳରେ ଉଭୟ ଶ୍ରମିକ ୱେଲଡିଙ୍ଗ କାମ କରୁଥିବା ବେଳେ ହଠାତ୍ ଜୋରଦାର ବିଦ୍ୟୁତ୍ ଝଟକା ଲାଗିଥିଲା । ଫଳରେ ସେମାନେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ । ତୁରନ୍ତ ସେମାନଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲ ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ବରଣ କରିଥିବା ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ଦେଖିବାକୁ ମିଳିଛି ।

## ରାଜଧାନୀରେ ଗଞ୍ଜେଇ ମାଫିଆଙ୍କ ଆତଙ୍କ

## ଚଢ଼ାଉ ବେଳେ ଚେକ ପୋଷ୍ଟ ଭାଙ୍ଗି ପୁଲିସକୁ ମାରିଦେବାକୁ ଉଦ୍ୟମ



ନୂଆଦିଲ୍ଲୀ,୧୦।୫:ରାଜଧାନୀରେ ଗଞ୍ଜେଇ ମାଫିଆଙ୍କ ଆତଙ୍କ ରାଜ । ଗଞ୍ଜେଇ ଗାଡିକୁ ଅଟକାଇବାରୁ ପୁଲିସ କର୍ମଚାରୀଙ୍କୁ ଗାଡି ଚଢାଇ ମାରିଦେବାକୁ ଉଦ୍ୟମ । ଭରତପୁର ନିକଟରେ ଜାତୀୟ ତଦନ୍ତ କାରୀ ଏଜେନ୍ସି ନାର୍କୋଟିସ୍ ଏବଂ ପୁଲିସ ପକ୍ଷରୁ ନାକାବନ୍ଦୀ କରାଯାଇଥିଲା । ଗଞ୍ଜେଇ ମାଫିଆ ମାନେ ଦୁଇଟି ଚେକପୋଷ୍ଟକୁ ଭାଙ୍ଗି ପୋଲିସକୁ ଚଢାଇ ମାରିଦେବାକୁ ଉଦ୍ୟମ କରିଥିଲେ । ବୌଦ୍ଧରୁ ପଶ୍ଚିମ ବଙ୍ଗ ଚାଲାଣ ହେଉଥିଲା ଗଞ୍ଜେଇ । କୁଇଣ୍ଟାଲରୁ ଅଧିକ ଟଙ୍କାର ଗଞ୍ଜେଇ ଜବତ । ଜବତ ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବା ସୂଚନା । ଅଭିଯୁକ୍ତମାନେ ଚେକପୋଷ୍ଟକୁ ଭାଙ୍ଗି ଖସିପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ ଗୋଡାଇ ଗୋଡାଇ ଧରିଛି । ବହୁ ଛକାପଞ୍ଝା ପରେ ଶେଷରେ ନିଶା ମାଫିଆ ନାର୍କୋଟିସ୍ ବ୍ୟୁରୋ ଭୁବନେଶ୍ୱର କବଜାରେ ଧରାପଡ଼ିଛନ୍ତି । ସେମାନେ ଚନ୍ଦକା ଜଙ୍ଗଲ କୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅନ୍ଧାରୁଆ ନିକଟରେ ତିନି ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରାଯାଇଛି । ମାଫିଆଙ୍କ ଦୁଇଟି ଦାମି ଗାଡ଼ି ମଧ୍ୟ ଜବତ୍ କରାଯାଇଛି । ଗୋଟିଏ ପାଇଲଟ୍ ଭ୍ୟାନ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ସୁରକ୍ଷା ଦେଇ ଆଗେ ଆଗେ ଆସୁଥିଲା । ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବର ଜଣ ପଡ଼ିବା ପରେ ନାର୍କୋଟିସ୍ ଟିମ୍ ରାସ୍ତା ବ୍ଲକ କରି ଯାଂଚ କରୁଥିଲେ । ସେମାନେ ନାର୍କୋଟିସ୍ ଗାଡିକୁ ଧକ୍କା ଦେବାରୁ ସେ ଗାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଅଫିସର୍ ମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ନିଶା ମାଫିଆ ତିନି ଜଣକୁ ରଖି ଅଧିକ ପଚରା ଉଚରା ଜାରି ରହିଛି ।

## ପୋଖରୀ ଭିତରେ ପଶି ଦୁର୍ବୃତ୍ତକୁ ଧରିଲା ପୋଲିସ

ବେତନଟୀ (ନିପ୍ର) : ମୟୁରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଞ୍ଚଳରେ ଗୋମାଫିଆଙ୍କର ପ୍ରାଦୁର୍ଭାବ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି କ୍ରମରେ ଗତ ମଙ୍ଗଳବାର ରାତିରେ ଗୋମାଫିଆଙ୍କ ଗୁଳିମାଡ଼ର ଶିକାର ହୋଇ ଗୋରକ୍ଷକ ଯୁଗପୁରା ଅଞ୍ଚଳର ରମେଶ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ବୈଶିଙ୍ଗା ପୁଲିସକୁ ମିଳିଛି ସଫଳତା । ତେବେ ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସର ଏକାଧିକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉକ୍ତ ରାତି ଗୋତସ୍କରୀ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ, ମୟୁରଭଞ୍ଜ ସୀମାବର୍ତ୍ତୀ ବାଲେଶ୍ୱର ସଦର ଥାନା ଅଧୀନ ଜଙ୍ଘରାଇ ଗ୍ରାମର ଏସକେ ନେହୁରର ପୁଅ ଏସକେ କେସିମୁଦ୍ଦିନ ଓ ଗୋବିନ୍ଦରାୟପୁର ଗ୍ରାମର ମଲ୍ଲିକ ଜେମାଲୁଦିନର ପୁଅ ମଲ୍ଲିକ ଖେଇରୁଦ୍ଦିନକୁ ପୁର୍ବରୁ ଗିରଫ କରିଥିବାବେଳେ ଆଜି ବିଶେଷ ସୂତ୍ରରୁ ଖବର ପାଇ ସେଇ ମୟୁରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଜଙ୍ଘରାଇ ଉପକଣ୍ଠ ତାଳପଦାରୁ ଘଟଣାର ମୁଖ୍ୟ କୁହାଯାଉଥିବା ମଲ୍ଲିକ ଉସ୍ତାଦ ଔରଫ ଡାକ୍ତରକୁ ଗିରଫ କରିଛି ପୁଲିସ । ତେବେ ସୂଚନା ଅନୁଯାଇ ଡାକ୍ତରକୁ ଧରିବା ପାଇଁ ପୁଲିସ କୁ ବେସ ନାକେଦମ ହେବାକୁ ପଡିଛି । ପୁଲିସକୁ ଦେଖି ଡାକ୍ତର ଚମ୍ପଟ ମାରିବାକୁ ବସିଥିବାବେଳେ ସବଇନ୍ସପେକ୍ଟର ସରୋଜ ଜେନା ଓ ଅନ୍ୟାନ୍ୟ କର୍ମଚାରୀ ତାର ପିଛା କରିଥିଲେ । ଶେଷରେ ଡାକ୍ତର ନିଜକୁ ବଞ୍ଚାଇବାକୁ ଯାଇ ଏକ ପୋଖରୀ ପାଣି ଭିତରେ ପଶି ଖସିଯିବାକୁ ବସିଥିବାବେଳେ ପୁଲିସ ପାଣି ଭିତରେ ହିଁ ତାକୁ କାବୁ କରିଥିଲା ।

## ତାଲା ଭାଙ୍ଗି ଅଳଙ୍କାର ସହ ନଗଦ ଟଙ୍କା ଚୋରି

ଯୋଡା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ନୟାକୃଷ୍ଣପୁର ଗାଁର ସାରଙ୍ଗଧର ମହାନ୍ତଙ୍କ ପରିବାରର କେହି ଘରେ ନ ଥିବାବେଳେ ଚୋରମାନେ ଘରର ତାଲା ଭାଙ୍ଗି ଚୋରୀ କରି ଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ,ଚୋରମାନେ ପ୍ରଥମେ ଘରର ତାଲା ଭାଙ୍ଗି ଭିତରକୁ ପଶି ଘର ଭିତରେ ଥିବା ଟ୍ରଙ୍କ୍ ତାଡ଼ି ସେଥିରେ ରଖାଯାଇଥିବା ସୁନା କାନଫୁଲ, ମୁଦି, ରୂପା ପାଉଁଜି ଓ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ । ଦିନ ପ୍ରାୟ ୧୦ଟାରୁ ୧୧ଟା ମଧ୍ୟରେ ଏହି ଚୋରିକାଣ୍ଡ ଘଟିଥିବା ଜଣାପଡ଼ିଛି । ପରିବାର ଲୋକେ ଘରକୁ ଫେରି ତାଲା ଭାଙ୍ଗିଥିବା ଦେଖି ଚୋରି ହୋଇଥିବା ଜାଣିପାରିଥିଲେ । ଏନେଇ ସାରଙ୍ଗଧର ମହାନ୍ତ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରି ଥିବା ସୂଚନା ଦେଇଛି ।

## ଆଶାଳୀନ ବ୍ୟବହାର କରି ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ଆଶାଳୀନ ବ୍ୟବହାର କରିବା ଅଭିଯୋଗରେ ଶହୀନଗର ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପପୁ ଓରଫ୍ ଘାସି ସ୍ୱାଇଁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ତା ଗତ ୭ତାରିଖ ରାତିରେ ସହିଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲି ଅଞ୍ଚଳର ଅଭିଯୁକ୍ତ ସାନ୍ତନୁ ପରିଡା ତାଙ୍କ ସହଯୋଗୀ ପପୁ ଓରଫ୍ ଘାସି ସ୍ୱାଇଁଙ୍କ ସହିତ ମିଶି ପୀଡିତାଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହ କାମରୁ ଘରକୁ ଫେରୁଥିବା ସମୟରେ ତାଙ୍କର ମୋବାଇଲ୍ ନମ୍ବର ମାଗିଥିଲେ । ପୀଡିତା ମନା କରିବାରୁ, ଉଭୟ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା, ଯାହା ଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ ଏବଂ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।ତଦନ୍ତରୁ ପୀଡିତା ଝିଅଙ୍କୁ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ସାନ୍ତନୁ ପରିଡାଙ୍କୁ ଗିରଫ କରାଯାଇ ଗତ ୮ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା ।

## ବଡ଼ ଧରଣର ଆର୍ଥିକ ଠକେଇର ପର୍ଦ୍ଦାଫାସ

# ଚାନ୍ଦବାଲି ସବ-ଟ୍ରେଜେରୀ କର୍ମଚାରୀଙ୍କ ସହ ୬ ଗିରଫ



କଟକ(ନିପ୍ର) : ଭିଜିଲାନ୍ସ ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ସବ ରେଜିଷ୍ଟର ଅଫିସରେ ହୋଇଥିବା ଦୁର୍ନୀତିର ଫର୍ଦ୍ଦାଫାଶ କରାଯାଇଛି । ଗତ ୨୦୧୮ ମସିହାରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିଛି ଭିଜିଲାନ୍ସ । ଏଥିରେ ସମ୍ପୃକ୍ତ ଚାନ୍ଦବାଲି ଟ୍ରେଜେରୀ ଅଫିସର ପୂର୍ବତନ ବରିଷ୍ଠ କିରାଣୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ସରକାରୀ ଅର୍ଥ ହଡପ ଅଭିଯୋଗରେ ଶିବଶଙ୍କର ସାମଲ, ସନ୍ଦୀପ କୁମାର ମିତ୍ର, ଦେବଶଙ୍କର ସାମଲ, ପ୍ରଫୁଲ୍ଲ କୁମାର ରାଉତ, ଅଭୟ କୁମାର ପଣ୍ଡାଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୮ ମସିହା ଜୁଲାଇ ୨୫ ତାରିଖ ଠାରୁ ୨୦୨୫ ମସିହା ମେ ୪ ତାରିଖ ମଧ୍ୟରେ ସନ୍ତୋଷ କୁମାର ପଣ୍ଡା ୧୦୨ ଗୋଟି ମିଥ୍ୟା ଜାଲିଆତି ବିଲ କରି ୩୭ ଗୋଟି ଏକାଉଣ୍ଟ ମାଧ୍ୟମରେ ୮ କୋଟି ୪ ଲକ୍ଷ ୭୬ ହଜାର ୧୪୬ ଟଙ୍କା ହଡପ କରିଥିଲେ । ଏପରିକି ଏହି ଟଙ୍କାକୁ ସେ ଗିରଫ ହୋଇଥିବା ୫ ଜଣଙ୍କୁ ପ୍ରଦାନ କରିଥିଲେ । ଏଥିପାଇଁ ସେ ବିଭିନ୍ନ ପ୍ରକାରର ଅଭିନବ ଉପାୟରେ ମିଥ୍ୟା ଜାଲିଆତି ବିଲ ପ୍ରସ୍ତୁତ କରି ଟଙ୍କା ହଡପ କରିଥିଲେ । ଏହି ଖବର ରାଜ୍ୟ ଭିଜିଲାନ୍ସ ପାଖରେ ପହଞ୍ଚିବା ପରେ ଭିଜିଲାନ୍ସ ଟିମ ଗିରଫ ହୋଇଥିବା ପଣ୍ଡାଙ୍କ ତିହିଡ଼ି ବ୍ଲକ ଆରସା ସ୍ଥିତ ବାସଭବନ ଠାରେ ପ୍ରଥମେ ଖାନ ତଲାଶ କରିବା ପରେ ଏହି ମହା ଦୁର୍ନୀତିର ଖୁଲାସା ହୋଇଥିଲା । ତେବେ ଏହି ୬ ଜଣକୁ ଭିଜିଲାନ୍ସ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବାଲେଶ୍ୱରକୁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

# ଲକ୍ଷ୍ନୌକୁ ୫ ୱିକେଟରେ ହରାଇଲା ସିଏସ୍‌କେ

ନୂଆଦିଲ୍ଲୀ,୧୦।୫: ଚେନ୍ନାଇ ସୁପରକିଙ୍ଗ୍ସର ଦମଦାର ବିଜୟ । ଲକ୍ଷ୍ନୌକୁ ୫ ୱିକେଟରେ ପରାସ୍ତ କରିଛି । ୨୦୪ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୪ ବଲ ବାକିଥାଇ ଜିତି ନେଇଛି ଗାଏକ୍ୱାଡ ବାହିନୀ। ଚେନ୍ନାଇ ପକ୍ଷରୁ ଉର୍ବିଲ ପଟେଲ ୨୩ ବଲରୁ ୬୫ ରନ କରିଛନ୍ତି । ୨୦୪ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଚେନ୍ନାଇର ଦୁଇ ଓପନର ସାମସନ ଏବଂ ଗାଏକ୍ୱାଡ ଭଲ ଆରମ୍ଭ କରିଥିଲେ । ସାମସନ ୨୮ ରନ କରିଥିବାବେଳେ ଗାଏକ୍ୱାଡ ୪୨ ରନ କରିଛନ୍ତି । ପରେ କାର୍ତ୍ତିକ ଶର୍ମା ୨୦ ରନ କରିଥିଲେ । ଏହାସହ ଦୁବେ ୭ ବଲରୁ ୧୫ ରନ କରିଥିବାବେଳେ ପ୍ରଶାନ୍ତ ବୀର ୧୨ ବଲରୁ ୧୮ ରନ କରିଛନ୍ତି । ସେପଟେ ଲକ୍ଷ୍ନୌ ପକ୍ଷରୁ ସେହେବାଜ ଅହମ୍ମଦ ଏବଂ ଦିଗବେଶ ରାଠି ୨ଟି ଲେଖାଏଁ ୱିକେଟ ନେବାରେ ସଫଳ ହୋଇଛନ୍ତି । ଆଭେଶ ଖାନ ଗୋଟିଏ ୱିକେଟ ନେଇଥିବାବେଳେ



ସାମି ୱିକେଟ ନେଇପାରିନାହାନ୍ତି । ଟସ୍ ଜିତି ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ । ଲକ୍ଷ୍ନୌକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ୮ ୱିକେଟ ବିନିମୟରେ ୨୦୩ ରନ କରିଥିଲା ପନ୍ତ ବାହିନୀ । ଦଳ ପକ୍ଷରୁ ଇଂଲିସ ସର୍ବାଧିକ ୩୩ ବଲରୁ ୮୫ ରନ କରିବାରେ ସକ୍ଷମ ହୋଇଥିଲେ । ସେପଟେ ଚେନ୍ନାଇ ପକ୍ଷରୁ ଓଭରଟନ୍ ୩ ୱିକେଟ୍ ନେଇଥିଲେ । ଲକ୍ଷ୍ନୌର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପୁରନ ୧, ପନ୍ତ ୧୫, ମାକ୍ରମ ୬ ଏବଂ ରଘୁବଂଶୀ ୧୮ ରନ କରିଥିଲେ । ପରେ ଶେଷ ଓଭର ଗୁଡ଼ିକରେ ବଡ଼ ବଡ଼ ସଟ୍ ଖେଳିଥିଲେ ସେହେବାଜ୍ ଅହମ୍ମଦ । ସେ ୨୫ ବଲରୁ ୪୩ ରନ କରିଥିଲେ । ଦଳର ବାକି ବ୍ୟାଟ୍ସମ୍ୟାନ ବଡ଼ ପାଳି ଖେଳିବାରେ ବିଫଳ ହୋଇଥିଲେ । ସେପଟେ ଚେନ୍ନାଇ ପକ୍ଷରୁ କମ୍ବୁଜ ୨ ଏବଂ ନୂର ଅହମ୍ମଦ ଗୋଟିଏ ୱିକେଟ ନେବାରେ ସଫଳ ହୋଇଥିଲେ ।

# ୧୭ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୩ରୁ




ଭୁବନେଶ୍ୱର,୧୦।୫: କିଟ୍ ୟୁନିଭରସିଟି କ୍ୟାମ୍ପସ-୧୦ସ୍ଥିତ ବିଶ୍ୱନାଥନ୍ ଆନନ୍ଦ ଇଣ୍ଟରନ୍ୟାସନାଲ ଚେସ୍ ହଲ୍‌ଠାରେ ଆଗାମୀ ୨୩ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ମର୍ଯ୍ୟାଦାଜନକ ୧୭ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ-୨୦୨୬ ଆରମ୍ଭ ହେବାକୁ ଯାଉଛି । ଅନ୍ତର୍ଜାତୀୟ ଚେସ୍ ଫେଡେରେସନ ଓ ସର୍ବଭାରତୀୟ ଚେସ୍ ଫେଡେରେସନ ଅଧୀନରେ ଏହି ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବରେ ସମୁଦାୟ ପୁରସ୍କାର ମୂଲ୍ୟ ରହିଛି ୧.୩୧ କୋଟି। ପ୍ରାୟ ୪୦ଟି ଦେଶରୁ ୮୫ରୁ ଅଧିକ ଅନ୍ତର୍ଜାତୀୟ ଟାଇଟଲ ହୋଲଡର ଯୋଗ ଦେଉଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୩୦ଜଣ ଗ୍ରାଣ୍ଡମାଷ୍ଟର, ୪୫ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର, ୫ଜଣ ଫିଡେ ମାଷ୍ଟର, ଜଣେ ମହିଳା ଗ୍ରାଣ୍ଡ୍ ମାଷ୍ଟର ଓ ୩ଜଣ ମହିଳା ଅନ୍ତର୍ଜାତୀୟ ମାଷ୍ଟର ।

### ଆରମ୍ଭ ହେବ କଡ଼ା ଚେକିଂ

## ଅମାନିଆ ହେଲେ ଗଣିବେ ଦଣ୍ଡ

ଭୁବନେଶ୍ୱର,୧୦।୫: ଆରମ୍ଭ ହେବାକୁ ଯାଉଛି କଡ଼ା ଚେକିଂ। ସରକାରଙ୍କ ତରଫରୁ ଆରଟିଓମାନଙ୍କୁ ଟାର୍ଗେଟ ଫିକ୍ସ କରିଛି ପରିବହନ ବିଭାଗ। ପ୍ରକୃତରେ ଯାନବାହନ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ଏବଂ ଓଭରଲୋଡିଂ ଯାନ ସଂଖ୍ୟା ବୃଦ୍ଧି ପାଉଛି। ଏମିତିରେ ରାଜ୍ୟର ବର୍ତ୍ତମାନର ଦୁର୍ଘଟଣା ପରିସ୍ଥିତି ଏବଂ ଯାନବାହାନ ସଂଖ୍ୟାକୁ ବିଚାର କରି, ଅଧିକାରୀ ଏବଂ ଅଞ୍ଚଳ ଅନୁଯାୟୀ ମୋଟର ଗାଡ଼ି ଅପରାଧ ଚିହ୍ନଟ ଏବଂ ଏହାର ରାଜସ୍ୱ ସଂଗ୍ରହ ଉଭୟ ଲକ୍ଷ୍ୟ ସ୍ଥିର କରାଯାଇଛି। ପ୍ରତି ମାସ ପାଇଁ ବିଭାଗ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ ନେଇ ରାସ୍ତାକୁ ଓହ୍ଲାଇବେ ଆରଟିଓ ଅଧିକାରୀ । ମିଳିଥିବା ସୂଚନା ଅନୁସାରେ, କେବଳ ଭୁବନେଶ୍ୱର ଆରଟିଓ ୧ ଏବଂ ୨ ଓ ଖୋର୍ଦ୍ଧା ପାଇଁ ୧ କୋଟି ୨୧ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଫାଇନ ଟଙ୍କା ଅତିରିକ୍ତ ଆରଟିଓ, ଏମଭିଆଇ, ଜୁନିୟର ଏମଭିଆଇ ଓ ଟ୍ରାଫିକ ଇନ୍ସପେକ୍ଟର ଆଦାୟ କରିବେ। ସେହିଭଳି କଟକ, ଅନୁଗୁଳ ଆରଟିଓ ପାଇଁ ୬୨ ଲକ୍ଷ, ଗଞ୍ଜାମକୁ ୬୭ ଲକ୍ଷ, ଝାରସୁଗୁଡ଼ା ପାଇଁ ୬୦ ଲକ୍ଷ, ଚଣ୍ଡିଖୋଲ, ବାଲେଶ୍ୱର, ଭଦ୍ରକ, ରାଉରକେଲା ପାଇଁ ୬୪ ଲକ୍ଷ, ଯାଜପୁର ଓ କେନ୍ଦ୍ରାପଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ପାଇଁ ୫୨ ଲକ୍ଷ, ନୟାଗଡ଼ ୪୭ ଲକ୍ଷ ଟଙ୍କା। କେବଳ ଏତିକି ନୁହେଁ ମାଲ ବୁହା ଗାଡ଼ିରେ ଲୋକମାନେ ଗଲେ ଓ ମାଲବୁହା ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଲୋଡ଼ କଲେ ଏବଂ ଯେକୌଣସି ଗାଡ଼ିର ପଛ ପଟ ଲାଇଟ ଜଳୁ ନଥିଲେ କଡ଼ା ଫାଇନ ଆଦାୟ କରିବେ ଅଧିକାରୀ । ମୋଟ ଉପରେ ୧୦ରୁ ଅଧିକ ପ୍ରକାରର ଆଇନକୁ ଅମାନ୍ୟ କଲେ ଦଣ୍ଡ ଗଣିବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟରେ ରାଜସ୍ୱ ଆଦାୟ ବୃଦ୍ଧି ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ବିଭାଗକୁ ବଡ଼ ଟାର୍ଗେଟ ଦିଆଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ସଡ଼କ ଦୁର୍ଘଟଣା କମାଇବା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି କରିବାକୁ କୁହାଯାଇଛି । କିନ୍ତୁ ଏହାଦ୍ୱାରା ସାଧାରଣ ଲୋକେ ବହୁତ ହନ୍ତସନ୍ତ ହେବାର ସମ୍ଭାବନା ରହିଛି।

## ବେଆଇନ ଆଇପିଏଲ ବେଟିଂ ରାକେଟ ଠାବ: ୨ ଜଣଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୧୦।୫: ବ୍ରହ୍ମପୁରରେ ପୁଣି ବେଆଇନ ଆଇପିଏଲ ବେଟିଂ ରାକେଟକୁ କାବୁ କଲା ବଡ଼ବଜାର ପୋଲିସ। ଏହି ବେଟିଂ ଚଳାଉଥିବା ଅଭିଯୋଗରେ ବଡ଼ବଜାର ଥାନା ଅଞ୍ଚଳ ଶାନ୍ତି ନଗର ଚତୁର୍ଥ ଲେନର ରଜନୀ ରଞ୍ଜନ ରାଉତ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି ବଡ଼ବଜାର ପୋଲିସ। ସ୍କାଇ ଏକ୍ସଚେଞ୍ଜ ପ୍ଲାଟଫର୍ମରେ ବେଟିଂ ଚଳାଇଥିବା ବେଳେ ତାଙ୍କୁ କାବୁ କରିଛି ପୋଲିସ। ତାଙ୍କ ଠାରୁ ଦୁଇଟି ମୋବାଇଲ ଫୋନ ଓ ନଗଦ ୫୦, ୨୦୦ ଟଙ୍କା ଜବତ କରାଯାଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ସୂଚନାଥାଉକି, ଏହା ପୂର୍ବରୁ ଗତ ଏପ୍ରିଲ ୩୦ ତାରିଖରେ




ଟାଉନ ଥାନା ଏବଂ ବଡବଜାର ଥାନା ଅଞ୍ଚଳରେ ଚାଲିଥିବା ବେଟିଂ ଅପରେସନରେ ମଧ୍ୟ ବ୍ରହ୍ମପୁର ପୋଲିସକୁ ସଫଳତା ମିଳିଥିଲା। ଏହି ମାମଲାରେ ଦୁଇ ଅଭିଯୁକ୍ତ ରୋହିତ ମହାନ୍ତି ଓ ବାଦଲ ଗୌଡ଼ଙ୍କୁ ପୋଲିସ ଗିରଫ କରିଛି। ଏପ୍ରିଲ ୨୯ରେ ରାତି ପ୍ରାୟ ୯ ଟା ୩୦ ସମୟରେ ପୋଲିସ ପେଟ୍ରୋଲିଙ୍ଗ ବେଳେ ବେଟିଂ ଚାଲିଥିବା ବେଳେ ପୋଲିସର ନଜରକୁ ଆସିଥିଲା। ଗାନ୍ଧୀ ନଗରର ସାଇ କମ୍ପ୍ଲେକ୍ସସ୍ଥିତ ସୁଭମ ମୋବାଇଲ୍ ଦୋକାନରେ ବେଆଇନ୍ ଅନଲାଇନ୍ ବାଜି କାର୍ଯ୍ୟକଳାପ ଚାଲିଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଘଟଣା ସ୍ଥଳରେ ଚଢାଉକରି ଏମାନଙ୍କୁ ଧରିଥିଲା ପୋଲିସ।

## ପର୍ବତାରୋହୀ ଶରଣ୍ୟା ଶ୍ରେଷ୍ଠା ପଣ୍ଡା ସମ୍ବର୍ଦ୍ଧିତ

ସମ୍ବଲପୁର,୧୦।୫: ରବିବାର ସକାଳେ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମ୍ବଲପୁର ସହରର ୧୩ ବର୍ଷିୟା ନାବାଳିକା ଚର୍ଚ୍ଚିତା ପର୍ବତାରୋହୀ ଶରଣ୍ୟା ଶ୍ରେଷ୍ଠା ପଣ୍ଡାଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସାହିତ କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ନିକଟରେ ଇଣ୍ଡିଆନ ହାଇଟ୍ ପକ୍ଷରୁ ହିମାଳୟାନ ଟ୍ରେକିଙ୍ଗ୍ କ୍ୟାମ୍ପରେ ଶରଣ୍ୟା ସଫଳତା ପାଇବା ପରେ କେବଳ ପରିବାର ବା ସମ୍ବଲପୁର ପାଇ ନୁହେଁ, ସମଗ୍ର ଓଡ଼ିଶା ପାଇଁ ସେ ଗର୍ବର କାରଣ ପାଲଟିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କୁ ଆଗାମୀ ଦିନରେ ଆହୁରି ଅଧିକ ସଫଳତା ପାଇଁ ଉତ୍ସାହିତ କରିଥିଲେ । ଉପସ୍ଥିତ ମହଲ ମଧ୍ୟ କରତାଳି ଦେଇ ତାଙ୍କୁ ଉତ୍ସାହିତ କରିଥିଲେ।

## ଆଜିଠାରୁ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା

ପୁରୀ,୧୦।୫(ନିପ୍ର) ଗତକାଲି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ପ୍ରସିଦ୍ଧ ଭଉଁରୀ ଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହୋଇଯାଇଛି ।ଆସନ୍ତା କାଲି ଅର୍ଥାତ୍ ୧୧ ତାରିଖ ସୋମବାର ଠାରୁ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କର ଏକୋଇଶି ଦିନ ବ୍ୟାପୀ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଚନ୍ଦନ ଚକଡାରେ ଭଜନ କାର୍ଯ୍ୟ ସମ୍ପାଦିତ ହୋଇଛି। ଆଜି ମହାପ୍ରଭୁଙ୍କର ପ୍ରିୟ ଗୀତ 'ଦେଖ ଗୋ ମଣି ବିମାନରେ ଝୁଲି ଝୁଲି ଆସୁଛନ୍ତି ମଦନ ମୋହନ' ଗୀତରେ ଚନ୍ଦନ ବେଶ ପରିବେଶ ଭାବମଧୁର ହୋଇଉଠିଥିଲା।

## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ପୁରୀ,୧୦।୫(ନିପ୍ର): ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଶୁଭେନ୍ଦୁ ଅଧିକାରୀ କୋଲକତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ଏଥିସହ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ତାଙ୍କୁ ସଫଳତା ମିଳିଥିବା ନେଇ ଦଇତାପତି ଭବାନୀ ଦାସ ମହାପାତ୍ରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।ଶ୍ରୀ ଦାସ ମହାପାତ୍ର ପୁରୀ ଶ୍ରୀମନ୍ଦିରରୁ ଯାଇଥିବା ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର,ପୁଷ୍ପ ଓ ଭୋଗ ଆଦି ପ୍ରଦାନ କରିଛନ୍ତି। ଏହି ଅବସରରେ ଦଇତାପତି ଶ୍ରୀ ଦାସ ମହାପାତ୍ର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବା ପାଇଁ ନିମନ୍ତ୍ରଣ କରିଛନ୍ତି ।

## ତାରାସିଂ ବନାଞ୍ଚଳରେ ଅସୁସ୍ଥ ଦନ୍ତା ହାତୀର ମୃତଦେହ ଉଦ୍ଧାର

ଗଞ୍ଜାମ,୧୦।୫: ଗଞ୍ଜାମ ଜିଲ୍ଲା ତାରାସିଂ ବନାଂଚଳରେ ଏକ ଅସୁସ୍ଥ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ଉତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ତାରାସିଂ ବନାଚଂଳ ଘୋଗଡ଼ ସଂରକ୍ଷିତ ଜଙ୍ଗଲ ନିକଟ ତାଳଗଣ୍ଡ ଅନ୍ଧାରିଆ ନାଳ ନିକଟରୁ ଏହି ହାତୀର ମୃତଦେହ ଉଦ୍ଧାର ହୋଇଛି । ହାତୀଟିର ବୟସ ପ୍ରାୟ ୧୫ ବର୍ଷ ହେବ । ଅସୁସ୍ଥତା କାରଣରୁ ୨-୩ ଦିନ ତଳେ ତା'ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଭୁବନେଶ୍ୱର ଜେ.ଟି.ଏଫ. ଟିମ୍ ଘଟଣାସ୍ଥଳରେ ପହଂଚି ଅନୁଧ୍ୟାନ କରିବା ସହ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯିବ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ଏ.ସି.ଏଫ. ବିମଳ ପ୍ରଧାନ, ରେଞ୍ଜର ପ୍ରଶାନ୍ତ ବେହେରା ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଏହି ହାତୀଟି ପଡ଼ୋଶି ନୟାଗଡ଼ ଜିଲ୍ଲାର ଦଶପଲ୍ଲା ରେଞ୍ଜ୍ ଅଂଚଳରୁ ଆସିଥିବା ଏକ ୬ଟିକିଆ ହାତୀପଲ ସହିତ ଘୁରି ବୁଲୁଥିଲା । ଅସୁସ୍ଥ ହୋଇଥିବା ଜଣାପଡିବା ପରେ ନୟାଗଡ଼ ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ଜାରି ରହିଥିଲା । ଏହି ହାତୀ ପଲ ଗତ ୨ ତାରିଖରେ ଘୋଗଡ଼ ସେକ୍ସନକୁ ଆସିଥିଲେ । ଅସୁସ୍ଥ ହାତୀଟି ଉପରେ ନଜର ରଖାଯାଇଥିଲା । କିନ୍ତୁ, ଶେଷରେ ହାତୀଟିର ମୃତ୍ୟୁ ଘଟିଛି । ପ୍ରକାଶ ଥାଉକି, ଗତ ମାର୍ଚ୍ଚ ମାସରେ ଏହି ବନାଚଂଳରେ ଗାୟଗଣ୍ଡା ସେକ୍ସନ ଅଧିନ ଆମ୍ବଝରା ସଂରକ୍ଷିତ ଜଙ୍ଗଲ ନିକଟରୁ ଏକ ମାଈ ହାତୀର ମୃତଦେହ ଉଦ୍ଧାର ହୋଇଥିଲା ।

### ଚାରିଛକରେ ଯାତ୍ରୀ ନିବାସ ନିର୍ମାଣ ପାଇଁ ଦାବି

## ପ୍ରଶାସନ ଓ ଉପ-ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ

ଚାରିଛକ,୧୦/୫(ନିପ୍ର): ପୁରୀ ଜିଲ୍ଲାର ପ୍ରମୁଖ ସଂଯୋଗସ୍ଥଳୀ କୁହାଯାଉଥିବା ଚାରିଛକ ବଜାରରେ ଦୀର୍ଘ ବର୍ଷ ହେଲା ଏକ ଯାତ୍ରୀ ନିବାସ ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାରିଛକ ଦେଇ ପ୍ରତିଦିନ ପୁରୀ ସମେତ କଟକ, ଖୋର୍ଦ୍ଧା ଓ



ଜଗତସିଂହପୁର ଜିଲ୍ଲାର ହଜାର ହଜାର ଦୈନନ୍ଦିନ ଯାତ୍ରୀ ଓ ପର୍ଯ୍ୟଟକ ଯାତାୟାତ କରିଥାନ୍ତି। ମାତ୍ର ବିଶ୍ରାମ ନେବା ପାଇଁ ଉପଯୁକ୍ତ ସ୍ଥାନଟିଏ ନଥିବାରୁ ବିଶେଷ କରି ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧାମାନେ ଖରା ଓ ବର୍ଷାରେ ବହୁ କଷ୍ଟ ପାଉଛନ୍ତି। ଏଠାରେ ତୁରନ୍ତ ଏକ ଅତ୍ୟାଧୁନିକ ଯାତ୍ରୀ ନିବାସ ନିର୍ମାଣ କରିବା ପାଇଁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମାଜସେବୀ ଦାବି କରିଛନ୍ତି। ସମାଜସେବୀ ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ, ପ୍ରାକ୍ତନ ଅଧ୍ୟକ୍ଷ ଗୋପୀନାଥ କର, ଡକ୍ଟର କେଦାରନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର ଏହି ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯାତ୍ରୀମାନଙ୍କର ଏହି ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଏକ ଯାତ୍ରୀ ନିବାସ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଯଦି ଏହି ଦାବି ପୂରଣ ହୁଏ, ତେବେ ଏହା ଚାରି ଜିଲ୍ଲାର ଯାତ୍ରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ ପାଇଛି।

## ସ୍ୱର୍ଗଦ୍ୱାର ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ

ପୁରୀ,୧୦।୫(ନିପ୍ର): ପୁରୀ ସ୍ୱର୍ଗଦ୍ୱାର କେବଳ ହିନ୍ଦୁମାନଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଉଦ୍ଦିଷ୍ଟ ବୋଲି ଏକ ସୂଚନା ଫଳକ ଲଗାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି । ପୁରୀ ସ୍ୱର୍ଗଦ୍ୱାର କେବଳ ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ । ବିଶ୍ୱର କୋଣ ଅନୁକୋଣରୁ ହିନ୍ଦୁମାନଙ୍କ ମର ଶରୀର ସଂସ୍କାର ପାଇଁ ସ୍ୱର୍ଗଦ୍ୱାର ଆସୁଛନ୍ତି । ସ୍ୱର୍ଗଦ୍ୱାରରେ ଶବ ଦାହ କଲେ ମର ଶରୀର ସ୍ୱର୍ଗକୁ ଯାଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରାଚୀନ କାଳରୁ ଏହି ପରମ୍ପରା ଓ ଧର୍ମ ବିଶ୍ୱାସ ରହିଛି । ସ୍ୱର୍ଗଦ୍ୱାର ମର୍ଯ୍ୟାଦା ଓ ପବିତ୍ରତା ରକ୍ଷାକରିବା ପାଇଁ ଏହି ସାଇନବୋର୍ଡ ଲଗାଇବା ପାଇଁ ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ କୁମାର ରଥ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ନାକଟିଦେଉଳ, ରେଢ଼ାଖୋଲ ଓ ଯୁଯୁମୁରାକୁ ୧୯୪ କୋଟି ଭେଟି

ରେଢ଼ାଖୋଲ,୧୦।୫(ନିପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲ୍ଲାର ନାକଟିଦେଉଳ, ରେଢାଖୋଲ ଏବଂ ଯୁଯୁମୁରା ବ୍ଲକର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୧୯୪ କୋଟି ଟଙ୍କା ବ୍ୟୟରେ ୪୮ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହିଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରର ବୀରତ୍ୱର ଗାଥାକୁ ସ୍ମରଣ କରି କହିଛନ୍ତି ଯେ, ଏହି ମାଟି ହେଉଛି ସଂଘର୍ଷର ମାଟି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ପରି ବୀରମାନେ ସ୍ୱାଭିମାନ ପାଇଁ ଇଂରେଜଙ୍କ ବିରୋଧରେ ସାଲିସବିହୀନ ଲଢେଇ କରିଥିଲେ। ସେହି ପବିତ୍ର ଭୂମିକୁ ପ୍ରଣାମ ଜଣାଇବା ସହ ଆଜି ଅନେକ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ମଧ୍ୟ ହସ୍ତାନ୍ତରଣ କରିଛନ୍ତି ।ପର୍ଯ୍ୟଟନ ଓ ଐତିହ୍ୟରବିକାଶକୁ ଗୁରୁତ୍ୱ ଦେଇ ଶ୍ରୀ ପ୍ରଧାନ ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଐତିହ୍ୟ ସ୍ଥଳୀରବିକାଶ ପାଇଁ ପ୍ରାୟ ୮ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା ଅନୁମୋଦନ ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଖୁବ୍ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ଓ ବିଶ୍ରାମ ଗୃହ ନିର୍ମାଣ କରାଯିବ, ଯାହା ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ଲୋକଲୋଚନକୁ ଆଣିବ। ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ନାକଟିଦେଉଳ ଠାରେ କମ୍ୟୁନିଟି ହେଲଥ୍ ସେଣ୍ଟରର ନୂତନ ଭବନ ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁପ୍ରୋତ୍ସାହିତ କରିବା ପାଇଁ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି।

## ମହାନଦୀ ଗର୍ଭରେ ହଜିଯାଇଛି ଐତିହ୍ୟ ସମ୍ପନ୍ନ ଗ୍ରାମ ପଦ୍ମାବତୀ

ଭାପୁର,୧୦।୫(ନିପ୍ର): ମୃଦୁ ମଳୟର ଆବାହନୀ କୁଳୁକୁଳୁ ନାଦରେ ପ୍ରବାହିନୀ ଚୀରସ୍ରୋତା ମହାନଦୀ ଓଡ଼ିଶାର ସଭ୍ୟତା, ସଂସ୍କୃତି, ଐତିହ୍ୟ, ନୌବାଣିଜ୍ୟ, ଆର୍ଥିକ ପ୍ରଗତିର ବାର୍ତ୍ତାବହ। ଏହାର ଦୁଇ କୂଳରେ କାଳକ୍ରମେ ଜଳବସତିକୁ ନେଇ ଗଢି ଉଠିଥିଲା 'ମହାନଦୀ ଅବବାହିକା ସଭ୍ୟତା' ଯାହା ଓଡ଼ିଶାର ଅନ୍ୟତମ ପୁରାତନ ସଭ୍ୟତା ବୋଲି କୁହାଯାଏ। ସେହି ସଭ୍ୟତାର ଅନ୍ୟତମ ପ୍ରମୁଖ ଭାଗ ହେଲା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ । ପଦ୍ମାବତୀ ଗ୍ରାମରେ ମୁଖ୍ୟତଃ ବେପାରବାଣିଜ୍ୟ କରୁଥିବା ତୈଳିକ ମହାଜନ ଓ ମହାନଦୀରେ ନୌକା ଚାଳନା କରୁଥିବା କୈବର୍ତ୍ତ ସମାଜର ଯୁଗଳବନ୍ଦୀରେ ସମ୍ବଲପୁର ଠାରୁ କଟକ ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ କରି ପଦ୍ମାବତୀ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏହି ଗ୍ରାମର କଳା, ସଂସ୍କୃତି, ପରମ୍ପରା ଓ ଆର୍ଥିକ ପ୍ରଗତିର ମୂକସାକ୍ଷୀ ଭାବେ ପ୍ରତିଷ୍ଠିତ ହୋଇଥିଲେ ଗ୍ରାମର ଆରାଧ୍ୟ ଗୋପୀନାଥ ଜୀଉ, ରାସବିହାରୀଙ୍କ ମନ୍ଦିର। ଏହି ଐତିହ୍ୟ ସମ୍ପନ୍ନ ଗାଁ ୧୯୩୩ ମସିହାର ମହାନଦୀରେ ଆସିଥିବା ପ୍ରଳୟଙ୍କରୀ



ବନ୍ୟାରେ ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ ଗ୍ରାମଟି ସମ୍ପୂର୍ଣ୍ଣ ଭାବେ ମହାନଦୀ ଗର୍ଭରେ ଲୀନ ହୋଇଯାଇଥିଲା। ଏହାପରେ ଅନେକ ନିଜ ଭିଟାମାଟି ଛାଡି ନିକଟସ୍ଥ ରଗଡିପଡା, ଟିକିରିପଡା, ଯଶୋବନ୍ତପୁର, କାଚେରାଟାଙ୍ଗୀ, ମାଳିବେରେଣୀ ଓ ବଡମ୍ବାରେ ରହିବାକୁ ଆରମ୍ଭ କରିଥିଲେ। କେତେକ ମାଟି ମାଆକୁ ଛାଡି ନପାରି ମାଙ୍କଡ଼ ଖିଆ ପାହାଡ ପାଦଦେଶରେ ଥିବା ବୋରେହୀ ଜଙ୍ଗଲକୁ ସଫାକରି ସେଠାରେ ନୂତନ ପଦ୍ମାବତୀ ଗ୍ରାମ ସ୍ଥାପନ କରିଥିଲେ। ମହାନଦୀରେ ଲିନ ହୋଇଯାଇଥିବା ପଦ୍ମାବତୀ ଗ୍ରାମ ଓ ମହାନଦୀ ଅବବାହିକା ସଭ୍ୟତା ଉପରେ ଆଜି ପର୍ଯ୍ୟନ୍ତ ସରକାରୀ ଭାବେ କି ବେସରକାରୀ ଭାବେ ଗବେଷଣା କି ଅନୁସନ୍ଧାନ ହୋଇନାହିଁ। ମାତ୍ର ଏହି ଅନାଲୋଚିତ ମହାନ ସଭ୍ୟତା ଓ ସଂସ୍କୃତି ସମ୍ପନ୍ନ ଗାଁ ଉପରେ ଗବେଷଣା କରିବା ପାଇଁ ସେହି ଐତିହ୍ୟ ସମ୍ପନ୍ନ ଗ୍ରାମର ବୁଡି ଯାଇଥିବା ଗ୍ରାମର ମନ୍ଦିର ଚୂଡା ମହାନଦୀର ଜଳରାଶିରେ ଉଭା ହୋଇ ଆର୍ତ୍ତଚିତ୍କାର କରୁଛି ଓ ପ୍ରମାଣଭାବେ ଠିଆ ହୋଇଛି। ବର୍ତ୍ତମାନ ମହାନଦୀରେ ପ୍ରବାହିତ ଜଳରାଶି କମ ଥିବାରୁ ମହାନଦୀର ପାଣି ଭିତରେ ବୁଡିଯାଇଥିବା ଗ୍ରାମର ଗୋପୀନାଥ ଦେବ ମନ୍ଦିରର ଚୂଡା ସମ୍ପୂର୍ଣ୍ଣ ଭାବେ ଦେଖାଯାଉଛି। ଓଡିଶାର ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍କୁବା ଡ୍ରାଇଭର ସବିର ବକ୍ସ ଏଠାକୁ ଆସି ମହାନଦୀ ଭିତରେ ବୁଡି ମନ୍ଦିରର ସ୍ଥିତି ସମ୍ପର୍କରେ ପରଖିଛନ୍ତି। ଗ୍ରାମର ପୂର୍ବୋଜ ନାରାୟଣ ଚୌଧୁରୀ, ଦେବରାଜ ସାହୁ, ଗଙ୍ଗାଧର ସାହୁ, ବ୍ରଜକିଶୋର ସାହୁ, ଅଦୈତ ସାହୁ, ଖଳେଶ୍ୱର ସାହୁ ଓ କାର୍ତ୍ତିକ ସାହୁଙ୍କ ନୀତି ଆଦର୍ଶ ଯୋଗୁଁ ଗ୍ରାମରେ ସାଂସ୍କୃତିକ ଭାଇଚାରା ଏବେବି ଅନ୍ୟ ଗ୍ରାମବାସୀ ମାନଙ୍କ ପାଇଁ ଅନୁକରଣୀୟ। ଅଞ୍ଚଳର ବୁଦ୍ଧିଜୀବୀମାନେ ଗ୍ରାମର ଐତିହ୍ୟ ଓ ଗୌରବମୟ ଇତିହାସ ଉପରେ ଅନୁସନ୍ଧାନ ପାଇଁ ମୂକସାକ୍ଷୀ ଭାବେ ମହାନଦୀ ଗର୍ଭରେ ଦୃଶ୍ୟମାନ ହୋଇଥିବା ମନ୍ଦିର ଚୂଡାରୁ ଆରମ୍ଭ କରିବାକୁ ଐତିହାସିକ ମାନଙ୍କୁ ଆହ୍ୱାନ ଦେଇଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ